


বিশ্বকপ্ খেলিবে অমিত্, শিলানন্দ

▶পৃষ্ঠা-১২ দেখন্তু...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-28 ♦WEDNESDAY ♦22 JULY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୨୮ ♦ବୁଧବାର ♦୨୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ନିଟ୍ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ
# ନ୍ୟାୟ ଦାବିକୁ ରକ୍ତାକ୍ତ ଦମନ

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କଂଗ୍ରେସର ଧାରଣା

ରାହୁଲ ଓ ପ୍ରିୟଙ୍କାଙ୍କୁ ଉଠାଇନେଲା ପୁଲିସ

ପୁଲିସ ବର୍ବରତା ପାଇଁ ସରକାର କ୍ଷମା ମାଗନ୍ତୁ

ରାହୁଲଙ୍କୁ ଭେଟି ଆଲୋଚନା କଲେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର

ଯନ୍ତରମନ୍ତରରେ ପହଞ୍ଚିଲେ ପାୱାର, ସୁପ୍ରିୟା ସୁଲେ, କେଜ୍ରିୱାଲ, ଶାବନା ଆଜମୀ, ପ୍ରକାଶ ରାଜ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଗତକାଲି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ 'ସଂସଦ ଚଲୋ' ଅଭିଯାନ ବେଳେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏହାର ନିନ୍ଦା କରିବା ସହିତ ସରକାର ଓ ପୁଲିସ ଉପରେ ବର୍ଷିଛନ୍ତି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ହଜାର ହଜାର ଲୋକ ଜନ୍ତର ମନ୍ତରରେ ଏକତ୍ରିତ ହେଉଥିବା ବେଳେ ପୁଲିସ ବର୍ବରତାର ପ୍ରତିବାଦ ଜଣାଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ ମୁଖ୍ୟମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଛନ୍ତି। ପୁଲିସର ଅମାନୁଷିକତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରାହୁଲ କହିଛନ୍ତି।

ଗତକାଲିର ପୁଲିସ ବର୍ବରତା ନେଇ ଆକ୍ରୋଶ ବୃଦ୍ଧି ପାଉଥିବା ବେଳେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦ ଓ କଂଗ୍ରେସ ମୁଖ୍ୟମନ୍ତ୍ରୀ ଲୋକ କଲ୍ୟାଣ ମାର୍ଗ ▶ପୃଷ୍ଠା-୮

## ପ୍ରଶ୍ନପତ୍ର ଲିକ୍ 'ଘୋର ପାପ': ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ଜନ ଅସନ୍ତୋଷ ଓ ବିରୋଧ ପ୍ରଦର୍ଶନ ଜାରି ରହିଛି। ବହୁ ବିଳମ୍ବରେ ହେଲେ ମଧ୍ୟ ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଏନଡିଏ ସଂସଦୀୟ ଦଳ ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ପ୍ରଶ୍ନପତ୍ର ଲିକ୍‌କୁ ଏକ 'ପାପ' ବୋଲି ଅଭିହିତ କରିଛନ୍ତି। ଏହାସହ ଏଭଳି ଘଟଣା ଯେପରି ପୁନର୍ବାର ନଘଟେ ସେଥିପାଇଁ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିବା ମାତ୍ରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି ଏବଂ ସେମାନେ ବର୍ତ୍ତମାନ ପୁଲିସ ହେପାଜତରେ ଅଛନ୍ତି। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ସୂଚନା ଅନୁଯାୟୀ, ଦୋଷୀମାନଙ୍କୁ କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଭବିଷ୍ୟତରେ ଏଭଳି ଅପରାଧ ରୋକାଯିବା ପାଇଁ ଏବଂ ସର୍ବଭାରତୀୟ ସ୍ତରର ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ନିଷ୍ପତ୍ତି କ୍ରମେ ଜୁନ୍ ୨୧ ରେ ନିଟ୍ ପୁନଃ-ପରୀକ୍ଷା ସଫଳତାର ସହ ଶେଷ ହୋଇଛି ଏବଂ ନିର୍ଦ୍ଧାରିତ ସମୟରେ ଏହାର ଫଳାଫଳ ପ୍ରକାଶ କରାଯାଇଛି। ତଥାପି, ଫଳାଫଳ ପ୍ରକାଶ ପରେ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶର ଅନେକ ପ୍ରାର୍ଥୀ ଓଏମ୍ଆର୍ ସିଟ୍ ଏବଂ ସ୍କୋରରେ ତ୍ରୁଟି ଥିବା ନେଇ ନୂତନ ଅଭିଯୋଗ ଆଣିଛନ୍ତି। ସେପଟେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଆଜି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟ ସରକାରଙ୍କୁ ଏହି ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଦିଲ୍ଲୀରେ କେନ୍ଦ୍ର ସରକାରଙ୍କୁ ଘେରିଲେ ନବୀନ
# ଇସ୍ତଫା ଦିଅନ୍ତୁ ଶିକ୍ଷାମନ୍ତ୍ରୀ




ଆହତଙ୍କୁ ସହାୟତା ଓ ସହଯୋଗ ଲାଗି ପ୍ରତିଶ୍ରୁତି

■ ନୂଆଦିଲ୍ଲୀ, ୨୧।୭ (ସମିସ): ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ତୀବ୍ର ହେଉଥିବା ବେଳେ କେନ୍ଦ୍ର ସରକାରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଦେଶବ୍ୟାପୀ ବିରୋଧୀ ଦଳ ଗୁଡ଼ିକ ସରକାରଙ୍କୁ ଘେରୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତ ଅବସରରେ ମଙ୍ଗଳବାର ଦଳୀୟ ସାଂସଦ ସହ ଆଲୋଚନା ପରେ ସେ ସାମ୍ପ୍ରତିକ ଘଟଣାବଳୀକୁ ସ୍ୱର୍ଶକାତର ବୋଲି ମତ ରଖିଛନ୍ତି।

ଜାତୀୟ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ଦିଲ୍ଲୀର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ହିଂସାତ୍ମକ ଆକ୍ରମଣ ଗଣତନ୍ତ୍ର ପାଇଁ ଚିନ୍ତାଜନକ। ମୁଁ ଦିଲ୍ଲୀରେ ଘଟିଥିବା ଅତ୍ୟନ୍ତ ଗୁରୁତର ପରିସ୍ଥିତି ସମ୍ପର୍କରେ ବିଜୁ ଜନତା ଦଳର ସାଂସଦମାନଙ୍କ ସହ ଏକ ବୈଠକ କରିଛି। ଦୁଇ ଦିନ ପୂର୍ବରୁ ମୁଁ ଏହି ବିଷୟରେ ବିସ୍ତୃତ ମତ ରଖିଥିଲି, ଯାହାକୁ ଜାତୀୟ ଗଣମାଧ୍ୟମ ବ୍ୟାପକ ଭାବେ ପ୍ରସାର କରିଛି। ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଗୁରୁତର ଏବଂ ଉଦବେଗଜନକ। ଅନେକ ଯୁବ ଛାତ୍ରଛାତ୍ରୀଙ୍କ ଉପରେ ହିଂସାତ୍ମକ ଆକ୍ରମଣ ହୋଇଛି, ସେମାନେ ଗୁରୁତର ଭାବରେ ଆହତ ହୋଇଛନ୍ତି। ବିଜୁ ଜନତା ଦଳର ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କୁ ଡ଼ାକ୍ତରଖାନାରେ ଭେଟିଛନ୍ତି। ଆହତ ଯୁବକ ଯୁବତୀମାନଙ୍କ ପାଇଁ ଯାହା ସମ୍ଭବ ସମସ୍ତ ସହାୟତା କରିବାକୁ ଆଶ୍ୱାସନା ଦେଇଛନ୍ତି ଓ ସହଯୋଗ କରୁଛନ୍ତି। ଦିଲ୍ଲୀରେ ଘଟିଥିବା ଘଟଣା ଅତ୍ୟନ୍ତ ଗମ୍ଭୀର। କେବଳ ଦିଲ୍ଲୀରେ ନୁହେଁ; ଦେଶର ବିଭିନ୍ନ ସହର ଓ ବିଦେଶରେ ବିଭିନ୍ନ ଦେଶ ରାଜଧାନୀରେ ଥିବା ଭାରତୀୟ ଦୂତାବାସ ସମ୍ମୁଖରେ ମଧ୍ୟ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ▶ପୃଷ୍ଠା-୮

## ଓଡ଼ିଶାରେ କରୋନା
# ଏମ୍‌କେସିଜିରେ ୩ ସଂକ୍ରମିତ !



■ ବ୍ରହ୍ମପୁର, ୨୧।୭ (ସମିସ): ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋଭିଡ ସଂକ୍ରମଣ ଚିହ୍ନଟ ପରେ ଏବେ ଗଞ୍ଜାମରେ ମଧ୍ୟ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିହ୍ନଟ ହୋଇଥିବା ସମସ୍ତ ୩ଜଣ ଆକ୍ରାନ୍ତ ମହିଳା ହୋଇଥିବା ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହସ୍ପିଟାଲର ମାଇକ୍ରୋବାୟୋଲୋଜି ବିଭାଗ ଅଧୀନରେ ଥିବା ଭାଇରାଲ୍ ରିସର୍ଚ୍ଚ ଏବଂ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ(ଭିଆରଡ଼ିଏଲ) ରେ ସନ୍ଦିଗ୍ଧ ରୋଗୀଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ କୋଭିଡ଼ ପଜିଟିଭ ଥିବା ଜଣାପଡିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ଜଣେ ପ୍ରାୟ ୩୮ ବର୍ଷୀୟା ମହିଳା, ଜଣେ ଯୁବତୀ ଏବଂ ଜଣେ ମେଡିକାଲ କର୍ମଚାରୀ ରହିଥିବା ସୂଚନା ମିଳିଛି। ପ୍ରାୟ ୩୮ ବର୍ଷୀୟା ମହିଳା ଜଣକ ଏମକେସିଜି ମେଡ଼ିକାଲର ଏକ ନିର୍ଦ୍ଦିଷ୍ଟ ବିଭାଗରେ ଚିକିତ୍ସାଧୀନ ଥିଲେ। ଚିକିତ୍ସା ସମୟରେ ତାଙ୍କ ଠାରେ କୋଭିଡ ସଦୃଶ ଲକ୍ଷଣ ଦେଖାଯିବା ପରେ ଡାକ୍ତର କୋଭିଡ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ। ଭିଆରଡ଼ିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ପରୀକ୍ଷା ରିପୋର୍ଟରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ମେଡ଼ିକାଲ ପକ୍ଷରୁ ତାଙ୍କର ଚିକିତ୍ସା ଜାରି ରହିଥିବା ବେଳେ ସଂଘରୋଧ କକ୍ଷରେ ତାଙ୍କୁ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଥିବା ଜଣାପଡିଛି। ଆକ୍ରାନ୍ତଙ୍କ ମଧ୍ୟରେ ଥିବା ଡାକ୍ତରଖାନାର ଜନୈକା କର୍ମଚାରୀ କିଛିଦିନ ଧରି ଛୁଟିରେ ଥିବା ଜଣାପଡ଼ିଛି। ତୃତୀୟ ଆକ୍ରାନ୍ତ ଜଣେ ଯୁବତୀ ବୋଲି ସୂଚନା ମିଳିଛି। ଏହି ଘଟଣା ପରେ ମେଡ଼ିକାଲ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ଚିକିତ୍ସା ସହ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ କୋଭିଡ ଆକ୍ରାନ୍ତ ଚିହ୍ନଟ ଘଟଣାର କୌଣସି ସୂଚନା ନଥିବା ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ପ୍ରଫେସର ଡ଼ା. ସୁଦୀପା ଦାଶ କହିଛନ୍ତି। ଅପରପକ୍ଷରେ ଜିଲ୍ଲା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ▶ପୃଷ୍ଠା-୮

# ଟନେଲ ଦୁର୍ଘଟଣା; ୧୦ ମୃତ

■ ନାମ୍‌ଚି, ୨୧।୭ (ଏଜେନ୍ସି): ସିକିମର ନାମଚି ଜିଲ୍ଲାରେ ସମରଦୁଙ୍ଗ ଅଞ୍ଚଳରେ ଏକ ନିର୍ମାଣାଧୀନ ଟନେଲରେ ଭୂସ୍ଖଳନ ଯୋଗୁଁ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୨୫ରୁ ୨୭ ଜଣ ଶ୍ରମିକ ଏବେ ବି ଭିତରେ ଫସି ରହିଛନ୍ତି। ଟନେଲ ମଧ୍ୟରେ ବିଷାକ୍ତ ଗ୍ୟାସ ଲିକ୍ ହେଉଥିବା ସନ୍ଦେହ କରାଯାଉଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏନଏଚପିସି ତିସ୍ତା ଷ୍ଟେଜ୍-୬ ଜଳବିଦ୍ୟୁତ୍ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମାଣ କରାଯାଉଥିବା ଏହି ଟନେଲରେ ଭୂସ୍ଖଳନ ଯୋଗୁଁ ଦୁର୍ଘଟଣା ଘଟିଥିଲା। ଫଳରେ ଟନେଲର ପ୍ରବେଶ ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହ ଭିତରେ ଗ୍ୟାସ ଲିକ୍ ହୋଇଥିଲା। ଏପର୍ଯ୍ୟନ୍ତ ୧୦ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ପଶ୍ଚିମବଙ୍ଗ, ଆସାମ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ସ୍ଥାନୀୟ ନାମଚି ଅଞ୍ଚଳର ଶ୍ରମିକମାନେ ସାମିଲ ଅଛନ୍ତି। ଉଦ୍ଧାରକାରୀ ଦଳ ଅନୁଯାୟୀ, ଟନେଲ ମଧ୍ୟରେ ମିଥେନ୍ ଗ୍ୟାସର ପ୍ରଭାବ ଯୋଗୁଁ କାର୍ଯ୍ୟ କରିବା କଷ୍ଟକର ହୋଇପଡ଼ିଛି। ଗ୍ୟାସ ସଂସ୍ପର୍ଶରେ ଆସି କିଛି ଉଦ୍ଧାରକାରୀ କର୍ମଚାରୀ ମୁଣ୍ଡ ବୁଲାଇବା ଏବଂ ଚେତାଶୂନ୍ୟ ହୋଇଯାଉଥିବା ଜଣାପଡ଼ିଛି। ବର୍ତ୍ତମାନ ଏନଡିଆରଏଫ, ଏସଡିଆରଏଫ, ସିକିମ ପୁଲିସ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଗ୍ୟାସ ମାସ୍କ ଏବଂ ଅତ୍ୟାଧୁନିକ ଉପକରଣ ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ▶ପୃଷ୍ଠା-୮

**୨୫ରୁ ଅଧିକ ଶ୍ରମିକ ଫସିଥିବା ଆଶଙ୍କା।**

## ପୁଲିସର ଦମନଲୀଳା
# ବିଜୟଚୌକରେ ବିଜେଡିର ପ୍ରତିବାଦ

## ହସ୍ପିଟାଲରେ ଆହତ ଛାତ୍ରଙ୍କୁ ଭେଟିଲେ ବିଜେଡି ସାଂସଦ



■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୭ (ସମିସ): ସୋମବାର ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ। ଦିଲ୍ଲୀ ବିଜୟ ଚୌକରେ ସମଗ୍ର ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ସହ ସାଂସଦମାନେ ପ୍ରତିବାଦ କରିଛନ୍ତି। ସଂସଦରେ ଏହି ଘଟଣା ସଂକ୍ରାନ୍ତରେ ସ୍ୱତନ୍ତ୍ର ଆଲୋଚନା ପାଇଁ ବିଜେଡି ଦାବି କରିବା ସହ ଆର୍‌ଏମ୍‌ଏଲ୍ ହସପିଟାଲରେ ଆହତ ଛାତ୍ରଛାତ୍ରୀଙ୍କୁ ସାଂସଦମାନେ ଭେଟିଛନ୍ତି।

ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଡ.ସନ୍ତୃପ୍ତ ମିଶ୍ର, ଡ.ସସ୍ମିତ ପାତ୍ର, ଶୁଭାଶିଷ ଖୁଣ୍ଟିଆ, ସୁଲତା ଦେଇ ପ୍ରମୁଖ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲକୁ ଯାଇ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଗଭୀର ସମବେଦନା ଜଣାଇଛନ୍ତି। ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ସେମାନଙ୍କ ସହ ରହିବ ବୋଲି ଆଶ୍ୱାସନା ଦେଇଛନ୍ତି।

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ▶ପୃଷ୍ଠା-୮

**ସବୁ ପ୍ରସଙ୍ଗ ସ୍ଥଗିତ ରଖି ଆକ୍ରମଣ ସଂକ୍ରାନ୍ତରେ ସଂସଦରେ ହେଉ ସ୍ୱତନ୍ତ୍ର ଆଲୋଚନା**

## ଓଡ଼ିଶାରେ ଏସ୍‌ଆଇଆର୍
# ୫୮ ଲକ୍ଷ ଭୋଟରଙ୍କୁ ନୋଟିସ୍



ତାଲିକାରେ ମ୍ୟାପିଂ ହୋଇ ନଥିବା ୧୨ ଲକ୍ଷ ମଧ୍ୟ ସାମିଲ

ଦସ୍ତାବିଜ୍ ନ ଦେଲେ କଟିପାରେ ଭୋଟର ତାଲିକାରୁ ନାମ

ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

■ ଭୁବନେଶ୍ୱର, ୨୧।୭ (ସମିସ): ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହାପୂର୍ବରୁ ୫ ତାରିଖରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ନାମ ଥିବା ପ୍ରାୟ ୫୮ ଲକ୍ଷରୁ ଅଧିକ ଲୋକଙ୍କୁ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ଏଭଳି ନୋଟିସ୍ ପାଇଥିବା ବ୍ୟକ୍ତିମାନେ ଆବଶ୍ୟକୀୟ ଦସ୍ତାବିଜ ସହ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଶୁଣାଣିରେ ଉପସ୍ଥିତ ରହିପାରିବେ ବା ନିର୍ଦ୍ଧାରିତ ପୋର୍ଟାଲରେ ଲଗ୍‌ଇନ୍ କରି ଅନଲାଇନ୍‌ରେ ମଧ୍ୟ ଦସ୍ତାବିଜ ଦାଖଲ କରିପାରିବେ। ଆବଶ୍ୟକସ୍ଥଳେ ଇଆରଓ ଏବଂ ଏଇଆରଓ ମାନେ ଭିଡିଓ କଲ୍ ମାଧ୍ୟମରେ ମଧ୍ୟ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ ଗୋପାଳନ। ସେ କହିଛନ୍ତି ଯେ ମୁଖ୍ୟତଃ ୨ଟି କାରଣ ପାଇଁ ଲୋକମାନଙ୍କୁ ନୋଟିସ ଦିଆଯାଉଛି। ଯେଉଁ ଲୋକଙ୍କ ନାମ ମ୍ୟାପିଂ କରାଯାଇପାରି ନାହିଁ, ଅର୍ଥାତ୍ ଯେଉଁ ଭୋଟରମାନଙ୍କ ତଥ୍ୟ ୨୦୦୨ ମସିହାର ଭୋଟର ତାଲିକା ସହିତ ମେଳ ଖାଉ ନାହିଁ ସେମାନଙ୍କୁ ଏଇଆରଓଙ୍କ ଜରିଆରେ ନୋଟିସ୍ ଜାରି କରାଯାଉଛି। ସେପରି ଲୋକଙ୍କ ସଂଖ୍ୟା ୧୨ ଲକ୍ଷ। ଏହାବ୍ୟତୀତ ବୟସ, ନାମ, ଠିକଣାରେ ତ୍ରୁଟି ଥିବା ୪୬ ଲକ୍ଷ ଲୋକଙ୍କୁ ମଧ୍ୟ ନୋଟିସ୍ ଜାରି କରାଯିବ। ତେବେ ଯଦି ମ୍ୟାପିଂ ହୋଇପାରିନଥିବା ଲୋକେ ସନ୍ତୋଷଜନକ ତଥା ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ ନ ▶ପୃଷ୍ଠା-୮

## ଋଣ ଭାରରେ ଭାରତ
# ବର୍ଷ ଶେଷ ସୁଦ୍ଧା ଟପିବ ୨୧୮ ଲକ୍ଷ କୋଟି
## କେବଳ ସୁଧ ପରିଶୋଧରେ ଯିବ ୧୪.୦୪ ଲକ୍ଷ କୋଟି ଟଙ୍କା

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧।୭ (ସମିସ): ଦେଶର ଆର୍ଥିକ ସ୍ଥିତି ଏବଂ ସରକାରୀ ଋଣବୋଝକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ସମୁଦାୟ ଋଣ ପରିମାଣ ୨୧୮.୭୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ଋଣ ପରିମାଣ ୨୦୧.୧୭ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷ ଏଥିରେ ୧୭.୪୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ହେବାର ସମ୍ଭାବନା ରହିଛି। ରାଜ୍ୟସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ସରକାରଙ୍କ ତଥ୍ୟ ଅନୁସାରେ




ଦେଶର ଋଣ ବଢ଼ିବା ସହିତ ଋଣର ମୂଳଧନ ପରିଶୋଧ ପରିମାଣ ମଧ୍ୟ ଲଗାତାର ବୃଦ୍ଧି ପାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୨.୬୨ ଲକ୍ଷ କୋଟି ଟଙ୍କା ମୂଳଧନ ପରିଶୋଧ କରିଥିବା ବେଳେ, ୨୦୨୧-୨୨ରେ ୩ ଲକ୍ଷ କୋଟି, ୨୦୨୨-୨୩ରେ ୩.୫୩ ଲକ୍ଷ କୋଟି, ୨୦୨୩-୨୪ରେ ୪.୮୮ ଲକ୍ଷ କୋଟି, ୨୦୨୪-୨୫ରେ ୪.୧୬ ଲକ୍ଷ କୋଟି ଏବଂ ୨୦୨୫-୨୬ରେ ୪.୬୧ ଲକ୍ଷ କୋଟି ଟଙ୍କା ପରିଶୋଧ କରିଛନ୍ତି। ଚଳିତ ୨୦୨୬-୨୭ ବର୍ଷରେ ଏହି ପରିମାଣ ୬.୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିବର୍ଷ ସରକାର ସୁଧ ବାବଦରେ ବିପୁଳ ଅର୍ଥ ପ୍ରଦାନ କରୁଛନ୍ତି । ୨୦୨୦-୨୧ରେ ସରକାର ୬.୮୦ ଲକ୍ଷ କୋଟି ଟଙ୍କା ସୁଧ ଦେଇଥିବାବେଳେ, ୨୦୨୧-୨୨ରେ ୮.୦୫ ଲକ୍ଷ କୋଟି, ୨୦୨୨-୨୩ରେ ୯.୨୯ ଲକ୍ଷ କୋଟି, ୨୦୨୩-୨୪ରେ ୧୦.୬୪ ଲକ୍ଷ କୋଟି ଏବଂ ୨୦୨୪-୨୫ରେ ୧୧.୧୬ ଲକ୍ଷ କୋଟି ଟଙ୍କା ସୁଧ ପରିଶୋଧ ହୋଇଛି। ୨୦୨୫-୨୬ରେ ଏହା ୧୨.୪୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା ଓ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସୁଧ ବାବଦରେ ୧୪.୦୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଆକଳନ କରିଛନ୍ତି।

ଅର୍ଥନୀତି ବିଶେଷଜ୍ଞଙ୍କ ମତରେ, ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ନିର୍ମାଣ ଓ ପୁଞ୍ଜି ବିନିଯୋଗ ପାଇଁ ▶ପୃଷ୍ଠା-୮

# ରକ୍ତମୁଖା ପୁଲିସର ବର୍ବରତା ବିରୋଧରେ ବ୍ୟାପୁଛି ଆକ୍ରୋଶ



ଯନ୍ତର ମନ୍ତରରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ

## କୁହୁଳୁଛି ଯନ୍ତର ମନ୍ତର

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଦେଶର ରାଜଧାନୀରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ବିକ୍ଷୋଭକୁ ସମର୍ଥନ କରି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ବଲିଉଡର ଅନେକ ଜଣାଶୁଣା କଳାକାର ସ୍ୱର ଉତ୍ତୋଳନ କରିଛନ୍ତି। ଦିଲ୍ଲୀର ରାଜରାସ୍ତାରେ ଛାତ୍ରଛାତ୍ରୀ ଏବଂ ପୁଲିସ ମଧ୍ୟରେ ଘଟିଥିବା ହିଂସାତ୍ମକ ପରିସ୍ଥିତିର ଦିନକ ପରେ ଏହି କଳାକାର ମାନେ ଛାତ୍ରଛାତ୍ରୀଙ୍କ ସମର୍ଥନରେ ବାହାରିବା ସହ ସରକାରଙ୍କୁ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ ଦୋସାଞ୍ଜ ଛାତ୍ରଛାତ୍ରୀଙ୍କ ପ୍ରତି ହୋଇଥିବା ବ୍ୟବହାରକୁ ଅତ୍ୟନ୍ତ ଦୁଃଖଦାୟକ କହିବା ସହ କର୍ତ୍ତୃପକ୍ଷ ସେମାନଙ୍କ ଅଭିଯୋଗ ଶୁଣିବା ଉଚିତ ବୋଲି ମତ ଦେଇଛନ୍ତି। ଅଭିନେତା ଦମ୍ପତି ରିତେଶ ଦେଶମୁଖ ଏବଂ ଜେନେଲିଆ ଡିସୁଜା ଯୁବପିଢ଼ିଙ୍କ ଯୁବଶକ୍ତିର ସ୍ୱର ବିନା ଭୟରେ ଶୁଣାଯିବା ଆବଶ୍ୟକ ବୋଲି କହିବା ସହ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ସ୍ପନ୍ଦନ ଏବଂ ଦେଶର ଭବିଷ୍ୟତର ପ୍ରକୃତ ନିର୍ମାତା ଭାବେ ଅଭିହିତ କରିଛନ୍ତି। ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ ଏବଂ ଅଭିନେତା-ନିର୍ଦ୍ଦେଶକ ପ୍ରକାଶ ରାଜ ଦିଲ୍ଲୀର ଯନ୍ତର ମନ୍ତରଠାରେ ବିକ୍ଷୋଭକାରୀଙ୍କ ସହ ସାମିଲ ହୋଇନ୍ତି। ଶବାନା ଆଜମୀ ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଆଧାରିତ ବୋଲି କହିଛନ୍ତି। ଅଭିନେତ୍ରୀ ହୁମା କୁରେଶୀ

### ଛାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇ ଧାରଣା ସ୍ଥଳରେ ନେତା ଓ ସେଲିବ୍ରିଟି

ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜର ଦୃଶ୍ୟକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ନନ୍ଦିତା ଦାସ କହିଛନ୍ତି ଯେ, ଗଠନମୂଳକ ଅସନ୍ତୋଷ ହିଁ ଗଣତନ୍ତ୍ରକୁ ଜୀବନ୍ତ ରଖିଥାଏ। ଅଭିନେତ୍ରୀ ସୋନାକ୍ଷୀ ସିହ୍ନା, ଭୂମି ପେଡନେକର, ନାସିରୁଦ୍ଦିନ ଶାହା, ରତ୍ନା ପାଠକ ଶାହା ଏବଂ ଅଭୟ ଦେଓଲଙ୍କ ପରି କଳାକାରମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସମସ୍ୟା ଉପରେ ଧ୍ୟାନ ଦେବାକୁ ଭୂମି ପେଡନେକର କହିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଦିଲ୍ଲୀରେ ହୋଇଥିବା ଏହି ଆନ୍ଦୋଳନ ସମୟରେ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ସେଲିବ୍ରିଟିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆଜି ସିଜେପି ନେତୃତ୍ୱାଧିନ ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ଯନ୍ତର ମନ୍ତରରେ ବହୁ ବିଶିଷ୍ଟ ନେତା ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଏନସିପି (ଏସପି) ମୁଖ୍ୟ ଶରଦ ପାୱାର, ବାମପନ୍ଥୀ ସାଂସଦଙ୍କ ଏକ ପ୍ରତିନିଧିମଣ୍ଡଳୀ ଜନ୍ ବ୍ରିଟାସ୍, ଏଏ ରହିମ୍ ଏବଂ ଆମରା ରାମଙ୍କ ସମେତ ଏବଂ ଆପ୍‌ର ଅନେକ ନେତାଙ୍କ ସମେତ ଅରବିନ୍ଦ କେଜ୍ରିୱାଲ୍ ସାମିଲ ରହିଥିଲେ। ସେହିପରି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଲୋକକଲ୍ୟାଣ ମାର୍ଗରେ ପ୍ରଦର୍ଶନ ଜାରି ରହିଥିଲା। ଏଥିରେ ଅଖିଳେଶ ଯାଦବ, ଯୋଗେନ୍ଦ୍ର ଯାଦବ, ପ୍ରିୟଙ୍କା ଗାନ୍ଧୀ, ଜୟରାମ ରମେଶ, ସୁପ୍ରିୟା ସୁଲେ, କେରଳ ମୁଖ୍ୟମନ୍ତ୍ରୀ ସତୀଶନ ପ୍ରମୁଖ ଯୋଗ ଦେଇଥିଲେ।

## ଭେଣ୍ଟିଲେଟରରେ ଆହତ ୨୦ ବର୍ଷୀୟା ଛାତ୍ରୀ



ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଜଣେ ୨୦ ବର୍ଷୀୟା ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂତ୍ର ଅନୁସାରେ, ବର୍ତ୍ତମାନ ସେ ରାମ ମନୋହର ଲୋହିଆ (ଆର୍‌ଏମ୍‌ଏଲ୍) ହସ୍ପିଟାଲର ଆଇସିୟୁରେ ଭେଣ୍ଟିଲେଟର ସହାୟତାରେ ଚିକିତ୍ସିତ ହେଉଛନ୍ତି। ଗତ ସୋମବାର ଯନ୍ତର ମନ୍ତରଠାରେ ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ସମୁଦାୟ ୯୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନ ସମୟରେ ଉକ୍ତ ଯୁବତୀ ଜଣକ ଏକ ବ୍ୟାରିକେଡ୍ ସହିତ ଧକ୍କା ହେବା ଫଳରେ ଗୁରୁତର ଆହତ ହୋଇଥିଲେ। ମଙ୍ଗଳବାର ସକାଳ ସୁଦ୍ଧା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତମାନଙ୍କ ମଧ୍ୟରୁ ୭ ୯ ଜଣଙ୍କୁ ଡିସଚାର୍ଜ କରାଯାଇଛି। ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ ଏବଂ ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ବିରୋଧ କରି ସିଜେପିର 'ସଂସଦ ଚଲୋ' ପଦଯାତ୍ରାରେ ହଜାର ହଜାର ସମର୍ଥକ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବା ସହ ସୋନମ ୱାଙ୍ଗଚୁକଙ୍କ ବିନା ସର୍ତ୍ତରେ ମୁକ୍ତି ଏବଂ ମୃତ ନିଟ୍ ଆଶାୟୀଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି। ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ, ଏହି ସଂଘର୍ଷରେ ୧୧୮ ରୁ ଅଧିକ ପୁଲିସ କର୍ମଚାରୀ ଏବଂ ପ୍ରାୟ ୬୦ ଜଣ ପ୍ରଦର୍ଶନକାରୀ ଆହତ ହୋଇଛନ୍ତି। ଏଥିସହ ବିକ୍ଷୋଭକାରୀଙ୍କ ଆକ୍ରମଣରେ ପ୍ରାୟ ୨୦ଟି ପୁଲିସ ଗାଡି କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୪ଟି ଏଫ୍‌ଆଇଆର୍ ରୁଜୁ କରିଥିବା ବେଳେ ଆହୁରି ମାମଲା ରୁଜୁ କରିବା ପାଇଁ ପ୍ରସ୍ତୁତି ଚଳାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି. ନଡ୍ଡା ମଙ୍ଗଳବାର ଆରଏମଏଲ ଏବଂ ଲେଡି ହାର୍ଡିଙ୍ଗ ହସ୍ପିଟାଲ ପରିଦର୍ଶନ କରି ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷାର ଅନିୟମିତତାକୁ ନିନ୍ଦା କରିଛନ୍ତି।

## ଦ୍ୱିତୀୟ ଦିନ ଧରି ସଂସଦ ଅଚଳ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ମଧ୍ୟ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଜାରି ରହିଥିଲା। ବାରମ୍ବାର ମୁଲତବୀ ପରେ ଶେଷରେ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ



ସୋମବାର କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦ୍ୱାରା ଆୟୋଜିତ ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ଏହି ବର୍ବରତା ଏବଂ ପରୀକ୍ଷା ପରିଚାଳନାରେ ସରକାରଙ୍କ ଉତ୍ତରଦାୟୀତ୍ୱ ଅଭାବ ଉପରେ ସଂସଦରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ରାହୁଲ ଅଭିଯୋଗ କରିଛନ୍ତି ଯେ ବାଚସ୍ପତିଙ୍କ କହିବା ଅନୁଯାୟୀ, ଏହି ବିଷୟରେ ଆଲୋଚନା ପାଇଁ ସରକାରଙ୍କ ଅନୁମତି ଆବଶ୍ୟକ, ଯାହାକୁ ସେ ଗଣତନ୍ତ୍ର ବିରୋଧୀ ବୋଲି ଦର୍ଶାଇଛନ୍ତି। ରାଜ୍ୟସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେ ଏହି ପ୍ରସଙ୍ଗ ଉଠାଇଥିଲେ। ତେବେ ସେ ଅଭିଯୋଗ କରିଛନ୍ତି ଯେ ସେ କହିବା ଆରମ୍ଭ କଲା ବେଳକୁ ତାଙ୍କ ମାଇକ୍ ବନ୍ଦ କରିଦିଆଯାଇଥିଲା। ସେହିପରି କଂଗ୍ରେସ ସାଂସଦ ଶଶି ଥରୁର ଏବଂ ଆମ୍ ଆଦମୀ ପାର୍ଟିର ସାଂସଦମାନେ ମଧ୍ୟ ସଂସଦ ପରିସରରେ ପ୍ରତିବାଦ କରି ଗୃହରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଜବାବ ଦାବି କରିଥିଲେ।

ଅନ୍ୟପକ୍ଷରେ, ଏନଡିଏ ସଂସଦୀୟ ଦଳର ବୈଠକ 'ମଙ୍ଗଳ ମିଳନ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କହିଛନ୍ତି ଯେ ଏହା ଏକ 'ଘୋର ପାପ'। ସେ କହିଛନ୍ତି ଯେ ସରକାର ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସୂଚନା ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ଏବଂ ଏକ ସୁରକ୍ଷିତ ପରୀକ୍ଷା ବ୍ୟବସ୍ଥା ଗଠନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଜେପି ସାଂସଦ ଜଗଦମ୍ବିକା ପାଲ ବିରୋଧୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ସେମାନଙ୍କର ଗୃହ ଚଳାଇବାରେ କୌଣସି ଆଗ୍ରହ ନାହିଁ ଏବଂ ସେମାନେ ଜନସାଧାରଣଙ୍କ ଅର୍ଥ ନଷ୍ଟ କରୁଛନ୍ତି। ଆଜି ଅଧିବେସନ ଆରମ୍ଭ ହେବା ପରେ ଲୋକସଭା ଏବଂ ରାଜ୍ୟସଭାରେ ବିରୋଧୀ ସଦସ୍ୟମାନେ ପୋଷ୍ଟର, ବ୍ୟାନର ଏବଂ କଳା କପଡ଼ା ଧରି ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅଧ୍ୟକ୍ଷ ଦିଲ୍ଲୀପ ସାଇକିଆ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଥମିନଥିଲା। ଫଳରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଆସନ୍ତାକାଲି ସକାଳ ୧୧ଟାରେ ପୁଣି ଥରେ ଅଧିବେଶନ ଆରମ୍ଭ ହେବ।

## ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ କ୍ଷମା ମାଗନ୍ତୁ: ରାହୁଲ



ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିବାଦ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସର ଲାଠିମାଡ଼ ଘଟଣାକୁ ନେଇ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସୋମବାର ହୋଇଥିବା ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ସେ 'ଅଣ-ଭାରତୀୟ' ବୋଲି ଅଭିହିତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କଥାବାର୍ତ୍ତା ସମୟରେ ରାହୁଲ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ନିରୀହ ଛାତ୍ରଛାତ୍ରୀଙ୍କୁ ପୁଲିସ ଦ୍ୱାରା ପିଟାଯିବା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଏବଂ ଏହି ଘଟଣା ପାଇଁ ପ୍ରଧାନମନ୍ତ୍ରୀ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଏହା ପୂର୍ବରୁ ରାହୁଲ ଏବଂ କିଛି ବିରୋଧୀ ସାଂସଦ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସଂସଦରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁରୋଧ କରିଥିଲେ। ମାତ୍ର ବାଚସ୍ପତି କହିଥିଲେ ଯେ, ସଂସଦରେ ବିତର୍କ ପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ବୟାନକୁ ନେଇ ରାହୁଲ ବିରକ୍ତି ପ୍ରକାଶ କରିଛନ୍ତି। ଦେଶର ଶିକ୍ଷା ଏବଂ ପରୀକ୍ଷା ପରିଚାଳନା ବ୍ୟବସ୍ଥା ଆଜି ସମ୍ପୂର୍ଣ୍ଣ ରୂପେ ଦୁର୍ବଳ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ସରକାର ଶୁଣିବା ପରିବର୍ତ୍ତେ ସେମାନଙ୍କ ଉପରେ ପୁଲିସ ଦ୍ୱାରା ଦମନ ଚଳାଇଛନ୍ତି। ଏଥିପାଇଁ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଗୃହମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାରୁ, ପ୍ରଧାନମନ୍ତ୍ରୀ ମଧ୍ୟ ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଏହି ଘଟଣାରେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ହିଟଲରଙ୍କ ଶାସନ ସହ ତୁଳନା କରିଛନ୍ତି। ସରକାର ନିଜ ଲୋକଙ୍କ ବିରୋଧରେ ଘରୋଇ ସେନା ବ୍ୟବହାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଦେଶରେ ବାରମ୍ବାର ହେଉଥିବା ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଲାଠିମାଡ଼ରେ ଅନେକ ଛାତ୍ର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ରାହୁଲ ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ ପ୍ରମୁଖ ଆହତ ଛାତ୍ରମାନଙ୍କୁ ଭେଟିବା ପାଇଁ ଆରଏମଏଲ ହସ୍ପିଟାଲକୁ ଯାଇଥିବା ସୂଚନା ମିଳିଛି।

## ରୁଷ୍ ରାଷ୍ଟ୍ରଦୂତଙ୍କୁ ସମନ କଲା ଭାରତ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ୟୁକ୍ରେନର ଓଡେସା ଉପକୂଳରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ମିସାଇଲ ଆକ୍ରମଣରେ ୪ଜଣ ଭାରତୀୟ ଜାହାଜ ସଦସ୍ୟଙ୍କ ମୃତ୍ୟୁ ଘଟିବା ପରେ ଭାରତ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ଘଟଣାକୁ ନେଇ ଭାରତ ମଙ୍ଗଳବାର ରୁଷିଆର ଦୂତଙ୍କୁ ସମନ କରି ଦୃଢ଼ ପ୍ରତିବାଦ ଜଣାଇଛି। ଗତକାଲି ଗିନି-ବିସାଉ ପତାକାଧାରୀ ବାଣିଜ୍ୟିକ ଜାହାଜ 'ଏମଭି ଗୋଲଡେନ୍ ଲିଓ' ୟୁକ୍ରେନର ଓଡେସା ବନ୍ଦରରୁ ମକା ବୋଝେଇ କରି ବାହାରୁଥିବା ବେଳେ ଏହି ଆକ୍ରମଣର ଶିକାର ହୋଇଥିଲା। ରୁଷିଆ ପକ୍ଷରୁ ୩ଟି କ୍ରୁଜ୍ ମିସାଇଲ ମାଡ଼ କରାଯିବା ଫଳରେ ଜାହାଜରେ ନିଆଁ ଲାଗିଯାଇଥିଲା। ଜାହାଜରେ ଥିବା ମୋଟ ୧୭ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଭାରତୀୟ ଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଭାରତୀୟ ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆର ଚାର୍ଜ ଡି' ଆଫେୟାର୍ସ ଭ୍ଲାଦିମିର ଲାଦାନୋଭଙ୍କୁ ତଲବ କରି ଏହି ଘଟଣାରେ ନିଜର କଡ଼ା ଆପତ୍ତି ଜଣାଇବା ସହ ସ୍ପଷ୍ଟୀକରଣ ମାଗିଛି। ଭାରତ ଏହି ଆକ୍ରମଣକୁ 'ଅତ୍ୟନ୍ତ ନିନ୍ଦନୀୟ' ବୋଲି ଅଭିହିତ କରିଛି ଏବଂ ନିଜ ନାଗରିକଙ୍କ ମୃତ୍ୟୁ ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବାକୁ ରୁଷିଆ ନିକଟରେ ଦାବି କରିଛି। ଭାରତ ସରକାର ଏକ ବିବୃତ୍ତିରେ ସ୍ପଷ୍ଟ କରିଛନ୍ତି ଯେ ବାଣିଜ୍ୟିକ ଜାହାଜ ଏବଂ ନିରୀହ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା କଦାପି ଗ୍ରହଣୀୟ ନୁହେଁ। ସାମୁଦ୍ରିକ ପରିବହନ ଏବଂ ବାଣିଜ୍ୟର ସ୍ୱାଧୀନତାକୁ ବାଧା ପହଞ୍ଚାଇବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଆବଶ୍ୟକ ବୋଲି ଭାରତ ପୁନର୍ବାର ଦୋହରାଇଛି।


### କ୍ଷେପଣାସ୍ତ୍ର ମାଡ଼ର ପ୍ରତିବାଦ ଜଣାଇଲା

## ମେଦାନ୍ତ ହସ୍ପିଟାଲଙ୍କୁ ସ୍ଥାନାନ୍ତର ହେଲେ ୱାଙ୍ଗ୍‌ଚୁକ୍



ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କ ସୁବିଧା ଅନୁସାରେ ତୁରନ୍ତ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ଯନ୍ତର ମନ୍ତରଠାରେ ଗତ ୨୦ ଦିନ ଧରି ଅନଶନରେ ବସିଥିବା ୱାଙ୍ଗଚୁକଙ୍କୁ ପୁଲିସ ଜବରଦସ୍ତି ସେଠାରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲା। ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ଦୀର୍ଘ ଦିନର ଅନଶନ ଯୋଗୁଁ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତ ଗତିରେ ବିଗିଡ଼ିବାରେ ଲାଗିଛି। ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲରେ ଏକ ବିଶେଷଜ୍ଞ ଡାକ୍ତରୀ ପ୍ୟାନେଲଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉ। ଏଥିସହ ସଫଦରଜଙ୍ଗ ହସ୍ପିଟାଲରେ ହୋଇଥିବା ସମସ୍ତ ପରୀକ୍ଷା ରିପୋର୍ଟ ଓ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ମେଦାନ୍ତ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଜବାବରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ ଯେ ୱାଙ୍ଗଚୁକଙ୍କୁ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରିବାରେ ସରକାରଙ୍କର କୌଣସି ଆପତ୍ତି ନାହିଁ। ତେବେ ସେ ଆଶଙ୍କା ପ୍ରକଟ କରିଥିଲେ ଯେ କିଛି ବ୍ୟକ୍ତି ତାଙ୍କୁ ଡାକ୍ତରୀ ପରାମର୍ଶ ବିନା ହସ୍ପିଟାଲରୁ ବାହାର କରି ପୁଣି ଥରେ ପ୍ରତିବାଦ ସ୍ଥଳକୁ ନେବାକୁ ଚେଷ୍ଟା କରୁଛନ୍ତି। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ ଯେ ଯଦି ସେ ଏହି ଅବସ୍ଥାରେ ପୁଣି ଥରେ ଅନଶନ ସ୍ଥଳକୁ ଫେରିଯାଆନ୍ତି, ତେବେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ। ହାଇକୋର୍ଟଙ୍କ ବେଞ୍ଚ୍ ୱାଙ୍ଗଚୁକଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିବା ପରେ ଏହି ସମସ୍ୟାର ସମାଧାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ୱାଙ୍ଗଚୁକଙ୍କୁ ନିରନ୍ତର ଡାକ୍ତରୀ ନିରୀକ୍ଷଣରେ ରହିବା ଆବଶ୍ୟକ ଏବଂ ସେ ନିଜେ ମେଦାନ୍ତ ହସ୍ପିଟାଲକୁ ପସନ୍ଦ କରିଥିବାରୁ ତାଙ୍କୁ ସେଠାକୁ ପଠାଯିବ। ଏହି ନିର୍ଦ୍ଦେଶ ପରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ସାମାଜିକ ଗଣମାଧ୍ୟମରେ ହାଇକୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଏହାକୁ ୱାଙ୍ଗଚୁକଙ୍କ ଆଇନଗତ ବିଜୟ ବୋଲି ଅଭିହିତ କରିଛନ୍ତି।

## ଯୌନ ନିର୍ଯାତନା ଅଭିଯୋଗ ପରେ ଆଇପିଏସ୍ ଅଧିକାରୀଙ୍କ ଆତ୍ମହତ୍ୟା ଉଦ୍ୟମ



ହାଇଦ୍ରାବାଦ, ୨୧।୭(ଏଜେନ୍ସି): ସହକର୍ମୀଙ୍କ ଦ୍ୱାରା ଗୁରୁତର ଯୌନ ନିର୍ଯାତନା ଓ ଅସଦାଚରଣ ଅଭିଯୋଗ ଆସିବା ପରେ ହାଇଦ୍ରାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକାଡେମୀର ଜଣେ ଆଇପିଏସ ତାଲିମ ପ୍ରଶିକ୍ଷାର୍ଥୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅଭିଯୁକ୍ତ ପ୍ରଶିକ୍ଷାର୍ଥୀ ଉଦୟ କ୍ରିଷ୍ଣା ରେଡ୍ଡୀ ବିଷ ପାନ କରିଥିବା ସନ୍ଦେହ କରାଯାଉଛି। ସେ ବର୍ତ୍ତମାନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ୩୦ ବର୍ଷୀୟା ମହିଳା ଆଇପିଏସ ପ୍ରଶିକ୍ଷାର୍ଥୀ ଉଦୟଙ୍କ ବିରୋଧରେ ହାଇଦ୍ରାବାଦ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଉଦୟ ତାଙ୍କୁ ପିଛା କରିବା, ମାରପିଟ କରିବା ଏବଂ ତାଙ୍କର ଏକ ବ୍ୟକ୍ତିଗତ ଭିଡିଓ ବିନା ଅନୁମତିରେ ରେକର୍ଡ କରିବା ଭଳି କାର୍ଯ୍ୟ କରିଥିବା ଅଭିଯୋଗ ସେ କରିଥିଲେ। ଏଥିସହିତ ଉଦୟ ତାଙ୍କୁ ଅଶ୍ଳୀଳ ହ୍ୱାଟ୍ସଆପ୍ ମେସେଜ୍ ପଠାଇବା ସହ ଅନ୍ୟମାନଙ୍କ ଆଗରେ ଅପମାନିତ କରିଥିବା ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଉଦୟ ତାଙ୍କୁ ଛୁରି ଦେଖାଇ ହତ୍ୟା ଧମକ ଦେବା ସହ ଜୋର ଜବରଦସ୍ତି ତାଙ୍କ ଫୋନ୍ ଛଡ଼ାଇ ନେଇଥିବା ସେ କହିଛନ୍ତି। ଏହି ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ଉଦୟ ଏକ ଦୁଇ ପୃଷ୍ଠାର ସୁଇସାଇଡ୍ ନୋଟ୍ ଲେଖିଥିଲେ। ସେଥିରେ ସେ ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହିଛନ୍ତି। ସେ ଏବଂ ସମ୍ପୃକ୍ତ ମହିଳା ୨୦୨୫ ଜୁନ୍‌ରୁ ପ୍ରେମ ସମ୍ପର୍କରେ ଥିଲେ ଏବଂ ମହିଳାଙ୍କ ବିବାହ ପରେ ମଧ୍ୟ ସେ ସମ୍ପର୍କ ରଖିବାକୁ ଜିଦ୍ ଧରିଥିଲେ। ଉଦୟ ଅଭିଯୋଗ କରିଛନ୍ତି ଯେ, 'ମହିଳା ଜଣକ ବିନା ଅନୁମତିରେ ମୋତେ କିସ୍ କରିଥିଲେ ଏବଂ ଆଲିଙ୍ଗନ କରିଥିଲେ'। ପ୍ରମାଣ ସ୍ୱରୂପ ସେ ଏହି ଘଟଣାର ଭିଡିଓ ରେକର୍ଡ କରି ମହିଳାଙ୍କ ସ୍ୱାମୀଙ୍କ ପାଖକୁ ପଠାଇଥିଲେ ବୋଲି ସ୍ୱୀକାର କରିଛନ୍ତି।

## ଓଲଟିଲା 'ଜଗନ୍ନାଥ ଏକ୍ସପ୍ରେସ'; ୬ ଗୁରୁତର

ତାଳଚେର ସହର/କଣିହାଁ/ପବିତ୍ରନଗର, ୨୧।୭(ସମିସ): ଅନୁଗୋଳ ଜିଲ୍ଲା ସମଲ ଥାନା ୧୪୯ ନମ୍ବର ଜାତୀୟ ରାଜପଥର ବୁରୁକୁନା ଛକ ନିକଟରେ ସୋମବାର ଓଏସ୍ଆରଟିସି "ଜଗନ୍ନାଥ ଏକ୍ସପ୍ରେସ୍' ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୬ ଜଣ ଗୁରୁତର ଆହତ ହୋଇଥିବା ବେଳେ ୨୫ରୁ ଅଧିକ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ବସ୍‌ଟି ପୁରୀରୁ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରୀ ନେଇ ଯାଉଥିଲା। ବୁରୁକୁନା



ଛକ ନିକଟରେ ପହଞ୍ଚିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବସ୍‌ରେ ପ୍ରାୟ ୫୦ରୁ ଅଧିକ ଯାତ୍ରୀ ଥିବା କଥା କିଛି ଯାତ୍ରୀ କହିଛନ୍ତି। ଦୁର୍ଘଟଣାର ଖବର ପାଇ ଅଗ୍ନିଶମ ବିଭାଗ, ୧୦୮ ଆମ୍ବୁଲାନ୍ସ ଓ ସ୍ଥାନୀୟ ପ୍ରଶାସନର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଗୁରୁତର ଆହତଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଆବଶ୍ୟକତା ଅନୁଯାୟୀ କଟକ ଓ ଭୁବନେଶ୍ୱରର ବିଭିନ୍ନ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ପିଇଓ

ଯାଜପୁର, ୨୧।୭(ସମିସ): କୋରେଇ ବ୍ଲକ କାଟରାସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଅନ୍ତ୍ୟୋଦୟ ଗୃହ ଯୋଜନାର ଅନ୍ତିମ କିସ୍ତି ପଇଠ ପାଇଁ ହିତାଧିକାରୀଙ୍କଠାରୁ ୫ ହଜାର ଲାଞ୍ଚ ନେଉଥିଲେ। ଏନେଇ ଅଭିଯୋଗ ପରେ ଭିଜିଲାନ୍‌ସ ପକ୍ଷରୁ ପୂର୍ବ ଯୋଜନା ମୁତାବକ ସମ୍ପୃକ୍ତ ପିଇଓ ପ୍ରଫୁଲ୍ଲ ନାଥଙ୍କୁ କାବୁ କରି ନେଇଛି। ଏହାସହ ଲାଞ୍ଚ ଟଙ୍କା ଜବତ କରାଯାଇଛି ଏବଂ ତାଙ୍କ ବିଭିନ୍ନ ଘର ଉପରେ ଚଢ଼ଉ ଜାରି ରଖିଛି ଭିଜିଲାନ୍‌ସ ଟିମ୍। ସୂଚନା ମୁତାବକ, କାଟରାସାହି ପଞ୍ଚାୟତର ଜଣେ ବିଧବାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଶେଷ କିସ୍ତି ପ୍ରଦାନ ପାଇଁ ପିଇଓ ଶ୍ରୀ ନାଥ ୧୦



ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ୫ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ହିତାଧିକାରୀ ଯାଜପୁର ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ଆଜି ପିଇଓ ନିଜ କାର୍ଯ୍ୟାଳୟରେ ଥିବା ସମୟରେ ସେ ହିତାଧିକାରୀଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ନେଉଥିବା ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଏହାପରେ ଶ୍ରୀ ନାଥଙ୍କ ଯାଜପୁର ସଦର ଥାନା ଅନ୍ତର୍ଗତ ବେରୁଦା ଗ୍ରାମର ବାସଭବନରେ ମଧ୍ୟ ଚଢ଼ଉ କରାଯାଇଛି। ଆଜି ଶ୍ରୀ ନାଥଙ୍କୁ ଗିରଫ କରାଯିବା ସହିତ ତାଙ୍କୁ ପଚରାଉଚରା କରାଯାଉଛି।

**ଦକ୍ଷିଣ ମୋଡ଼ରେ ବର୍ଷା ବାଧକ**

## ନାକଚଣା ଦ୍ୱାରରେ ଦେବଦଳନ

ପୁରୀ,୨୧।୭(ସମିସ): ପବିତ୍ର ହେରାପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ନେବାକୁ ଆସିଥିଲେ। ହେଲେ ମହାପ୍ରଭୁ ସାଙ୍ଗରେ ନ ଯିବାରୁ ଅଭିମାନ କରି ଚାଲିଗଲେ ଲକ୍ଷ୍ମୀ ସାଆନ୍ତାଣୀ। ପ୍ରାଣପ୍ରିୟାଙ୍କ ମନକଥା ଜାଣିପାରି ଏବେ ବଡ଼ଦେଉଳକୁ ଫେରିବା ଲାଗି ପ୍ରସ୍ତୁତ ଆରମ୍ଭ କରିଛନ୍ତି ବିଶ୍ୱନିୟନ୍ତା। ଆସନ୍ତା ୨୪ ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାମୂର୍ତ୍ତି। ଏଥିଲାଗି ପରମ୍ପରା ଅନୁଯାୟୀ

- ଅଧାରେ ବନ୍ଦ ରହିଲା ତାଳଧ୍ୱଜ, ଗଡ଼ିନି ନନ୍ଦିଘୋଷ
- ଆଜି ସକାଳେ ହେବ ଦକ୍ଷିଣ ମୋଡ଼
- ଅଢ଼େଇ ଘଣ୍ଟା ବିଳମ୍ବରେ ଆଜ୍ଞାମାଳ ବିଜେ

ମଙ୍ଗଳବାର ତିନିରଥର ଦକ୍ଷିଣ ମୋଡ଼ କରାଯାଉଥିଲା। ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଦକ୍ଷିଣ ମୋଡ଼ ହୋଇ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ନୀତି ବିଳମ୍ବ ଏବଂ ପ୍ରବଳ ବର୍ଷା ଯୋଗୁଁ ତାଳଧ୍ୱଜ ରଥଟଣା ଅଧାରୁ ବନ୍ଦ ରଖାଯାଇଥିବାବେଳେ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥକୁ ଦକ୍ଷିଣ ମୋଡ଼ କରାଯିବ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଆଜ୍ଞାମାଳ ବିଜେ ହେବା ଲାଗି ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୩ଟା ୧୦ରେ ଆଜ୍ଞାମାଳ ବିଜେ ହୋଇଥିଲା।

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ



ଆଡ଼ପ ମଣ୍ଡପରେ ଅବସ୍ଥାନ କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଠାକୁରଙ୍କ ନୀତିକାନ୍ତି ସୁରୁଖୁରୁରେ ଚାଲିଛି। ସୋମବାର ହେରାପଞ୍ଚମୀ ନୀତି ବିଳମ୍ବ ହୋଇଥିଲା। ତେଣୁ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ମଙ୍ଗଳ ଆଳତି ହୋଇଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଅବକାଶ ନୀତି ବଢ଼ିବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ଏହାପରେ ଦ୍ୱାରପାଳ ପୂଜା ଶେଷ ହୋଇ ଅପରାହ୍ଣ ୨ଟା ୧୦ରେ ସକାଳ ଧୂପ ଓ ଭୋଗମଣ୍ଡପ ଉଠିବା ପରେ ୨ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନିଠାକୁରଙ୍କ ଆଜ୍ଞାମାଳ ନେଇ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ରଥ ପାଖକୁ ଆସିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରହିଥିବା ତିନିରଥକୁ ବାହୁଡ଼ା ବିଜେ ଲାଗି ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ବିଜେ କାହାଳୀ, ଘଣ୍ଟଘଣ୍ଟା ବାଜିବା ପରେ ଦେବଦଳନ ରଥର ଦକ୍ଷିଣ ମୋଡ଼ ଆରମ୍ଭ ହୋଇଥିଲା। ଏହି ସମୟରେ ପାଗରେ ଆସିଥିଲା ପରିବର୍ତ୍ତନ। ଶ୍ରୀକ୍ଷେତ୍ର ଆକାଶକୁ ମେଘ ଢାଙ୍କି ରହିଥିଲା। ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ବ୍ରେକ୍ ଓ ଦଉଡ଼ି ସଂଯୋଗ କରାଯାଇଥିଲା। ରାସ୍ତାର ଦୁଇପାର୍ଶ୍ୱରେ ଦକ୍ଷିଣ ମୋଡ଼ ପାଇଁ ବାଲି ପକାଯାଇଥିଲା। ପୁଲିସ କର୍ମଚାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ଦେବଦଳନ ରଥକୁ ଟାଣି ନେଇଥିଲେ। ସେଠାରେ ରଥକୁ ବୁଲାଯାଇ ନାକଚଣା ଦ୍ୱାରକୁ ଅଣାଯାଇଥିଲା। ଏହାପରେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲା ପୁରୀରେ। ବର୍ଷା ସତ୍ତ୍ୱେ କିଛି ସମୟ ରଥଟଣା ଯାଇଥିଲା। ସନ୍ଧ୍ୟା ନଇଁଯିବା ଏବଂ ବର୍ଷା ଯୋଗୁଁ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ ସନ୍ଧ୍ୟା ୬ଟା ୧୦ରେ ବନ୍ଦ ରଖାଯାଇଥିଲା। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଆଦୌ ଗଡ଼ି ନାହିଁ। ବୁଧବାର ସକାଳେ ଅଧାବାଟରେ ଥିବା ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

**ପ୍ରାଥମିକ ଶିକ୍ଷାରେ ବିକଳ ଚିତ୍ର**

## ରାଜ୍ୟରେ ବଢ଼ିଲା ଏକ ଶିକ୍ଷକ ସ୍କୁଲ ସଂଖ୍ୟା

ଭୁବନେଶ୍ୱର,୨୧।୭(ସମିସ): ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଯୋଜନା କରିଛନ୍ତି। ନୂତନ କୋଠା ସାଙ୍ଗକୁ ଆନୁସଙ୍ଗିକ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍କୁଲରେ ଶିକ୍ଷକ ନାହାନ୍ତି। ରାଜ୍ୟର ୧,୪୫୮ ଟି ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି।

- ବର୍ଷକରେ ୩୬୯ ସ୍କୁଲରେ କମିଲେ ଶିକ୍ଷକ
- ୧୪୫୮ ସ୍କୁଲରେ ମାତ୍ର ଜଣେ ଶିକ୍ଷକ

୨୦୨୪-୨୫ ତୁଳନାରେ ୨୦୨୫-୨୬ ଶିକ୍ଷାବର୍ଷରେ ଆହୁରି ୩୬୯ ଟି ସ୍କୁଲ୍ ଏକକ ଶିକ୍ଷକରେ ପରିଣତ ହୋଇଛି। କ୍ରମାଗତ ଭାବେ ଶିକ୍ଷକ ସଂଖ୍ୟା କମିବା ଏବଂ ଏକକ ଶିକ୍ଷକ ଥିବା ବିଦ୍ୟାଳୟ ସଂଖ୍ୟା ବଢୁଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ୟୁ-ଡାଇଜ୍ ପ୍ଲସ୍ ରିପୋର୍ଟରେ ପ୍ରକାଶ ପାଇବା ପରେ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପଡ଼ିଛି।

ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟରେ ୧,୦୮୯ ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ କାର୍ଯ୍ୟରତ ଥିଲେ। ୨୦୨୫-୨୬ ବେଳକୁ ତାହା ୧,୪୫୮ ରେ ପହଞ୍ଚିଛି। ମାତ୍ର ଗୋଟିଏ ବର୍ଷରେ ନୂତନ ଭାବେ ୩୬୯ଟି ବିଦ୍ୟାଳୟ ଏହି ଏକକ ଶିକ୍ଷକ ତାଲିକାରେ ଯୋଡ଼ି ହୋଇଛି। ଅପରପକ୍ଷରେ ଏସବୁ ସ୍କୁଲ୍‌ରେ ପ୍ରାୟ ୫୯ହଜାର ୬୭୨ କୋମଳମତି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨୦୨୪-୨୫ ରେ ୪୭,୯୪୦ ପିଲା ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପଢୁଥିଲେ। ଗୋଟିଏ ବର୍ଷରେ ପ୍ରାୟ ୧୧ ହଜାର ୭୩୨ ଜଣ ଅଧିକ ପିଲା ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ବଢ଼ିଛନ୍ତି।

ଏସବୁ ବିଦ୍ୟାଳୟରେ ପିଲା ସଂଖ୍ୟା ବଢୁଥିବାବେଳେ ଶିକ୍ଷକଙ୍କ ସଂଖ୍ୟା କମୁଥିବାରୁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ଭଗବାନଙ୍କ ଭରସାରେ ରହିଛି। ଏକକ ଶିକ୍ଷକ କାରଣରୁ ଗୋଟିଏ ଶ୍ରେଣୀରେ କେବଳ ଗୋଟିଏ ଶ୍ରେଣୀ ନୁହେଁ, ବରଂ ୫ଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ ପଡୁଛି। ଏହା ବାଦ୍ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ କରିବା ଏବଂ ନିର୍ବାଚନ ଡ୍ୟୁଟି, ଜନଗଣନାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପରି ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ ହେବା ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ବିପର୍ଯ୍ୟସ୍ତ କରୁଛି। ଚଳିତ ବର୍ଷ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ରହିଥିବାବେଳେ ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ପିଲାଙ୍କୁ କିପରି ଉନ୍ନତ ଶିକ୍ଷାଦାନ କରାଯାଇ ପାରିବ ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି।

## ହାଇକୋର୍ଟରେ ୧୬ ବିଚାରପତି ପଦ ଖାଲି

**୧ ଲକ୍ଷ ୬୯ ହଜାର ମାମଲା ବିଚାରାଧୀନ**

କଟକ,୨୧।୭(ସମିସ): ଓଡ଼ିଶା ହାଇକୋର୍ଟରେ ବିଚାରାଧୀନ ମାମଲା ବୋଝ ବଢୁଥିବା ବେଳେ ବିଚାରପତି ସଂଖ୍ୟା କମିକମି ଚାଲିଛି। ଖାଲି ପଡିଥିବା ମଞ୍ଜୁରିପ୍ରାପ୍ତ ବିଚାରପତି ପଦ ପୂରଣ ହୋଇପାରୁନାହିଁ। ବର୍ତ୍ତମାନ ହାଇକୋର୍ଟରେ ମୋଟ ୩୩ଟି ମଞ୍ଜୁରିପ୍ରାପ୍ତ ବିଚାରପତି ପଦବି ଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ମୋଟ ୧୭ଜଣ ବିଚାରପତି ରହିଛନ୍ତି। ଯାହା ବିଗତ ୫ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ୨୦୨୨ମସିହା ଶେଷ ଆଡକୁ ହାଇକୋର୍ଟରେ ୨୨ଜଣ କାର୍ଯ୍ୟରତ ବିଚାରପତି ଥିଲେ। ଏପରିକି ୨୦୨୩ ଡିସେମ୍ବର ମାସ ସୁଦ୍ଧା ଏହା କମି ୨୦ରେ ପହଞ୍ଚିଥିଲା। ଚଳିତ ବର୍ଷ ବିଚାରପତି ସଂଖ୍ୟା ୧୯ଥିଲା ବେଳେ ନିକଟ ଅତୀତରେ ଦୁଇ ଜଣ ବିଚାରପତି ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଓ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଅବସର ଗ୍ରହଣ ପରେ ସଂଖ୍ୟା ୧୭କୁ ହ୍ରାସ ପାଇଛି। ସେହିଭଳି ଆସନ୍ତା ନଭେମ୍ବର ମାସରେ ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବାକୁ ଥିବା ବେଳେ ୨୦୨୭ ମସିହା ପ୍ରଥମାର୍ଦ୍ଧରେ ଆଉ ଦୁଇ ବିଚାରପତି ଅବସର ନେବେ। ବର୍ତ୍ତମାନ ଖାଲି ପଡିଥିବା ବିଚାରପତି ପଦ ସଂଖ୍ୟା ୧୬ରେ ପହଞ୍ଚିଛି। ଏଥିମଧ୍ୟରେ ୭ ବିଚାରପତି ଓ ୯ ଅତିରିକ୍ତ ବିଚାରପତି ପଦ ରହିଛି। ବିଚାରପତିଙ୍କ ସଂଖ୍ୟା କମିବା ହାଇକୋର୍ଟରେ ମାମଲା ଫଏସଲା ହାରକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ମଞ୍ଜୁରୀପ୍ରାପ୍ତ ବିଚାରପତି ପଦର ୪୮ ପ୍ରତିଶତ ଖାଲି ଥିବା ଜଣାପଡିଛି।

ସୂଚନାନୁସାରେ, ହାଇକୋର୍ଟରେ ଗତ୨୦୨୫ମସିହା ଜାନୁଆରୀ୧ରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ଥିଲା ୮୮.୨୧ପ୍ରତିଶତ। ହେଲେ ଚଳିତବର୍ଷ ଅର୍ଥାତ ୨୦୨୬ଜାନୁଆରୀ ପହିଲାରୁ ମେ୩୧ ମଧ୍ୟରେ ମାମଲା ଫଏସଲା ହାର ହ୍ରାସ ପାଇ ୮୨.୯୮ପ୍ରତିଶତ ରହିଛି। ୨୦୨୫ ଜାନୁଆରୀ ପହିଲାରୁ ମେ୩୧ପର୍ଯ୍ୟନ୍ତ ୫ମାସ ମଧ୍ୟରେ ମୋଟ ୩୭୮୮୪ଟି ନୂତନ ମାମଲା ରୁଜୁ ହୋଇଥିଲା ବେଳେ ୩୩୨୧୯ଟି ଫଏସଲା ହୋଇପାରିଥିଲା। ୨୦୨୬ର ଏହି ଅବଧି ମଧ୍ୟରେ ୪୦,୩୮୧ମାମଲା ରୁଜୁ ହୋଇଥିବା ବେଳେ ୩୩,୫୧୦ଟି ମାମଲା ଫଏସଲା ହୋଇଛି। ଗତ୨୦୨୫ ମସିହା ମେ୩୧ ସୁଦ୍ଧା ବିଚାରାଧିନ ମାମଲା ସଂଖ୍ୟା ୧,୬୪,୬୪୪ ରହିଥିଲା। ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ବିଚାରାଧୀନ ମାମଲା ସଂଖ୍ୟା ରହିଛି ୧ଲକ୍ଷ୬୯ ହଜାର ୧୨୩ରେ ପହଞ୍ଚିଛି।

## ହୀରାକୁଦର ଆଉ ୬ ଗେଟ୍ ଖୋଲିଲା

ସମ୍ବଲପୁର, ୨୧।୭ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ରେ କଲମା ଡ୍ୟାମ ଓ ବ୍ୟାରେଜ୍‌ରୁ ଜଳ ନିଷ୍କାସନ ପରେ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ସୋମବାର ୪ଟି ଗେଟ୍ ଖୋଲାଯାଇଥିବାବେଳେ ମଙ୍ଗଳବାର ପର୍ଯ୍ୟାୟକ୍ରମେ ଆଉ ୬ଟି ଗେଟ୍ ଖୋଲାଯାଇଛି। ମୋଟ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ଗେଟ୍ ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୭ଟି ଏବଂ ଡାହାଣ ପାର୍ଶ୍ୱର ୩ଟି ଏହିପରି ମୋଟ ୧୦ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୪୭,୫୪୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୫୯,୫୮୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୪,୯୭୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦୯୫୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୪୦୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୩,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୮,୮୦୭ କ୍ୟୁସେକ୍, ଖଇରମାଲଠାରେ ୧,୭୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୩୫,୭୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୫୨,୩୦୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨୫.୦୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୮.୨୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ଭିସୁଟ୍‌ରେ ଛାତ୍ର ଅଶାନ୍ତି

ସମ୍ବଲପୁର, ୨୧।୭ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଓ ୟୁନିଫର୍ମକୁ ନେଇ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ନିମ୍ନମାନର ଖାଦ୍ୟ ଓ ଅନ୍ୟ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ପରେ ବି କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ପ୍ରତିବାଦ କରୁଛନ୍ତି। ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରଥମେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ



କରିଥିଲେ। ପରେ ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଘଣ୍ଟାଘଣ୍ଟା ଧରି ଧାରଣାରେ ବସିଥିଲେ। ଭିସୁଟ୍ କୁଳପତି ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଛାତ୍ରଛାତ୍ରୀମାନେ ଧାରଣାରୁ ହଟିଥିଲେ। ବିଶ୍ୱବିଦ୍ୟାଳୟ ଓ ଛାତ୍ରାବାସରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଭିସୁଟ୍ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ, ଜଳଯୋଗାଣରେ ଅନିୟମିତତା, ଗୋଟିଏ ରୁମ୍‌ରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ରଖାଯିବା ଆଦି ମୌଳିକ ପ୍ରସଙ୍ଗ ସହ ବିଶ୍ୱବିଦ୍ୟାଳୟରେ ୟୁନିଫର୍ମ (ଡ୍ରେସକୋଡ୍) ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତିକୁ ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କଲାପରେ ପୁଣି ଭିସୁଟ୍ ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାକୁ ନେଇ ଭିସୁଟ୍ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭିସୁଟ୍ କର୍ତ୍ତୃପକ୍ଷ ଧମକଚମକ ଦେବା ଅଭିଯୋଗ ହୋଇଛି। ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ କହିଛନ୍ତି, ଛାତ୍ରଛାତ୍ରୀ ମାନଙ୍କ ଆନ୍ଦୋଳନର ମୁଖ୍ୟ ପ୍ରସଙ୍ଗ ଥିଲା ସେମାନେ ବିଶ୍ୱବିଦ୍ୟାଳୟର ପ୍ରଚଳିତ ୟୁନିଫର୍ମ ପିନ୍ଧିବେନି। ତେବେ, ଏହା ସେମାନଙ୍କ ସୁରକ୍ଷା ସହିତ ଅନୁଷ୍ଠାନର ଶୃଙ୍ଖଳିତ ବ୍ୟବସ୍ଥା ସକାଶେ ଜରୁରୀ। ଆସନ୍ତା ଗୁରୁବାର ୧୦ଟା ବେଳେ ଅଭିଭାବକ ମାନଙ୍କ ଏକ ବୈଠକ ଡକାଯାଇଛି। ସେଥିରେ ଏନେଇ ଆଲୋଚନା କରାଯିବ। ଏହାପରେ ଅପରାହ୍ଣରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଏକାଡେମିକ କାଉନସିଲ ବୈଠକ ରହିଥିବା କୁଳପତି ପ୍ରଫେସର ସାହୁ ସୂଚନା ଦେଇଛନ୍ତି।

**କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନ**

## ସମସ୍ତ ୧୪ ସିଟ୍‌ରେ ବିଜେଡିର ବାଜିମାତ୍




କେନ୍ଦୁଝର, ୨୧।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଜନା ବୋର୍ଡ ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବାଜିମାତ କରିଛନ୍ତି। ସମସ୍ତ ୧୪ଟି ସିଟରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ସଦସ୍ୟ ନିମନ୍ତେ ନାମାଙ୍କନ ପରେ ଗତ ୮/୭/୨୦୨୬ରେ ଯାଞ୍ଚ ହୋଇ ପ୍ରଥମ ଦଫାରେ ବିଜେଡିର ସମସ୍ତ ୭ ଜଣ ସାଧାରଣ ବର୍ଗର ପ୍ରାର୍ଥୀ ୨ ନମ୍ବର ଜୋନର ସଦସ୍ୟ ଜିତେନ୍ଦ୍ର ସାମଲ, ୫ ଜୋନ ସଦସ୍ୟ ରଥ ମୁଣ୍ଡା, ୯ ନମ୍ବର ଜୋନ ସଦସ୍ୟ ସୁରେନ୍ଦ୍ର ଜେନା, ୨୦ ନମ୍ବର ଜୋନର କେଦାରଚନ୍ଦ୍ର ପ୍ରଧାନ, ୨୬ ନମ୍ବର ଜୋନର ଶଶିକାନ୍ତ ଖିଲାର, ୨୯ ନମ୍ବର ଜୋନର ସଦସ୍ୟ ବୁଦ୍ଧଦେବ ମହାକୁଡ଼ ଏବଂ ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ତେବେ, ମହିଳା ବର୍ଗର ୭ଟି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପିର ୧ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର ପରାଜିତ ହୋଇଥିବାବେଳେ ବିଜେଡିର କୌଶଲ୍ୟା ସେଠୀ, କ୍ଷୀରୋଦିନି ମହାକୁଡ଼, ମଧୁସ୍ମିତା ଦାସ, ମଇନ ସୋରେନ, ରମଣୀ ନାୟକ, ରୁନୁ ମହାନ୍ତ ଏବଂ ଶାନ୍ତିଲତା ରଣା ପ୍ରମୁଖ ବିଜେଡିର ୭ ଜଣ ପ୍ରାର୍ଥିନୀ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପରିଷଦର ୩୭ଟି ଜୋନ ମଧ୍ୟରୁ ସଦର ବ୍ଲକର ୪ ନମ୍ବର ଜୋନ ସଦସ୍ୟା ଲୀଳାବତୀ ମହାନ୍ତ ଏବଂ ପାଟଣା ବ୍ଲକର ଜୋନ ନମ୍ବର ୨୧ର ସଦସ୍ୟ ପ୍ରଫୁଲ୍ଲ ନାୟକଙ୍କର ମୃତ୍ୟୁ ଯୋଗୁଁ ପଦ ଖାଲି ରହିଛି। ଅନ୍ୟପକ୍ଷରେ ଘଟଗାଁ ବ୍ଲକ ୮ ନମ୍ବର ଜୋନର ସଦସ୍ୟା ରଞ୍ଜିତା ନାୟକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ ୩୪ ଜଣ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ରହିଛନ୍ତି। ଜିଲ୍ଲା ଯୋଜନା ବୋର୍ଡରେ ବିଜେଡିର ସମସ୍ତ ୧୪ଟି ସିଟରେ ବିଜୟୀ ପ୍ରାର୍ଥୀଙ୍କୁ ବିଜେଡିର କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ବିଜେଡି ନେତା ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବିଜେଡି ନେତ୍ରୀ ତଥା ପୂର୍ବତନ ପୌରାଧକ୍ଷା ମୀନା ମାଝୀ, ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ବିଜେଡି ଆଇଟି ସେଲର ଜଗଦୀଶ ଆପଟଙ୍କ ସମେତ ବହୁ ବିଜେଡି ନେତା ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଶୁଭେଚ୍ଛା ଜଣାଇଥିଲେ।

## ମୌସୁମୀ ସକ୍ରିୟ, ବର୍ଷା ଜାରି

ଭୁବନେଶ୍ୱର,୨୧।୭(ସମିସ): ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷା ସ୍ଥିତି ଲାଗି ରହିଛି। ମୌସୁମୀ ଟ୍ରଫ ସକ୍ରିୟ ରହିଥିବା ବେଳେ ଏବେ ଓଡ଼ିଶା ଉପରେ ଗୋଟିଏ ଘୂର୍ଣ୍ଣିବଳୟର ମଧ୍ୟ ପ୍ରଭାବ ରହୁଛି। ଏଥିପାଇଁ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ଦିନତମାମ୍ ବର୍ଷା ଲାଗି ରହିଛି। ଭୁବନେଶ୍ୱରରେ ଅପରାହ୍ଣ ୪ଟା ପରେ ବର୍ଷା ଆରମ୍ଭ ହୋଇ ପ୍ରାୟ ସାଢ଼େ ୬ଟା ପର୍ଯ୍ୟନ୍ତ ଜାରି ରହିଥିବା ବେଳେ ରାଜ୍ୟର ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଧ୍ୟ ଭଲ ବର୍ଷା ଅନୁଭୂତ ହୋଇଛି। ରାଜ୍ୟରେ ଆହୁରି ୬ ଦିନ ଯାଏ ବର୍ଷା ସମ୍ଭାବନା ରହିଛି। ଏମିତିକି ଆସନ୍ତା ୨୩-୨୪ ବେଳକୁ ଏକ ଲଘୁଚାପର ମଧ୍ୟ ଆଶଙ୍କା କରାଯାଉଛି। ଏହାଦ୍ୱାରା ବାହୁଡ଼ାରେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟାରେ ରାଜ୍ୟରେ ୧୦ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଏଥିରେ କେନ୍ଦୁଝରରେ ୮୩ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଟିଟିଲାଗଡ଼ରେ ୮୧ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ା ୫୦, କଟକ ୪୪, ସୁନ୍ଦରଗଡ଼ ୪୬, ମାଲକାନଗିରି ୪୮, ସୋନପୁର ୫୮, ଦେବଗଡ଼ ୪୬ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଏହି ୫ ଜିଲ୍ଲାରେ ପ୍ରବଳ ବର୍ଷା ସହ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିପରି ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ରାଜ୍ୟରେ ଜୁନ ୧ରୁ ଏଯାବତ ୪୮୮.୯ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷାଠାରୁ ବର୍ଷାର ପରିମାଣ ୧୩ ପ୍ରତିଶତ ଅଧିକ ରହିଛି।

**ରାଜ୍ୟରେ ସାର ସଙ୍କଟ ତୀବ୍ର**

## ସବୁଜ ସାର ଯୋଜନା ବାଟବଣା

**କାହା ପକେଟ ଭରିବାକୁ ୪ ଗୁଣ ହେଲା ଧନିଚା ବିହନ ମୂଲ୍ୟ**

ଭୁବନେଶ୍ୱର, ୨୧।୭ (ସମିସ): ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ଦେଶର କୃଷି କ୍ଷେତ୍ରରେ ଗଭୀର ଭାବରେ ପଡ଼ିଛି। ଖରିଫ ଚାଷ ଋତୁ ଆରମ୍ଭ ହୋଇଥିବାରୁ ୟୁରିଆ, ଡିଏପି ଓ ଏନ୍‌ପିକେ ଭଳି ରସାୟନିକ ସାରର ଚାହିଦା ବଢ଼ିଥିବା ବେଳେ ଯୋଗାଣ ଅଭାବ ରାଜ୍ୟର ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏପରି ସ୍ଥିତିରେ ସରକାର ରସାୟନିକ ସାରର ବିକଳ୍ପ ଭାବେ ଧନିଚା ଚାଷକୁ ପ୍ରୋତ୍ସାହନ ଲାଗି କରିଥିବା ଯୋଜନା ବି ଆଗେଇ ପାରିନାହିଁ। ଧନିଚା ବିହନର ଅସ୍ୱାଭାବିକ ଦରବୃଦ୍ଧି ଓ ଡିବିଟି ବ୍ୟବସ୍ଥାର ଜଟିଳତା ଏହି ଯୋଜନା କ୍ଷେତ୍ରରେ ବାଧକ ହୋଇଛି।

କୃଷି ବିଶେଷଜ୍ଞଙ୍କ ମତରେ ଧନିଚା ଏକ ଉତ୍କୃଷ୍ଟ ସବୁଜ ସାର। ଏହାକୁ ଚାଷ କରି ପରେ ମାଟିରେ ମିଶାଇ ଦିଆଯିବା ପରମ୍ପରା ଅନେକ ବର୍ଷରୁ ଚାଲି ଆସିଛି। ଧନିଚା ମୃତ୍ତିକାରେ ଜୈବିକ ପଦାର୍ଥ ଓ ନାଇଟ୍ରୋଜେନର ପରିମାଣ ବୃଦ୍ଧି କରିଥାଏ ଓ ରାସାୟନିକ ସାର ବ୍ୟବହାର ୩୦ରୁ ୩୫% ପର୍ଯ୍ୟନ୍ତ ହ୍ରାସ କରିପାରେ। ଏହା କେବଳ ଚାଷୀଙ୍କ ଖର୍ଚ୍ଚ କମାଏ ନୁହେଁ, ମାଟିର ଉର୍ବରତା ବଜାୟ ରଖିବା ସହ ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହୋଇଥାଏ। କିନ୍ତୁ ଚଳିତ ବର୍ଷ ସରକାର ଧନିଚା ବିହନର ମୂଲ୍ୟ ପ୍ରତି କିଲୋ ୧୯୧.୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ଯଦିଓ ଏଥିରୁ ୧୫୧.୨୦ ଟଙ୍କା ସବସିଡି ସିଧାସଳଖ ଡିବିଟି (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଫେରସ୍ତ ହେବାର ବ୍ୟବସ୍ଥା ରହିଛି, ମାତ୍ର ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଚାଷୀମାନେ ଧନିଚା କିଣିବାରୁ ବଞ୍ଚିତ ହୋଇଛନ୍ତି। ଅନେକ ବ୍ଲକ୍ ଓ କୃଷି କାର୍ଯ୍ୟାଳୟରେ ଧନିଚା ବିହନ ବଣ୍ଟନ ନହୋଇ ପଡ଼ିରହିଥିବା ଅଭିଯୋଗ ହୋଇଛି ।

ଦୁଇବର୍ଷ ପୂର୍ବେ ରାଜ୍ୟ ସରକାର ଚାଷୀଙ୍କୁ ସିଧାସଳଖ ୪୦ ଟଙ୍କା କିଲୋ ଦରରେ ଧନିଚା ବିହନ ଯୋଗାଉଥିଲେ। କିନ୍ତୁ ଏଥର ହଠାତ୍ କ୍ରୟ ମୂଲ୍ୟ ୧୯୧ ଟଙ୍କାକୁ ବୃଦ୍ଧିକୁ ଚାଷୀମାନେ ଗ୍ରହଣ କରିପାରୁନାହାନ୍ତି । ବିରି, ମୁଗ ପରି ଡ଼ାଲିଜାତୀୟ ଓ ଚିନାବାଦାମ, ସୋରିସ ପରି ତୈଳବୀଜ ବିହନ ତୁଳନାରେ ଧନିଚା ବିହନ ଦର ଅଧିକ ରଖାଯିବାକୁ ନେଇ ମଧ୍ୟ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଧନିଚା ବିହନର ଚଢ଼ା ମୂଲ୍ୟ ତଥା କ୍ରୟ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷରେ ସବସିଡି ବାବଦରେ ବହୁ କୋଟି ଟଙ୍କାର ଅତିରିକ୍ତ ଭାର ଶେଷରେ ରାଜ୍ୟ ରାଜକୋଷ ଉପରେ ପଡ଼ିବ ବୋଲି କୁହାଯାଉଛି । ଓଡ଼ିଶା ସରକାର ପ୍ରତିବର୍ଷ ପୂର୍ବୋତ୍ତର ରାଜ୍ୟଗୁଡ଼ିକରୁ ବହୁ ପରିମାଣରେ ଧନିଚା ବିହନ କିଣି ଚାଷୀଙ୍କୁ ଯୋଗାଇଥାନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ଧନିଚା ବିହନର ବାଣିଜ୍ୟିକ ଉତ୍ପାଦନକୁ ପ୍ରୋତ୍ସାହନ ମିଳିନଥିବାରୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଅନ୍ୟ ରାଜ୍ୟକୁ ଚାଲିଯାଉଛି। କୃଷି ବିଶେଷଜ୍ଞମାନଙ୍କ ମତରେ ଓଡ଼ିଶାରେ ଧନିଚା ବିହନ ଉତ୍ପାଦନକୁ ପ୍ରୋତ୍ସାହନ ଦିଆଗଲେ ଚାଷୀମାନେ ଅତି କମ୍ ଦରରେ ବିହନ ପାଇପାରିବେ ଏବଂ ସରକାରଙ୍କ ସବସିଡି ବ୍ୟୟ ମଧ୍ୟ କମିବ।

ଏପଟେ ସାର ସଙ୍କଟ ଯୋଗୁଁ ବହୁ ଅଞ୍ଚଳରେ ୟୁରିଆ ଓ ଡିଏପି ସାର ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ଆସୁଛି। ଅନେକ ଗ୍ରାମାଞ୍ଚଳରେ ଚାଷୀମାନେ ଗୋବର ଖତ, କମ୍ପୋଷ୍ଟ ଓ ଅନ୍ୟାନ୍ୟ ଜୈବିକ ସାର ବ୍ୟବହାର କରୁଥିଲେ ମଧ୍ୟ ଏଗୁଡ଼ିକ ରସାୟନିକ ସାରର ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରୁନାହିଁ। ବିଶେଷକରି ବର୍ତ୍ତମାନ ଧାନ ତଳିଘେରା ପ୍ରସ୍ତୁତି ସମୟରେ ୟୁରିଆର ଚାହିଦା ସର୍ବାଧିକ ରହିଛି। ତେଣୁ ସାର ସଙ୍କଟର ଦୀର୍ଘମିଆଦି ସମାଧାନ ପାଇଁ ସରକାର କେବଳ ବିକଳ୍ପ ସାର ଯୋଗାଇଲେ ହେବ ନାହିଁ। ମୃତ୍ତିକା ପରୀକ୍ଷା ଆଧାରରେ କେଉଁ ଫସଲ ପାଇଁ କେତେ ପରିମାଣରେ ନାଇଟ୍ରୋଜେନ, ଫସଫରସ ଓ ପଟାସିୟମ ଆବଶ୍ୟକ, ସେ ସମ୍ପର୍କରେ ଚାଷୀଙ୍କୁ ବ୍ୟାପକ ସଚେତନ କରିବା ଦରକାର। ଏହାଦ୍ୱାରା ରସାୟନିକ ସାରର ଅପବ୍ୟବହାର କମିବା ସହ ଉତ୍ପାଦନ ବ୍ୟୟ ହ୍ରାସ ପାଇବ ଏବଂ ସାର ସଙ୍କଟର ପ୍ରଭାବକୁ ମଧ୍ୟ ବହୁ ପରିମାଣରେ ମୁକାବିଲା କରାଯାଇପାରିବ।

ଜିଲ୍ଲାପାଳ କାର୍ଯ୍ୟାଳୟରେ ଅଚଳାବସ୍ଥା

# ଲିଫ୍ଟରେ ଫସିଲେ ଶିକ୍ଷକଶିକ୍ଷୟିତ୍ରୀ

ଯାଜପୁର ୨୧।୭ (ସମିସ)



ଯାଜପୁର ଜିଲ୍ଲାର ମୁଖ୍ୟ ଡାକ୍ତରଖାନା ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟରେ ଲିଫ୍ଟର ବ୍ୟବସ୍ଥା ହୋଇଛି। ପୂର୍ତ୍ତ ବିଭାଗ ଏହାର

**ହେଉନି ସର୍ଭିସିଂ, ନାହାନ୍ତି ଅଭିଜ୍ଞ କର୍ମଚାରୀ**

ରକ୍ଷଣାବେକ୍ଷଣ କରୁଛି। ଉଭୟ ସ୍ଥାନରେ ଲାଗିଥିବା ଲିଫ୍ଟଗୁଡିକୁ ପରିଚାଳନା କରିବା ପାଇଁ ଅଭିଜ୍ଞ କର୍ମଚାରୀ ନଥିବାରୁ ଯିଏ ଯେମିତି ପାରିଲା ସେମିତି ଚଳାଉଛନ୍ତି। ଫଳରେ ଅଧକାଂଶ ସମୟରେ ଅଘଟଣ ଘଟୁଛି। ବର୍ଷର ଅଧିକାଂଶ ସମୟ ଲିଫ୍ଟ ଅଚଳ ରହୁଥିବାରୁ ଡାକ୍ତରଖାନାରେ ରୋଗୀ ଓ ସେମାନଙ୍କ ସଂପର୍କୀୟମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଅଧିକାଂଶ ଜରୁରୀ ବିଭାଗ ଉପର ତାଲାରେ। ନିକଟରେ ଉଭୟ ମୁଖ୍ୟ ଚିକିତ୍ସାଳୟ ଏବଂ ଏମସିଏଚ ବିଲ୍ଡିଂରେ ଲାଗିଥିବା ଲିଫ୍ଟ ଅଚଳ ହୋଇପଡିଥିଲା। ଏହାକୁ କେନ୍ଦ୍ରକରି ରୋଗୀମାନେ ହୋ ହାଲ୍ଲା କରିବା ପରେ ଏବେ କେବଳ ମୁଖ୍ୟ ଡାକ୍ତରଖାନା ଲିଫ୍ଟଟି ଚାଲୁ ହୋଇଥିଲେ ମଧ୍ୟ ଏମସିଏଚ ବିଲ୍ଡିରେ ଲାଗିଥିବା ଲିଫ୍ଟ ଏବେ ବି ଅଚଳ ରହିଛି। ଏ ସଂପର୍କରେ ଅଭିଯୋଗ କଲେ ଖୁବଶୀଘ୍ର ମରାମତି କରାଯିବ ବୋଲି ଉତ୍ତର ମିଳୁଛି।

ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲାଗିଥିବା ଲିଫ୍ଟଟି ମଧ୍ୟ ଅଧିକାଂଶ ସମୟରେ ଅଚଳ ହୋଇପଡୁଛି। ମଙ୍ଗଳବାର ଲିଫ୍ଟ ଅଚଳ ହୋଇଯିବାରୁ ୪୦ ମିନିଟରୁ ଅଧିକ ସମୟ ଲିଫ୍ଟ ଭିତରେ ଘରୋଇ ସ୍କୁଲର ଗୁରୁଜୀ ଗୁରୁମା ୪୦ ମିନଟ ଫସି ରହିଲେ। ଲିଫ୍ଟରେ ଫସିରହୁଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ବୈଷୟିକ ଜ୍ଞାନ ସଂପନ୍ନ ବ୍ୟକ୍ତିଙ୍କ ଆବଶ୍ୟକତା ଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟରେ କେହି ନାହାଁନ୍ତି। ଫଳରେ ପାର୍କିଂ ଦାୟିତ୍ୱରେ ଥିବା କର୍ମଚାରୀମାନେ ବହୁ ଚେଷ୍ଟା କରି ଲିଫ୍ଟରେ ଫସିଥିବା ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। କୌଣସି ଏକ ଅଭିଯୋଗ ନେଇ ପ୍ରାୟ ୬ ଜଣ ଶିକ୍ଷକଶିକ୍ଷୟିତ୍ରୀ ଜିଲ୍ଲାପାଳ ଅଫିସକୁ ଆସିଥିବା ବେଳେ ଏଭଳି ହିନସ୍ତା ଭୋଗ କରିଥିଲେ। ଲିଫ୍ଟରୁ ଉଦ୍ଧାର ହେବା ପରେ ଆଉ ସେହି ଲିଫ୍ଟରେ ଯିବେ ନାହିଁ ବୋଲି କହିଥିଲେ।

ଅଞ୍ଚଳବାସୀଙ୍କ ଖଣି ଖନନରେ ସମସ୍ୟା

## ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ମନ୍ତ୍ରୀ



**ଯାଜପୁର, ୨୧।୭ (ସମିସ):** ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଂସ ପଞ୍ଚାୟତର ହାତୀହୁଡି ଏବଂ କମର୍ଦ୍ଦା ମୁଣ୍ଡାସାହି ଗ୍ରାମରେ ଖଣି ଖନନ ଯୋଗୁଁ ଜନଜୀବନ ଏବଂ ପରିବେଶଗତ ସମସ୍ୟାର ସ୍ଥାୟୀ ସମାଧାନ ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ଏହି ଅଞ୍ଚଳରେ ଚାଲିଥିବା ଖଣି ଖନନ ପାଇଁ ଅଧିବାସୀମାନେ ଦୀର୍ଘ ଦିନ ଧରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ନିୟମିତ ଏବଂ ଅନିୟନ୍ତ୍ରିତ ବ୍ଲାଷ୍ଟିଙ୍ଗ କାରଣରୁ ଗ୍ରାମବାସୀଙ୍କ ଘରଗୁଡିକରେ ବଡ ବଡ ଫାଟ ସୃଷ୍ଟି ହୋଇଛି। ଏଥିରୁ ଛାତ ଘର ମଧ୍ୟ ରକ୍ଷା ପାଇପାରୁନାହିଁ। ଅନେକ ଘର ବସବାସ ପାଇଁ ଅସୁରକ୍ଷିତ ହୋଇପଡିଥିବାରୁ ଗ୍ରାମବାସୀ ଭୟ ଏବଂ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ଯେକୌଣସି ସମୟରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ଅପରପକ୍ଷରେ, ଖଣିର ଡମ୍ପିଂ ୟାର୍ଡରୁ ନିର୍ଗତ କ୍ରୋମାଇଟ ମିଶ୍ରିତ ବର୍ଜ୍ୟଜଳ ନିକଟସ୍ଥ ଚାଷଜମି, ନାଳ ଓ ପୋଖରୀରେ ମିଶୁଥିବାରୁ ଚାଷ ଜମିର ଉର୍ବରତା ହ୍ରାସ ପାଉଛି, ଫସଲ ନଷ୍ଟ ହେଉଛି ଏବଂ ଜଳ ପ୍ରଦୂଷଣ ଗୁରୁତର ଆକାର ଧାରଣ କରିଛି। ଏହାର ପ୍ରଭାବରେ ସ୍ଥାନୀୟ ଲୋକମାନେ ବିଭିନ୍ନ ପ୍ରକାର ଚର୍ମ, ଶ୍ୱାସକ୍ରିୟା, ବୃକକ ଓ ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡିତ ହେଉଛନ୍ତି।

କମ୍ପାନୀ ବ୍ୟାପକ ଆର୍ଥିକ ଲାଭ ଅର୍ଜନ କରୁଥିବାବେଳେ ସ୍ଥାନୀୟ ଲୋକମାନେ ନିଜ ଜୀବନ, ଜୀବିକା, ସ୍ୱାସ୍ଥ୍ୟ ଓ ସମ୍ପତିର କ୍ଷତି ସହୁଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଇ ଅନିୟନ୍ତ୍ରିତ ବ୍ଲାଷ୍ଟିଂ ଓ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ନିରୀହ ଆଦିବାସୀ ଜନସାଧାରଣଙ୍କ ଜୀବନ, ଜୀବିକା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶର ଉନ୍ନତି ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ଘଡେଇ ନିବେଦନ କରିଛନ୍ତି।

## ସଡ଼କ ଉପରେ ଧାନ ତଳି ରୋଇଲେ



**ବାଲିଚନ୍ଦ୍ରପୁର, ୨୧।୭ (ସମିସ):** ବାଲିଚନ୍ଦ୍ରପୁର ଲଳିତଗିରି ପୂର୍ତ୍ତ ସଡକର ସାହସପୁର କଲେଜ ଛକଠାରୁ ପଟାମୁଣ୍ଡାଇ କେନାଲ ନୂଆ ପୋଲ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ବ୍ୟବହାର ଅନୁପଯୁକ୍ତ ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଭାଗୀୟ ଅଧିକାରୀ ନିଦାବିଷ୍ଟ ହୋଇଥିବାରୁ ସ୍ଥାନୀୟ ଯୁବସମାଜ ସମୂହ ସେହି ରାସ୍ତା ଉପରେ ଧାନ ତଳି ରୋପଣ କରିଛନ୍ତି। ଅବିଭକ୍ତ କଟକ ଜିଲ୍ଲାର ଏକ ବଡ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଏହି ବଜାର ନିକଟରେ ତିନିଟି ମହାବିଦ୍ୟାଳୟ ଓ ଏକାଧିକ ଶିକ୍ଷାନୁଷ୍ଠାନ ଥିବାରୁ ଦୈନିକ ହଜାର ହଜାର ଗାଡ଼ି ମୋଟର ଓ ଜନସାଧାରଣ ନିର୍ଭର କରିଥାନ୍ତି। ସେନେଇ ଏହାର ମରାମତି ନିମନ୍ତେ ବହୁବାର ଦାବି ହୋଇଆସୁଥିଲା। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଅଭିଯୋଗକୁ କର୍ଣ୍ଣପାତ କରୁ ନଥିବାରୁ ମଙ୍ଗଳବାର ବାଲିଚନ୍ଦ୍ରପୁର ଓ ଅଖପାଖର ବହୁ ଯୁବକ ଧାନ ତଳି ରୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ଅନନ୍ତ ଦାସଙ୍କ ନେତୃତ୍ୱରେ ପ୍ରକାଶ ବଳ, ସତ୍ୟାନନ୍ଦ ମଲ୍ଲିକ, ନିବାରଣ ସାହୁ, ବିମଳ ଧଳ ସମେତ ବହୁ ସଂଖ୍ୟାରେ ଏହି ପ୍ରତିବାଦରେ ଯୁବକମାନେ ସାମିଲ ରହିଥିଲେ।

## ଲଘୁ ଖଣିଜ ସମ୍ପଦର ବ୍ୟାପକ ଲୁଟ୍ ଅଭିଯୋଗ

**ବଡଚଣା, ୨୧।୭ (ସମିସ):** ବଡ଼ଚଣା ନିର୍ବାଚନମଣ୍ଡଳୀ ଏବେ ମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଛି। କୌଣସି ଅନୁମତି ନ ଥାଇ ପାରିଆ ଅମୀୟଝରି ଓ ଭାଲୁଖାଇ ଅଞ୍ଚଳରୁ ବେଧଡକ ଚୋରା ଚାଲାଣ ହେଉଛି ମାଙ୍କଡ଼ା ପଥର। ବୈରୀ ରେଞ୍ଜର ଓ ବୈରି ଥାନାରୁ ଦୁଇରୁ ତିନି କିଲୋମିଟର ଦୂରରେ ଏଭଳି ଲୁଟ ହେଉଥିଲେ ମଧ୍ୟ ଏମାନଙ୍କ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। କାଇମାଟିଆ ପଞ୍ଚାୟତ ପଇଦା ଅଞ୍ଚଳରୁ ବେଧଡକ ମୋରମ ଚୋରା ଚାଲାଣ କରାଯାଉଥିବା ବେଳେ ବନ୍ତଳା ପଞ୍ଚାୟତ ସରପଞ୍ଚ ଖୁଲମଖୁଲା ଲୁଟ କରୁଥିବା ନେଇ ସ୍ଥାନୀୟଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି। ଧାଉଡିଆପଦାଠାରୁ ବ୍ୟାପକ ମୋରମ ଚୋରା ଚାଲାଣ ହେଉଥିବା ବେଳେ ମଝିପଡା ପଞ୍ଚାୟତ ଚଣ୍ଡିଆ ଅଞ୍ଚଳରୁ ମୂର୍ତ୍ତି ପଥର ଦୈନିକ ଲୁଟ ଓ ଚୋରା ଚାଲାଣ ହେଉଛି। ବାଲିଚନ୍ଦ୍ରପୁର ପୋଲିସ, ଦର୍ପଣ ତହସିଲ ଓ ଜିଲ୍ଲା ଖଣି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ମାଫିଆମାନେ ଦିନକୁ ଦିନ ଉତ୍ପାତ କରିବାକୁ ଲାଗିଲେଣି। ଦର୍ପଣ ତହସିଲ ଅଧୀନରେ ଥିବା ଅଞ୍ଚଳ ଛାଡି ବଡ଼ଚଣା ନିର୍ବାଚନମଣ୍ଡଳୀ, ବରୀ ନିର୍ବାଚନମଣ୍ଡଳୀ ଓ ପାଟକୁରା ନିର୍ବାଚନମଣ୍ଡଳୀର ସୀମାନ୍ତବର୍ତ୍ତି ଅଞ୍ଚଳ ଛୋଟିଠାରୁ ବାଲି ଉଠାଇ ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳୁଛି। ମୋରମ ମାଫିଆମାନେ ପାହାଡ଼ଗୁଡିକରୁ ବଡ଼ ବଡ଼ ଗଛ କାଟି ପରିବେଶ ନଷ୍ଟ କରୁଥିବା ବେଳେ କାହାରି ନଜର ପଡୁନି। ପ୍ରତିଦିନ ରାତିରେ ମାଫିଆମାନେ ମାଟି, ବାଲି, ମୋରମ ଓ ମାଙ୍କଡ଼ା ଚୋରା ଚାଲାଣ କରୁଥିଲେ ମଧ୍ୟ ବୈରି ପୁଲିସ, ବୈରି ରେଞ୍ଜର, ବଡ଼ଚଣା ପୁଲିସ, ଦର୍ପଣ ତହସିଲ, ବାଲିଚନ୍ଦ୍ରପୁର ପୁଲିସ କାହାରି ଦୃଷ୍ଟି ପଡୁନି। ଜାଣି ନ ଜାଣିଲା ଭଳି ହେଉଛନ୍ତି ଚଣ୍ଡିଖୋଲ ଆରଟିଓ। ଜାତୀୟ ରାଜପଥରେ ପ୍ରତେହ ହଜାର ହଜାର ଟ୍ରିପ ବଡ ବଡ ହାଇୱାରେ ଓଭରଲୋଡ କରାଯାଇ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ କରାଯାଉଥିଲେ ମଧ୍ୟ ଆରଟିଓ କର୍ମଚାରୀ ବାଇକ, ଟ୍ରାକ୍ଟର ଓ ପିକପ ଗାଡି ପଛରେ ପଡିଛନ୍ତି। ନିକଟରେ ପ୍ରଶାସନ ଉପରେ ଅନିୟମିତତାକୁ ନେଇ ନ୍ୟାୟପାଳିକାର ଅର୍ଥ ଦଣ୍ଡ ଛାଟ ବସିଥିବା ବେଳେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ଚୋରା ଚାଲାଣ ବନ୍ଦ ବଦଳରେ ବଢି ବଢି ଚାଲିଛି।

## ଧାନ ବେଉଷଣ ବେଳେ ପାକ୍ସରେ ମିଳୁନି ସାର

**କବାଟବନ୍ଧ, ୨୧।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଅଞ୍ଚଳରେ ରହିଥିବା ବିଭିନ୍ନ ସମବାୟ ସମିତିରେ ମିଳୁନି ସାର। ଫଳରେ ଶହ ଶହ ସଂଖ୍ୟାରେ ଚାଷୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କବାଟବନ୍ଧ ଏବଂ ଜେନାପୁର ଅଞ୍ଚଳର ଚାଷୀମାନେ ମଧୁସୂଦନପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, ଅଞ୍ଜିରା ଆଦି ପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ମାତ୍ର ଚାଷୀମାନେ ଆବଶ୍ୟକ ଅନୁସାରେ ସାର ପାଉ ନଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଯଦି ବେଉଷଣ ବେଳେ ଆବଶ୍ୟକ ଅନୁସାରେ ସାର ଚାଷୀକୁ ନ ମିଳେ ତେବେ ପରବର୍ତ୍ତୀ ସମୟରେ ପାକ୍ସଗୁଡ଼ିକରୁ ସାର ମିଳିଲେ ତାହା କେଉଁ କାମରେ ଲାଗିବ। ଏହି ଅଞ୍ଚଳରେ ରହିଥିବା ଅଧିକାଂଶ ପାକ୍ସ ଗୁଡ଼ିକରେ ଅଦ୍ୟାବଧି ସାର ମହଜୁଦ ନ ହେବା ଚିନ୍ତାଜନକ ବିଷୟ ପାଲଟିଛି। ଜିଲ୍ଲା ସମବାୟ ଉପନିବନ୍ଧକ ସାର ମହଜୁଦ ଥିବା ପ୍ରକାଶ କରୁଥିବା ବେଳେ ପାକ୍ସଗୁଡ଼ିକରେ ନ ମିଳିବାର କାରଣ ଚାଷୀଙ୍କୁ ଅଡୁଆରେ ପକାଇଛି। ସରକାର ସମବାୟ ସମିତି ଜରିଆରେ ୭୦ ପ୍ରତିଶତ ସାର ଚାଷୀଙ୍କ ପାଇଁ ପାକ୍ସଗୁଡିକୁ ଯୋଗାଇଥାନ୍ତି। ମାତ୍ର ଅନେକ ପାକ୍ସରେ ଏପର୍ଯ୍ୟନ୍ତ ସାର ନ ପହଞ୍ଚିବାର କାରଣ ମଧ୍ୟ ଜଣାପଡୁ ନାହିଁ। ବର୍ତ୍ତମାନ ସମୟରେ ଚାଷୀ ୟୁରିଆ ଏବଂ ଗ୍ରୋମୋର ସହିତ ପଟାସ ସାର ଆବଶ୍ୟକ କରୁଥିବା ବେଳେ ବଜାରରେ ମଧ୍ୟ ସମସ୍ତ ସାର ମିଳି ପାରୁ ନାହିଁ। ସମବାୟ ସମିତି ଚାଷୀଙ୍କ ଆବଶ୍ୟକ ମୁତାବକ ସାର ଯୋଗାଇ ଦେବାକୁ ବିଫଳ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ କୃଷି ଅଧିକାରୀ କିମ୍ବା ସମବାୟ ସମିତିର ଅଧିକାରୀ ଏ ସମ୍ବନ୍ଧରେ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଯଦି ଉପରସ୍ଥ ଅଧିକାରୀ ଏହାର ତଦାରଖ ଏବଂ ଚାଷୀ ମାନଙ୍କୁ ଆବଶ୍ୟକ ଅନୁସାରେ ସାର ଯୋଗାଇ ଦେବାକୁ ସୁବ୍ୟବସ୍ଥା ନ କରନ୍ତି ତେବେ ଏହି ଅଞ୍ଚଳର ଚାଷୀମାନେ ବହୁ ମାତ୍ରାରେ ପ୍ରଭାବିତ ହେବେ ବୋଲି କହିଛନ୍ତି।

▶▶ ଏକ ବୃକ୍ଷ ଏକ ବୀର ଅଭିଯାନ

## କାର୍‌ଗିଲ୍ ଶହୀଦଙ୍କ ସ୍ମୃତିରେ ବୃକ୍ଷ ରୋପଣ



ଯାଜପୁର/କୟାଁଗୋଲା, ୨୧।୭ (ସମିସ): ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଯାଜପୁର ଶାଖା ସଭାପତି ରବୀନ୍ଦ୍ରନାଥ ଜେନାଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଆଦିତ୍ୟ ବଳଙ୍କ ପରିଚାଳନାରେ ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟରେ କାରଗିଲ ଯୁଦ୍ଧରେ ଶହୀଦ ସୈନିକଙ୍କ ସ୍ମୃତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ଓଝା, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ସନ୍ତୋଷ ଦାସ, ଉପସଭାପତି ଜ୍ୟୋତିର୍ମୟୀ ମହାନ୍ତି, ଅନ୍ୟତମ ଅତିଥି ଭାବେ ମଙ୍ଗଳପୁର ପୂର୍ବତନ ସୈନିକ ସଂଘ ସଭାପତି ଶ୍ରୀକାନ୍ତ ନାୟକ ଓ ୧୯୮୦ ବ୍ୟାଚ ପୁରାତନ ଛାତ୍ର ସୁରଥ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଇକୋ କ୍ଲବ ସଦସ୍ୟ ଶାନ୍ତନୁ ଦାସ, ନିର୍ମଳ ସାହୁ, ବିଶ୍ୱରଂଜନ ପତ୍ର, ଶିକ୍ଷକ ରାଜେଶ ମଲ୍ଲିକ, ଯଦୁ ମାରାଣ୍ଡି, ପରିଚାଳନା କମିଟି ସଦସ୍ୟ ଗୁର୍ଫାନ ଅଲ୍ଲୀ ଖାଁ ଓ ଏସକେ ବାବରଙ୍କ ସହ ପୁରାତନ ଛାତ୍ରଛାତ୍ରୀ ଏବଂ ସେନାନି ସଂଘର ସଦସ୍ୟ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ।

## ଏସ୍‌ଜି କଲେଜର ସ୍ୱନକ୍ଷତ୍ର ଦିବସ



**ମଙ୍ଗଳପୁର, ୨୧।୭ (ସମିସ):** ପୂର୍ବ ଯାଜପୁର ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ (ଏସଜି) କଲେଜର ୫୧ତମ ସ୍ୱ-ନକ୍ଷତ୍ର ଦିବସ ପାଳନ କରାଯାଇଛି। ମଙ୍ଗଳବାର ୧୧ଟା ସମୟରେ ମହାବିଦ୍ୟାଳୟ ଅଧକ୍ଷ, ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀମାନେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ଚତୁପାର୍ଶ୍ୱ ସଫେଇ କରିଥିଲେ। ଅପରାହ୍ନରେ ମହାବିଦ୍ୟାଳୟ ଅଧକ୍ଷ ଜିତେନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ ରଞ୍ଜନ ବେହେରା ମୁଖ୍ୟଅତିଥି ଏବଂ ଆଳି ମହାବିଦ୍ୟାଳୟର ଅଧକ୍ଷ ରବିନାରାୟଣ ଦାସ, ଖରସ୍ରୋତା ମହାବିଦ୍ୟାଳୟ ଅଧକ୍ଷ ଡଃ ସୁଧାଂଶୁ ଦାସ, ଉଜ୍ଜ୍ୱଳକାନ୍ତ ଦାସ, ଅବସରପ୍ରାପ୍ତ ପ୍ରଫେସର ଡଃ ହରିଶଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡଃ ସତ୍ୟରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଦୀପ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ପୁରାତନ ଛାତ୍ରୀ ସାଇଶ୍ରୀ ପୃଷ୍ଟି ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ପଲ୍ଲବୀ ରାଉତ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ବାର୍ଷିକ ପତ୍ରିକା "ସାଧୁଶ୍ରୀ' ଉନ୍ମୋଚିତ ହୋଇଥିବାବେଳେ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଧୁ ଗୌରେଶ୍ୱରଙ୍କ କୃପା ଓ ଅଞ୍ଚଳବାସୀଙ୍କ ଆପ୍ରାଣ ଉଦ୍ୟମ ଫଳରେ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ରୂପେ ଗଢି ଉଠିଥିବାରୁ ମହାବିଦ୍ୟାଳୟର ଅଧକ୍ଷ ଧନ୍ୟବାଦ ଜ୍ଞାପନ ପୂର୍ବକ ମହାବିଦ୍ୟାଳୟର ଉନ୍ନତିରେ ସହଯୋଗ କାମନା କରିଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ସୁକିନ୍ଦା, ୨୧।୭ (ସମିସ):** ସୁକିନ୍ଦା ରଙ୍ଗିଟାଙ୍ଗର ନିକଟ ପୁନମ୍ ହୋଟେଲ୍ ପଛ ପାର୍ଶ୍ୱରେ ଥିବା ଏକ ପୋଖରୀରେ ବୁଡ଼ି ରଙ୍ଗୀଟାଙ୍ଗର ଗ୍ରାମର ନଣ୍ଡା ନାଏକଙ୍କ ପୁଅ ମକରୀ (୨୬)ଙ୍କ ମୃତ୍ୟୁ ଘଟିଛି। ମକରୀ ମଙ୍ଗଳବାର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେ ଗଭୀର ପାଣିରେ ଖସିଯିବାରୁ ସ୍ଥାନୀୟ ଯୁବକ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀର ଗଭୀର ପାଣିରୁ ଯୁବକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମକରୀଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



**ମଙ୍ଗଳପୁର, ୨୧।୭ (ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ଥାନାଧିକାରୀ ରଞ୍ଜନ ବେହେରାଙ୍କ ମୟୂରଭଞ୍ଜ ଜିଲ୍ଲାକୁ ବଦଳି ପରେ ମଙ୍ଗଳପୁର ଥାନାରେ ଭୁବନ ମୋହନ ସେଠୀ ନୂତନ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସଂଘ ସଭାପତି ଜୟପ୍ରକାଶ ନାୟକ, ଉପସଭାପତି ସୀତାଂଶୁ ଶେଖର ଜେନା, ସହସମ୍ପାଦକ ଆନନ୍ଦଚନ୍ଦ୍ର ବାରିକ, ମନୋରଞ୍ଜନ ମଲ୍ଲିକ, ସରୋଜ ପଣ୍ଡା ପ୍ରମୁଖ ନୂତନ ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଙ୍ଗଳପୁର ଥାନାଞ୍ଚଳରେ ବଜାରର ଟ୍ରାଫିକ ବ୍ୟବସ୍ଥା, ଚୋରା ମଦ କାରବାର, ଚୋରି ରୋକିବା ଉପରେ ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବିଭିନ୍ନ ହାଇସ୍କୁଲ ପରିଚାଳନା କମିଟି ଗଠିତ



ମଙ୍ଗଳପୁର, ୨୧।୭ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନଭାବେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଛି। ମଙ୍ଗଳବାର କ୍ଲଷ୍ଟର ସିଆରସିସି ପ୍ରିୟରଞ୍ଜନ ଦାସଙ୍କ ଉପସ୍ଥିତିରେ ସଭାପତି ଓ ଉପସଭାପତି ପଦ ପାଇଁ ନିର୍ବାଚନ ହୋଇଥିଲା। ସଭାପତି ପାଇଁ ମାମିନା ମଲ୍ଲିକ, ଅଞ୍ଜନ ମଲ୍ଲିକ ଓ ରମେଶ ବାରିକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ମାମିନା ୮ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ କମଳିନୀ ମଲ୍ଲିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସଭ୍ୟସଭ୍ୟା ଭାବେ ରମେଶ କୁମାର ବାରିକ, ଅଞ୍ଜନ କୁମାର ମଲ୍ଲିକ, ପ୍ରଦୀପ କୁମାର ଦାସ, ରଶ୍ମିତା ମଲ୍ଲିକ, ମହେଶ୍ୱର ଦାସ, କଳ୍ପନା ଦାସ, ମିନା ଜେନା, ପ୍ରତିମା ମଲ୍ଲିକ, ଦୀପ୍ତିରାଣୀ ଦାସ, ସସ୍ମିତା ସାହାଣୀ, ପ୍ରଭାସିନୀ ମଲ୍ଲିକ ପ୍ରମୁଖ ମନୋନୀତ ହୋଇଥିଲେ। ନୂତନ ସଭାପତି ମାମିନା ମଲ୍ଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ମଇଁଦା।**

ପିଏମଶ୍ରୀ ଉତ୍ତଙ୍ଗରା ସରକାରୀ ଉଚ୍ଚବିଦ୍ୟାଳୟରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ପ୍ରଥମେ କମିଟିର ୧୯ ଜଣ ସଦସ୍ୟଙ୍କୁ ବଛାଯାଇଥିଲା। ନବ ନିର୍ବାଚିତ ସଦସ୍ୟମାନେ ସର୍ବସମ୍ମତିକ୍ରମେ ପ୍ରକାଶଚନ୍ଦ୍ର ଦାସଙ୍କୁ କମିଟିର ସଭାପତି ଏବଂ ପ୍ରଭାସିନୀ ପଣ୍ଡାଙ୍କୁ ଉପସଭାପତି ଭାବେ ମନୋନୀତ କରିଥିଲେ। ଶିକ୍ଷାନୁରାଗୀ ଅଭିଭାବକ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ନେଇ ଏକ ସଂକଳ୍ପବଦ୍ଧ ପରିଚାଳନା କମିଟି ଗଠନ କରାଯାଇଥିଲା।

## ସ୍କୁଲ ନିକଟରେ ବିଦେଶୀ ମଦ ଦୋକାନକୁ ବିରୋଧ



ଯାଜପୁର, ୨୧।୭ (ସମିସ): ଯାଜପୁର ପୌରପାଳିକା ୧ ନମ୍ବର ୱାର୍ଡ ଆଖଣ୍ଡଳେଶ୍ୱର ଗଳି ମଧ୍ୟରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ଜିଲ୍ଲାପାଳଙ୍କ ଅବଗତ କରାଯିବା ସହ ଏହାର ସ୍ଥାନାନ୍ତରଣ ପାଇଁ ଦାବି କରାଯାଇଛି। ଉକ୍ତ ସ୍ଥାନରେ ଗୁରୁକୁଳ ଶିକ୍ଷାଶ୍ରମ କେନ୍ଦ୍ର ରହିଛି। ଯେଉଁଠାକୁ ପ୍ରତିଦିନ ୩୦୦ରୁ ଅଧିକ କୋମଳମତି ଛାତ୍ରଛାତ୍ରୀ ପଢିବାକୁ ଆସୁଛନ୍ତି। ପ୍ରସ୍ତାବିତ ମଦ ଦୋକାନ ଏଠାରେ ଖୋଲାଗଲେ ତାହା ପିଲାଙ୍କ ଉପରକୁ ପ୍ରଭାବ ପକାଇବ। ଏହାକୁ ତୀବ୍ର ବିରୋଧ କରୁଛନ୍ତି ଘରୋଇ ସ୍କୁଲରର ଗୁରୁଜୀ ଗୁରୁମା ଓ ସ୍ଥାନୀୟ ବାସିନ୍ଦା। ଏନେଇ ଏକ ଦାବିପତ୍ର ବିଦ୍ୟାଳୟର ଗୁରୁଜୀ ଗୁରୁମାମାନେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଏହି ମଦ ଦୋକାନ ବନ୍ଦ ନ ହେଲେ ବିଦ୍ୟାଳୟ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଦୁଃଖ ଦେଇଛି ଦଇବ: ଦମ୍ପତିଙ୍କ ଚିକିତ୍ସାରେ ବାଧକ ଅର୍ଥାଭାବ

ପ୍ରୀତିପୁର, ୨୧।୭ (ସମିସ)



'ଦୁଃଖୀ ପରିବାର ଉପରେ ପୁଣି ଦୁଃଖର ଭାର'। ଅଭାବ ଅନଟନ ପରିବାର ଉପରେ ପୁଣି ରୋଗର ଦାଉ। ଅର୍ଥ ଅଭାବରୁ ଅଧା ଚିକିତ୍ସା ହେବାପରେ ଡାକ୍ତର ଫେରାଇ ଦେଇଥିବା କହିଛନ୍ତି ସ୍ନାୟୁଜନିତ ରୋଗରେ ପୀଡ଼ିତ ଜଣେ ବ୍ୟକ୍ତି ଚିତ୍ତ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ରଣପୁର ପଞ୍ଚାୟତ ୬ ନଂ ୱାର୍ଡର ୫୫ ବର୍ଷିୟ ଚିତ୍ତରଂଜନ ଦାସ ଓ ତାଙ୍କର ପତ୍ନୀ ୫୩ ବର୍ଷିୟା ମଞ୍ଜୁଲତା ଦାସ ଦୀର୍ଘ ୨ ବର୍ଷ ଧରି ସ୍ନାୟୁ ରୋଗରେ ପୀଡିତ ଅଛନ୍ତି। ଗରିବ ସଂସାରରେ ଯେଉଁଠି ତେଲଲୁଣ ପାଇଁ ସଂଘର୍ଷ ଜାରି ରହିଥାଏ ସେଠିପୁଣି ଚିକିତ୍ସା ପାଇଁ ଅର୍ଥ। ତଥାପି ମାଗିଯାଚି ଗ୍ରାମ ଲୋକଙ୍କ ସହଯୋଗରେ ଗତ ୧ ବର୍ଷ ପୂର୍ବରୁ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ଚିତ୍ତ। ସେଠାରେ ଚିକିତ୍ସା ଚାଲିବା ସମୟରେ ଅର୍ଥାଭାବ ଯୋଗୁଁ ଘରକୁ ଫେରି ଆସି ଭାଗ୍ୟକୁ ଆଦରି କାଳାତିପାତ କରୁଛନ୍ତି। ୩ ପୁଅ ଅଛନ୍ତି ସତ ମାତ୍ର ସେମାନଙ୍କ ଉପାର୍ଜନରେ ପରିବାର ଚଳିବା କଷ୍ଟସାଧ ହେଉଛି। ମଞ୍ଜୁଙ୍କ କଥା କହିଲେ ଚଲାବୁଲା କରୁଛନ୍ତି ସତ ମାତ୍ର ଦିନକୁ ଦିନ ନଇଁ ପଡୁଥିବାର ଦେଖାଯାଇଛି। ଏପରି ଯାହା ପାଇଁ ଚିତ୍ତ ଆଉ ତାଙ୍କ ପତ୍ନୀ ମଞ୍ଜୁଙ୍କ ଅବସ୍ଥା ଚିକିତ୍ସା ଅଭାବରୁ ଦିନକୁ ଦିନ ଖରାପ ହେବାରେ ଲାଗିଛି। ଚିତ୍ତ ଆଉ ଚାଲି ପାରୁନଥିବାରୁ ତାଙ୍କୁ ଟେକି କରି ଗୋଟେ ସ୍ଥାନରୁ ଅନ୍ୟସ୍ଥାନକୁ ନିଆ ଯାଉଥିବା ବେଳେ ହାତେ ଦୁଇହାତ କଥା ହେଲେ ହାତଭରା ଦେଇ ଘୋଷାରି ହୋଇ ଚାଲୁଛନ୍ତି। ଅନ୍ୟପଟେ ପତ୍ନୀ ସ୍ଥିତିରେ ଅଧିକ ଚିକିତ୍ସା ତ ଦୂରର କଥା ଏମିତିକି ସରକାରୀ ସହାୟତା ପାଇଁ ଚାହିଁଲେ ବି ହୋଇପାରିନି। ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ସତ ମାତ୍ର ବିଭାଗୀୟ ଡାକ୍ତର ତାଙ୍କୁ ଶତକଡା ୪୦% ମାର୍କ ଦେବାରୁ ସେ ସରକାରଙ୍କ ଜନହିତକାରୀ ଯୋଜନାରୁ ହୋଇଛନ୍ତି ବଞ୍ଚିତ। ଯାହାପାଇଁ ଚିତ୍ତ ଭାଙ୍ଗି ପଡିଥିବା ବେଳେ ଔଷଧ ଟିକକ ପାଇଁ କାହାର ସହାୟତାକୁ ଚାହିଁ ବସିଛନ୍ତି। ଗ୍ରାମବାସୀ କେବେ କେବେ ସହଯୋଗର ହାତ ବଢାଉଛନ୍ତି ସତ ମାତ୍ର ତାହା ସମୁଦ୍ରକୁ ଶଙ୍ଖ ସଦୃଶ। ଏଭଳି ପରିସ୍ଥିତି ସ୍ଥଳେ ଚିତ୍ତଙ୍କ ପାଇଁ ଏବେ ସହଯୋଗର ହାତ ବଢାଇବା ରହିଛି ଆବଶ୍ୟକ। ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ଏବଂ ସରକାର ତାଙ୍କର ଦୁର୍ଦ୍ଦଶା ପ୍ରତି ଧ୍ୟାନ ଦେବାକୁ ଚିତ୍ତ ନିବେଦନ କରିଛନ୍ତି। ଜଣେ ସୁସ୍ଥ ସବଳ ବ୍ୟକ୍ତି ଯେକି ନିଜର କୁଟୁମ୍ବଙ୍କର ଯାହାରା ଥିଲା; ହଠାତ୍ ଏଭଳି ଦୁର୍ଦ୍ଦଶା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି। ଚିତ୍ତ ଓ ତାଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଦାବି ହେଉଛି।

### ୩୧ ବର୍ଷ ପରେ ବି ବିଦ୍ୟାଳୟକୁ ଅନୁଦାନ ଅପହଞ୍ଚ

# ନିଜସ୍ୱ ଖର୍ଚ୍ଚରେ ଚାଲିଛି ମଧ୍ୟାହ୍ନ ଭୋଜନ

ଦୋବଲ,୨୧।୭ (ସମିସ):



ସରକାରୀ ସହାୟତା ଓ ଅନୁଦାନ ଆଶାରେ ଦିନ ଗଣୁଛି ଧାମନଗର ବ୍ଲକ୍ ମୁସ୍ତଫାପୁର ପଞ୍ଚାୟତ କାଳିପଡ଼ିଆ ନିକଟସ୍ଥ ଗୌରାଙ୍ଗ ସାହାଣୀ ମଧ୍ୟଇଂରାଜୀ ବିଦ୍ୟାଳୟ। ୧୯୯୫ ମସିହାରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ୩୧ ବର୍ଷ ଧରି ଶିକ୍ଷାଦାନ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରୀ ଅନୁଦାନ ପାଇପାରିନାହିଁ। ଫଳରେ ଆର୍ଥିକ ସଙ୍କଟ ମଧ୍ୟରେ ବିଦ୍ୟାଳୟର ପରିଚାଳନା ଚାଲିଥିବାବେଳେ ଶିକ୍ଷକ ଓ ସ୍ଥାନୀୟ ଲୋକଙ୍କ ତ୍ୟାଗ ହିଁ ଏହାର ମୁଖ୍ୟ ଭରସା ପାଲଟିଛି। ବର୍ତ୍ତମାନ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ୨୨ ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି। ମାତ୍ର ତିନୋଟି କୋଠରୀ ମଧ୍ୟରୁ ୨ଟି ଶ୍ରେଣୀଗୃହ ଓ ଗୋଟିଏ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଛି। ପ୍ରତିଷ୍ଠା ସମୟରୁ ନିଯୁକ୍ତ ଅନେକ ଶିକ୍ଷକଙ୍କ ମଧ୍ୟରୁ ବର୍ତ୍ତମାନ କେବଳ ଜଣେ ଶିକ୍ଷକ ଓ ୨ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବାବେଳେ ସେମାନେ ଦୀର୍ଘ ବର୍ଷ ଧରି ବିନା ଦରମାରେ ଶିକ୍ଷାଦାନ କରୁଛନ୍ତି। ଏପରିକି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟମୁଖୀ କରିବା ପାଇଁ ନିଜସ୍ୱ ଅର୍ଥରେ ମଧ୍ୟାହ୍ନ ଭୋଜନ ଓ ୟୁନିଫର୍ମ ଯୋଗାଇ ଆସୁଛନ୍ତି। ଧାମନଗର ବିଇଓ କାର୍ଯ୍ୟାଳୟ ପକ୍ଷରୁ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଛି।

ଅଞ୍ଚଳରେ ନିକଟସ୍ଥ ସରକାରୀ ବିଦ୍ୟାଳୟ ପ୍ରାୟ ୩ କି.ମି. ଦୂରରେ ଥିବାରୁ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନଙ୍କ ଶିକ୍ଷାର ସୁବିଧା ପାଇଁ ସ୍ଥାନୀୟ ଲୋକେ ଏହି ବିଦ୍ୟାଳୟ ସ୍ଥାପନ କରିଥିଲେ। ବିଦ୍ୟାଳୟ ପାଇଁ ସ୍ଥାନୀୟ ଭଗବାନ ବେହେରା ୧ ଏକର ୫ ଡେସିମିଲ ଜମି ଦାନ କରିଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ଅସ୍ଥାୟୀ ଅନୁମତି ମିଳିବା ପରେ ପାଠପଢ଼ା ଆରମ୍ଭ ହୋଇଥିଲା। ସରକାରୀ ବିଦ୍ୟାଳୟ ପରି ଏଠାରେ ଏସ୍ଏମ୍ସି ଓ ମଦର୍ସ କମିଟି ଗଠନ କରାଯାଇ ବିଦ୍ୟାଳୟ ପରିଚାଳନା କରାଯାଉଛି। ତେବେ ୨୦୧୨ରେ ହଠାତ୍ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଯୋଗାଣ ବନ୍ଦ କରାଯାଇଥିଲା। ଏହା ବିରୋଧରେ ୨୦୧୩ରେ ସ୍କୁଲ କମିଟି, ଶିକ୍ଷକ ଓ ସ୍ଥାନୀୟ ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଦ୍ୟାଳୟ ସପକ୍ଷରେ ରାୟ ଦେଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପରେ ପୁଣି ହାଇକୋର୍ଟଙ୍କ ଶରଣାପନ୍ନ ହେବାକୁ ପଡ଼ିଥିବାବେଳେ ଏବେ ମଧ୍ୟ ନ୍ୟାୟ ନ ମିଳିଲେ ସୁପ୍ରିମକୋର୍ଟକୁ ଯିବା ପାଇଁ ପରିଚାଳନା କମିଟି ଚେତାବନୀ ଦେଇଛି। ଉଲ୍ଲେଖଯୋଗ୍ୟ, ଗୌରାଙ୍ଗ ସାହାଣୀ ଅଞ୍ଚଳର ଜଣେ ବିଶିଷ୍ଟ ସମାଜସେବୀ ଥିଲେ। ତାଙ୍କର ଶିକ୍ଷା ଓ ସାମାଜିକ ଅବଦାନକୁ ସମ୍ମାନ ଜଣାଇ ତାଙ୍କ ନାମରେ ବିଦ୍ୟାଳୟର ନାମକରଣ କରାଯାଇଥିଲା। ହେଲେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ସରକାରୀ ଅବହେଳା ମଧ୍ୟରେ ଚାଲୁଥିବା ଏହି ବିଦ୍ୟାଳୟର ଭବିଷ୍ୟତକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଶୀଘ୍ର ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରି ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ଦୂର କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### • ପୂଜା ସାରି ଫେରୁଥିବାବେଳେ ମହିଳାଙ୍କୁ ମାଡ଼ ଅଭିଯୋଗ

## ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ



**ଧାମନଗର,୨୧।୭ (ସମିସ):** ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ବରଗଡ଼ା ଗ୍ରାମରେ ପୂଜା ସାରି ଘରକୁ ଫେରୁଥିବାବେଳେ ଜଣେ ମହିଳାଙ୍କ ସହ ଘଟିଥିବା ଅଘଟଣରେ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଚକ୍ରଧର ରାଉତଙ୍କ ସ୍ତ୍ରୀ ବସନ୍ତୀ ରାଉତ। ସୂଚନା ଅନୁଯାୟୀ, ବସନ୍ତୀ ରାଉତ ପୂଜା ସାରି ଘରକୁ ଫେରୁଥିବା ସମୟରେ ଗ୍ରାମର ଜଣେ ଯୁବକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଯୁବକ ଜଣକ ବସନ୍ତୀଙ୍କୁ ମାଡ଼ ମାରିବା ସହ ଜୋର୍‌ରେ ଧକ୍କା ଦେଇଥିଲେ। ଫଳରେ ସେ ତଳେ ପଡ଼ିଯାଇ ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକଙ୍କ ପରିବାର ପକ୍ଷରୁ ଘଟଣାକୁ ନେଇ ଧାମନଗର ଥାନାରେ ଅଭିଯୋଗ କରାଯାଇଥିବା ବେଳେ, ଏହି ଘଟଣାରେ ଶ୍ରୀଧର ଜେନାଙ୍କ ପୁଅ ସ୍ମୃତିରଞ୍ଜନ ଜେନା ନାମ ସାମ୍ନାକୁ ଆସିଛି। ଏହି ଘଟଣା ସମ୍ପର୍କରେ ଧାମନଗର ଥାନା କେସ୍ ନମ୍ବର-୩୦୨/୨୦୨୬ ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିଙ୍କ ଭୂମିକା ସମ୍ପର୍କରେ ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏହି ଘଟଣା ପରେ ବରଗଡ଼ା ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି। ଜଣେ ମହିଳାଙ୍କ ଏଭଳି ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଛି।

## ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଦାବିପତ୍ର



**ଯାଜପୁର, ୨୧।୭ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ, ଯାଜପୁର ଜିଲ୍ଲା ପକ୍ଷରୁ "ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି" ଯୋଜନାର ସଫଳ ରୂପାୟନ ଏବଂ ବେସରକାରୀ ମହାବିଦ୍ୟାଳୟରେ ୨୦୦୮ ପରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ କମିଟି ନିଜର ରିପୋର୍ଟ ଦାଖଲ କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ଘୋଷଣା ହୋଇନାହିଁ। ଅନ୍ୟପଟେ ସରକାର କେଜିରୁ ପିଜି ନିଶୁଳ୍କ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାରୁ, ଏହି ଯୋଜନାର ସଫଳ ରୂପାୟନ ପାଇଁ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ମଧ୍ୟ ଅନୁଦାନ ପରିସରଭୁକ୍ତ କରିବା ଅତ୍ୟାବଶ୍ୟକ ବୋଲି ସଂଘ ଦାବି କରିଛି। ସଂଘର ମତରେ, ସମଗ୍ର ଓଡିଶାରେ ଉଚ୍ଚଶିକ୍ଷାର ପ୍ରାୟ ୯୦ ପ୍ରତିଶତ ଭାର ବେସରକାରୀ ମହାବିଦ୍ୟାଳୟମାନେ ବହନ କରୁଥିବା ବେଳେ ସେଠାରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ନ କରାଗଲେ "ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି" ଯୋଜନାର ଉଦ୍ଦେଶ୍ୟ ପୂରଣ ସମ୍ଭବ ହେବ ନାହିଁ। ଯଦି ସରକାର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ ଅନୁଦାନ ନୀତି ଘୋଷଣା ନ କରନ୍ତି, ତେବେ ସଂଘ ପୁନର୍ବାର ଗଣତାନ୍ତ୍ରିକ ଓ ଦୁର୍ବାର ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବ। ଏଥିରୁ ଉପୁଜିବାକୁ ଥିବା ଯେକୌଣସି ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ସ୍ପଷ୍ଟ କରିଛି। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ସଂଯୋଜକ ଅଧ୍ୟାପକ ବଳରାମ ସିଂହଙ୍କ ନେତୃତ୍ୱରେ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ଅଧ୍ୟାପକ ବିଶ୍ୱଜିତ୍ ମିଶ୍ର, ଜିଲ୍ଲା ଗଣମାଧ୍ୟମ ସମନ୍ୱୟକାରୀ ବରୁଣ ବଳ ଏବଂ ଅଧ୍ୟାପକ ବିଶ୍ୱଜିତ୍ ନାୟକ, ଶୁଭ୍ରାଂଶୁ ଶେଖର ବରାଳ, ପବିତ୍ରମୋହନ ଜେନା, ଅବିନାଶ ନାୟକ, ତନ୍ମୟ କୁମାର ପୃଷ୍ଟି, ରାଜେଶ ସାହୁ ଓ ସତ୍ୟନାରାୟଣ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ନିଟ୍ ପରୀକ୍ଷାରେ ବନ୍ତ ବ୍ଲକ୍‌ର ୩ ବିଦ୍ୟାର୍ଥୀଙ୍କ ସଫଳତା

**ବନ୍ତ/ଆଗରପଡ଼ା,୨୧।୭ (ସମିସ):** ବନ୍ତ ବ୍ଲକ୍ ବଡ଼ମହିଁଷଗୋଠ ପଞ୍ଚାୟତର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଧାକୃଷ୍ଣ ମହାନ୍ତିଙ୍କ ପୌତ୍ର, ଶିକ୍ଷକ ଅମୃତଲାଲ ମହାନ୍ତି ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସୁପୁତ୍ର ନିଶ୍ଚଳ ମହାନ୍ତି ଚଳିତ ବର୍ଷ ନିଟ୍ ପରୀକ୍ଷାରେ ୬୪୧ ନମ୍ବର ରଖି ୨୧୧୭ ର୍‌ୟାଙ୍କରେ ସ୍ଥାନ ଅଧିକାର କରିଛନ୍ତି। ନିଶ୍ଚଳ ଜଣେ ମେଧାବୀ ଛାତ୍ର ଅଟନ୍ତି। ରାନ୍ଧିଆସ୍ଥିତ ଡିଏଭି ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଯାଜପୁର ପ୍ରୟାସ କଲେଜରେ ଅଧ୍ୟୟନ କରି ଯୁକ୍ତ ୨ ପରୀକ୍ଷାରେ ୯୬ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି ଉକ୍ତ ଗ୍ରାମର ଛାତ୍ରବତ୍ସଳ ଶିକ୍ଷକ ମୀନକେତନ ନାଥ ଓ ମୋନାଲିସା ନାଥ ଶର୍ମାଙ୍କ ପୁତ୍ର ଆଶ୍ରିତ ଶର୍ମା ନିଟ୍ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଥରରେ ମୋଟ୍ ୭୨୦ରୁ ୬୨୭ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଏଥିସହିତ ସର୍ବଭାରତୀୟ ସ୍ତରରେ ୩୮୨୬ ସ୍ଥାନରେ ରହି ନିଜ ଅଞ୍ଚଳ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର ଅଟନ୍ତି। ଅନୁରୂପ ଭାବେ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ଓଡ଼ଙ୍ଗ ଗ୍ରାମର ଝିଅ ସୌମ୍ୟାଶ୍ରୀ ଦାସ ନିଟ୍





ପରୀକ୍ଷାରେ ୫୬୧ ନମ୍ବର ରଖିବା ସହ ସର୍ବଭାରତୀୟ ସ୍ତରରେ ୨୯,୧୭୦ ର୍‌ୟାଙ୍କ ହାସଲ କରିଛନ୍ତି। ସୌମ୍ୟାଶ୍ରୀ ଓଡ଼ଙ୍ଗ ଗ୍ରାମର ଶ୍ୟାମ ସୁନ୍ଦର ଦାସ ଏବଂ ଅନୁପମା ମଲ୍ଲିକଙ୍କ ସୁପୁତ୍ରୀ ଅଟନ୍ତି। ସେ ନିଜର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଚାନ୍ଦିମାଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ସମ୍ପୂର୍ଣ୍ଣ କରିଥିଲେ। ସେ ସେହି ବିଦ୍ୟାଳୟରୁ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଠିନ ଅଧ୍ୟବସାୟ ଓ ନିଷ୍ଠା ବଳରେ ପ୍ରଥମ ପ୍ରୟାସରେ ହିଁ ଏହି ସଫଳତା ପାଇଛନ୍ତି। ଭବିଷ୍ୟତରେ ଜଣେ ସଫଳ ଡାକ୍ତର ହୋଇ ସମାଜ ଓ ଗ୍ରାମାଞ୍ଚଳର ଲୋକଙ୍କ ସେବା କରିବା ସୌମ୍ୟାଶ୍ରୀଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାର, ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସମଗ୍ର ଓଡ଼ଙ୍ଗ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ପାଇଁ ଓଡ଼ଙ୍ଗ ଗ୍ରାମପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସଙ୍କ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।


## ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଚଢ଼ଉ



**ଦୋବଲ,୨୧।୭ (ସମିସ):** ଧାମନଗର ଅଞ୍ଚଳରେ ଏବେ ଛତୁ ଫୁଟିଲା ଭଳି ବେଆଇନ ଔଷଧ ଦୋକାନ ଖୋଲିବାରେ ଲାଗିଛି। ସାଧାରଣ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଏହି ବ୍ୟବସାୟୀଙ୍କ ପାଇଁ ସାଧାରଣ ରାସ୍ତା ପାଲଟିଛି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ଡ୍ରଗ୍ସ ବିଭାଗ। ସରକାରୀ ନିୟମକୁ ବେଖାତିର୍ କରି କିଛି ଅସାଧୁ ଦୋକାନୀ ଅନ୍ୟ ଫାର୍ମାସିଷ୍ଟଙ୍କ ନାମରେ ଲାଇସେନ୍ସ ଆଣି ନିଜେ କିମ୍ବା ନିଜ ପରିବାର ଲୋକଙ୍କ ଦ୍ୱାରା ଦୋକାନ ଚଳାଉଛନ୍ତି। ଦୈନିକ "ସକାଳ"ରେ ଏନେଇ ଖବର ପ୍ରକାଶ ପାଇବା ପରେ ଧାମନଗର, ଧୂଷୁରୀ ଓ ଦୋବଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଔଷଧ ବିକ୍ରିକୁ ରୋକିବା ପାଇଁ ଡ୍ରଗ୍ସ କଣ୍ଟ୍ରୋଲ ସ୍କ୍ୱାଡ୍ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବିଶେଷକରି, ବିନା ପ୍ରେସ୍କ୍ରିପ୍ସନରେ ଗର୍ଭପାତ ଔଷଧ ବିକ୍ରି, ନିଶାଯୁକ୍ତ ଓ ଆପତ୍ତିଜନକ ଔଷଧ ବିକ୍ରି ଅଭିଯୋଗ ମିଳିବା ପରେ ଦୋକାନଗୁଡ଼ିକରେ ଯାଞ୍ଚ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନାଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିବାବେଳେ ବହୁ ବେଆଇନ ଓ ଆପତ୍ତିଜନକ ଔଷଧ ଜବତ ନେଇ ଯାଞ୍ଚ ଜାରି ରହିଛି। ଏଥିସହିତ ଜିଲ୍ଲାର ବିଭିନ୍ନ ଔଷଧ ଦୋକାନରେ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଡିଆଇ ଶ୍ରୀ ଜେନାଙ୍କଠାରୁ ସୂଚନା ମିଳିଛି।

## ସ୍ୱାସ୍ଥ୍ୟ କେନ୍ଦ୍ର ପରୀକ୍ଷାଗାର ଯାଞ୍ଚ

**ବାରିକପୁର,୨୧।୭ (ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଙ୍ଗଳବାର ରାଜ୍ୟ ଅଧିକାରୀ ପରିଦର୍ଶନ କରିଛନ୍ତି। ବିଶେଷ କରି ଅଧିକାରୀମାନେ ମେଡିକାଲ ପରୀକ୍ଷାଗାର



ପରିଦର୍ଶନ ସହିତ ବିଭିନ୍ନ ଯାଞ୍ଚ କରିଥିଲେ। ରୋଗୀଙ୍କ ରୋଗ ନିରୂପଣ ପାଇଁ ପରୀକ୍ଷା କେନ୍ଦ୍ରର ଢେର୍ ଗୁରୁତ୍ୱ ରହିଥିବାବେଳେ ସେନେଇ ବିଭିନ୍ନ ଯାଞ୍ଚ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବାରିକପୁର ଓ ମାଳଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ଅଧିକାରୀମାନେ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ମେଡିକାଲ ଅଧିକାରୀ ସରୋଜ ରାଉଳଙ୍କ ସମେତ ରାଜ୍ୟ ପରୀକ୍ଷାଗାରମାନ ପରୀକ୍ଷା ଅଧିକାରୀ ଅବନୀ ମହାପାତ୍ର, ପ୍ରିୟଦର୍ଶିନୀ ଦାସ, ବ୍ଲକ୍ ପ୍ରୋଗ୍ରାମ ଅଫିସର ଦୀପ୍ତି ରଞ୍ଜନ ମଲ୍ଲିକ, ପିଏଚ୍ଓ ନବଘନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଛାତ୍ର ଆନ୍ଦୋଳନକୁ ସିପିଆଇ(ଏମ୍)ର ସମର୍ଥନ




**ବ୍ୟାସନଗର,୨୧।୭ (ସମିସ):** ସିପିଆଇ(ଏମ୍) ଏବଂ ସିଆଇଟିୟୁ ଜିଲ୍ଲା କମିଟି ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତରଠାରେ ହୋଇଥିବା ଭାରତର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅବ୍ୟବସ୍ଥା ପାଇଁ ଦାୟୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଏନଟିଏ (ଏନଟିଏ)କୁ ବିଲୋପ କରି ନିଟ୍ ସମେତ ସମସ୍ତ ଜାତୀୟ ପ୍ରବେଶ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଓ ନିରପେକ୍ଷତା ଆଣିବା, ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରତ୍ୟାହାର କରିବା, ଓଡ଼ିଶାରେ ଭୁଲ ଲେଖା ଥିବା ସମସ୍ତ ବହି ପ୍ରତ୍ୟାହାର କରି ତୁରନ୍ତ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇଦେବା ଦାବିରେ ଯାଜପୁର ରୋଡ଼ ରେଳଷ୍ଟେସନଠାରୁ ଏକ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକଠାରେ ପହଞ୍ଚିବା ପରେ ସିପିଆଇ(ଏମ୍) ନେତା ତଥା ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଲାଲମଣି ମୁଣ୍ଡା, ପନି କିସ୍କୁ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଲିଟା ଲାଗୁରୀ, ରଶ୍ମି ରେଖା ନାଏକ, ଗୁରୁବାରୀ ଲାଗୁରୀ, କୁନି ପୁର୍ତ୍ତୀ, ନିଟିମା ଟିୟୁ ରାଧା ମୁଖି, ଗାୟତ୍ରୀ ନାୟକ, ସିତାପି ମୁର୍ମୁ, ରୁମୁରି ସଏ ଓ ସୁର ହେମ୍ବ୍ରମ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଫୁଲ୍ଲ ନାୟକ ତାଙ୍କ ବକ୍ତବ୍ୟରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଓ ପରିକ୍ଷାର ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ।

## ସହକାରୀ ଶିକ୍ଷକ ସେକ୍ ମହମ୍ମଦ ବିଲାଲଙ୍କ ପରଲୋକ



**ଭଦ୍ରକ,୨୧।୭ (ସମିସ):** ଭଦ୍ରକ ପୌରପାଳିକାର ୨୫ ନମ୍ବର ୱାର୍ଡ ଅଧୀନ ପଠାନ ମହଲାର ବାସିନ୍ଦା ତଥା ସହକାରୀ ଶିକ୍ଷକ ସ୍ୱର୍ଗତ ସେକ୍ ମହମ୍ମଦ ବିଲାଲଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ କେନ୍ଦ୍ରାପଡ଼ା ଜିଲ୍ଲାର ଦାମରପୁରସ୍ଥିତ ମଦ୍ରାସା ହନାପୀୟାରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ବିଦ୍ୟାଳୟରେ ପାଠପଢ଼ାଉଥିବା ସମୟରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ଘରକୁ ଫେରିବା ପରେ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଦୀର୍ଘ ୬ ଦିନ ଧରି ଚିକିତ୍ସାଧୀନ ରହିବା ପରେ ତାଙ୍କର ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗରେ ପରିବାର ବର୍ଗ, ସମ୍ପର୍କୀୟ, ପଡ଼ୋଶୀ ଏବଂ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ବିଲାଲଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଅସୁରକ୍ଷିତ ଗଣ୍ଡପଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଦୋଳସାହି,୨୧।୭ (ସମିସ):** ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ସମସ୍ତ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଗତ ୪ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଧରଣର ଉନ୍ନୟନମୂଳକ କାର୍ଯ୍ୟରେ ମହାଦୁର୍ନୀତି ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି।



ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତ ଗଣ୍ଡପଡ଼ା ଗ୍ରାମରେ ଅବସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟ ଗୃହ ଓ ବିଦ୍ୟାଳୟ ପରିସର ଅସୁରକ୍ଷିତ ହୋଇ ରହିଛି। ଏହି ୩ଟି ବିଦ୍ୟାଳୟ ଗୃହ ଆବଶ୍ୟକତା ଥିବା ନେଇ ଗୋଟିଏ ଗୃହରେ ୨ଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଯାଉଥିବା ସହ ଏହି ବିଦ୍ୟାଳୟ ଗୃହ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି। ସେହିପରି ଏହି ବିଦ୍ୟାଳୟ ପରିସରରେ ନିଶା ସେବନ କରୁଥିବା ନିଶାଡ଼ିମାନେ ବିଦ୍ୟାଳୟର ଗେଟ୍ ତାଲା ଭାଙ୍ଗି ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଗତ କିଛି ମାସ ତଳେ ଏହି ବିଦ୍ୟାଳୟ ଗୃହ ସରକାରଙ୍କ ପକ୍ଷରୁ ମରାମତି କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଏହି ବିଦ୍ୟାଳୟ ଗୃହ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏହି ବିଦ୍ୟାଳୟ ସମସ୍ୟାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ସିରିଡ଼ି ସାଇ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା,୨୧।୭ (ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଛୟାଳସିଂହ ଗ୍ରାମ ସାଇନଗରସ୍ଥିତ ଶ୍ରୀଶ୍ରୀ ସିରିଡ଼ି ସାଇ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ପ୍ରଭାତରୁ ବାବାଙ୍କର ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ନଗର ପରିକ୍ରମା ଏବଂ ବେଦପାଠ ଅନୁଷ୍ଠିତ ହୋଇଥିଲା। ପରେ ବାବାଙ୍କର ମହାସ୍ନାପନ, ଦିବ୍ୟ ଶୃଙ୍ଗାର ଓ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ବିଶ୍ୱଶାନ୍ତି ଓ ସମାଜର ମଙ୍ଗଳ କାମନା କରି ମନ୍ଦିର ମଣ୍ଡପରେ ଶ୍ରୀସାଇ ସଚରିତ ପାଠ ଏବଂ ହୋମଯଜ୍ଞ ଆଦି ପୂଜକ ନରେଶ ତ୍ରିପାଠୀ, ସୁରେନ୍ଦ୍ର କର, ଜଗବନ୍ଧୁ ଶତପଥି ପୂଜା କାର୍ଯ୍ୟ ତୁଲାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଗେଶ୍ୱର ବେହେରା, ଜୟନ୍ତୀ ଗିରି କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳରୁ ଶହଶହ ସାଇ ଭକ୍ତ ଯୋଗଦେଇ ବାବାଙ୍କର ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ, ପତ୍ନୀ ସୁମତୀ ୫ ବର୍ଷ ପୂର୍ବେ ଏହି ମନ୍ଦିର ନିର୍ମାଣ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଶ୍ରୀ ସାଇ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭକ୍ତିରସାତ୍ମକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଆଲୋକ ସାହୁ, ଲିପିକା ସାହୁ, ତ୍ରୈଲୋକ୍ୟ ସାହୁ, କାମିନୀ ସାହୁ, ସରିତା ମହାନ୍ତି, ମେନକା ସାହୁ, ମନୋରଞ୍ଜନ ସାହୁ, ରମାବତୀ ଜେନା, ବସନ୍ତ ବାରିକଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ବିଏସ୍ କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



**ବଡଚଣା, ୨୧।୭ (ସମିସ):** ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରାଧ୍ୟାପକ ଡ. ବେଣୁଧର ପ୍ରଧାନ ଯୋଗ ଦେଇଛନ୍ତି। ଆଜି ଡ ପ୍ରଧାନ କଲେଜରେ ପହଞ୍ଚିଲା ପରେ କଲେଜର ସମସ୍ତ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ସ୍ୱାଗତ କରିଥିଲେ। ଏହା ପୂର୍ବରୁ ଡ ପ୍ରଧାନ କଳଣସ୍ଥିତ ମଧୁବନ କଲେଜର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ। କଲେଜର ଶୈକ୍ଷିକ ବାତାବରଣ ସୃଷ୍ଟି କରିବା, ଅଧ୍ୟାପକଅଧ୍ୟାପିକା କର୍ମଚାରୀଙ୍କ ମଧ୍ୟରେ ସୁସଂପର୍କ, ଛାତ୍ରଛାତ୍ରୀ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ମୋର ପ୍ରାଥମିକତା ରହିବ ବୋଲି ଶ୍ରୀ ପ୍ରଧାନ କହିଥିଲେ।

# ସମାଜସେବୀ ଚନ୍ଦ୍ରମଣୀ ଜେନାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

### ସ୍ମରଣିକା ଲୋକାର୍ପଣ ଓ ସ୍ମୃତିଚାରଣ ସଭା

ଧାମନଗର,୨୧।୭ (ସମିସ):

ଧାମନଗର ଏନ୍ଏସି ଅନ୍ତର୍ଗତ ଦକ୍ଷିଣବାଡ଼ ଗାଁର ସମସ୍ତଙ୍କ ପ୍ରିୟ ସୁପରିଚିତ, ସୁନାମଧନ୍ୟ ଡା. ଅଜିତ୍ ପ୍ରସାଦ ଜେନାଙ୍କ ବାପା ତଥା ସମାଜସେବୀ ଚନ୍ଦ୍ରମଣି ଜେନାଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ, ସ୍ମରଣିକା ଲୋକାର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ନିଜ ବାସଭବନ ନିକଟସ୍ଥ ମହେନ୍ଦ୍ର ନୋଡାଲ ବିଦ୍ୟାଳୟ ପଡ଼ିଆଠାରେ ସ୍ମୃତି ସଂସଦ ସଭାପତି ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଚନ୍ଦ୍ରମଣି ସ୍ମୃତି ସଂସଦ




ତରଫରୁ ଅତିଥିମାନଙ୍କ ଦ୍ୱାରା ଚନ୍ଦ୍ରାଲୋକରେ ଚନ୍ଦ୍ରମଣି ସ୍ମରଣିକା ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଏଥିସହିତ ମହେନ୍ଦ୍ର ନୋଡାଲ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ଓ ଆନୁସଙ୍ଗିକ ସାମଗ୍ରୀ ବଣ୍ଟନ କରାଯିବା ସହ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି ସ୍ମୃତିଚାରଣ ସଭାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ରାମହରି ଗୋସ୍ୱାମୀ, ସେବା ନିବୃତ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ନିରାକାର ମହାନ୍ତି, ପୀତବାସ ପାଣି, ଶରତ ଖିଲାର, କାହ୍ନୁଚାରଣ ନାଥ, ମ୍ୟାଟ୍ରିକ୍, +୨ ଟପ୍ପର ଓ ଓଡ଼ିଶା ରଗ୍‌ବି ଫୁଟ୍‌ବଲ ଚାମ୍ପିଅନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସମାଜସେବୀ ସରୋଜ ମହାପାତ୍ରଙ୍କ ବାପା ସ୍ୱର୍ଗତ ଭୈରବ ଚରଣ ମହାପାତ୍ରଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଡା. ସଞ୍ଜୟ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ପାଢ଼ୀ ପ୍ରମୁଖ ବିଶିଷ୍ଟ ଅତିଥିମାନେ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ଅସାଧାରଣ ପ୍ରତିଭା, ସାଂଗଠାନିକ କାର୍ଯ୍ୟଦକ୍ଷତା ଏବଂ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ ବାରିକ, ସାଧାରଣ ସମ୍ପାଦକ ଶଚ୍ଚିକାନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସେକ୍ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, କୃଷ୍ଣ ଚନ୍ଦ୍ର ଜେନା, ସଞ୍ଜୀବ ମହାନ୍ତି, ସୁଧାକର ଦାଶ, କୁମାରେଶ ଖିଲାର, ସରୋଜ ସେଠୀ, ଶିକ୍ଷାବିତ୍ ରସାନନ୍ଦ ମହାପାତ୍ର, ନିରାକାର ଧଳ, ହୃଦାନନ୍ଦ କର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସେହିଭଳି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ମନୋଜ ମଲ୍ଲିକ, ବିଜୟ ରାମ, ନାରାୟଣ ରାଉତ ଓ ଅନ୍ୟ ନେତୃ ମଣ୍ଡଳୀ ପହଞ୍ଚି ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସକାଳ
THE SAKALA



# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।
-ମା' ରମାଦେବୀ

## ଏ ବର୍ଷ ମଧ୍ୟ ସାର ସଙ୍କଟ

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରାତି ଅଧରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ ମଧ୍ୟ ନିରାଶ ହେବାକୁ ପଡୁଛି। ବିଡ଼ମ୍ବନା ହେଲା ଚାଷୀଙ୍କୁ ବୋନସ୍ ଲୋଭ ଦେଖାଇ କ୍ଷମତାକୁ ଆସିଥିବା ସରକାର ନା ତ ମଣ୍ଡି ପରିଚାଳନାକୁ ବ୍ୟବସ୍ଥିତ କରିପାରିଛି ନା ସାର ସମସ୍ୟାର ସମାଧାନ ହୋଇପାରୁଛି। କ୍ରମାଗତ ତିନିବର୍ଷ ଧରି ସାର ସମସ୍ୟା ଲାଗି ରହିଛି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା। ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧୁଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍।

ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି। ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

# ଧାରଣା-ଦୁର୍ନୀତି-ଉତ୍ତରଦାୟୀ

**ଅଶୋକ ପରିଡ଼ା**

୨୦୧୧ ମସିହାରେ 'ଇଣ୍ଡିଆ ଏଗେନେଷ୍ଟ କର୍‌ପସନ୍' ଆନ୍ଦୋଳନ ଓ ଆନ୍ନା ହଜାରେଙ୍କ ଅନଶନ ସହିତ ଅନେକ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ନୂଆପିଢ଼ିର ଯୁବକ ଯୁବତୀ, ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିଅର, ଏନ୍‌ଆର୍‌ଆଇ ଯୋଗ ଦେଇଥିଲେ। ସାରା ଦେଶରେ ଏହାର ଖୁବ୍ ଚର୍ଚ୍ଚା ହେଲା। ଭାରତୀୟ ରାଜନୀତି ଓ ଦେଶର ଦିଗ ପରିବର୍ତ୍ତନର ଏକ ସୂଚନା ଜଳଜଳ ଦିଶୁଥିଲା। ଏହି ମନ୍ଥନରୁ ଯେଉଁ ଅମୃତ ବାହାରିଲା ସେଥିରୁ ଆମେ ପାଇଲୁ ଲୋକପାଳ ଓ ଲୋକାୟୁକ୍ତ। ଏହି ବିଲ୍ ପାର୍ଲାମେଣ୍ଟରେ ୨୦୧୩ରେ ପାରିତ୍ ହୋଇଥିଲା, ଯାହାର ସୁଫଳ ଆମେ ଆଜି ଭୋଗ କରୁଛେ। ଏହି ମନ୍ଥନରୁ 'ଆମ୍ ଆଦ୍‌ମୀ ପାର୍ଟି'(ଆପ୍) ନାଁରେ ଏକ ନୂତନ ରାଜନୈତିକ ଦଳ ମଧ୍ୟ ଜନ୍ମ ନେଇଥିଲା। ଏହାର ନେତା ଚତୁର ଅରବିନ୍ଦ କେଜ୍‌ରିୱାଲ୍ ଠଉରେଇ ନେଇଥିଲେ ଭାରତୀୟଙ୍କ ମାନସିକତା। ଆନ୍ନା ହଜାରେଙ୍କଠାରୁ ଅଲଗା ହୋଇ ଆରମ୍ଭ କଲେ ନୂଆ ରାଜନୈତିକ ଦଳ। ଏହି ନୂତନ ଦଳର ମୂଳ ଆଭିମୁଖ୍ୟ ଥିଲା ମହାତ୍ମା ଗାନ୍ଧୀଙ୍କ 'ଗ୍ରାମ ସ୍ୱରାଜ'କୁ ପ୍ରୟୋଗ କରିବା। ଗ୍ରାମ ସଭା, ମହଲା ସଭା, ଲୋକଙ୍କ ମତ ସର୍ବାଗ୍ରେ ରହିବା ସହିତ ଗ୍ରାମକୁ ହିଁ ପ୍ରାଧାନ୍ୟ ଦିଆଯିବ ଓ ଲୋକଙ୍କ ଶାସନ ହେବ। ସବୁ କ୍ଷେତ୍ରରେ ଉତ୍ତରଦାୟୀ ରହିବାକୁ ବାଧ୍ୟ।

ଏହିଭଳି ସ୍ୱପ୍ନ ଦେଖାଇ ନୂଆଦିଲ୍ଲୀରେ 'ଆମ୍ ଆଦ୍‌ମୀ ପାର୍ଟି' କ୍ଷମତାକୁ ଆସିଲା। କ୍ଷମତାକୁ ଆସିବା ପରେ ନିଜ ରଙ୍ଗ ବଦଳାଇ ନୂତନ ଶାସନ ବ୍ୟବସ୍ଥାର ଯେଉଁ ମଡେଲ୍ ଦେଶବାସୀଙ୍କୁ ଦେଲା, ତାହା ସମସ୍ତଙ୍କୁ ନିରାଶ କଲା। ଏହି ସମୟରେ ଗୋଳିଆ ପାଣିରୁ ଫାଇଦା ଉଠାଇ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲା। ଏହାର ନେତା ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ ହେଲେ। 'ଇଣ୍ଡିଆ ଏଗେନଷ୍ଟ କରପ୍‌ସନ୍' ନାରାକୁ ନରେନ୍ଦ୍ର ମୋଦୀ ନିଜ ଢଙ୍ଗରେ ପରିବର୍ତ୍ତନ କରି 'ନା ଖାଉଁଗା, ନା ଖାନେ ଦୁଙ୍ଗା' ସ୍ଲୋଗାନରେ ପରିବର୍ତ୍ତନ କରାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲେ। ଏହା ବାଦ୍ ଧାରା ୩୭୦, ରାମ ମନ୍ଦିର ନିର୍ମାଣ, ନକ୍ସଲ ମୁକ୍ତ ଭାରତ ଆଦି ମୋଦୀଙ୍କ ରାଜନୀତିରେ ସାମିଲ୍ ହେଲା। ଭୁଲ ହେଉ କି ଠିକ୍ ଯେଉଁ କାର୍ଯ୍ୟ ଆରମ୍ଭ କରୁଛନ୍ତି ମାନେ ତାହାକୁ ଶେଷ କରିବା ହିଁ ମୋଦୀଙ୍କ ବଡ଼ ଉପଲବ୍ଧି। ସାଧାରଣ ଜନତାଙ୍କ ସହିତ ମୋଦୀଙ୍କ ସମ୍ପର୍କ ବିଜେପିକୁ ବହୁତ ଫାଇଦା ଦେଇଛି।

ଦୁର୍ନୀତି କିଛି ପରିମାଣରେ ତଳ ସ୍ତରରେ କମିଛି। ଏହି କମିବାର କାରଣ ଯେ ଆମ ଦେଶବାସୀ ଜାଗୃତ ହୋଇଗଲେ ତାହା ନୁହେଁ; କେବଳ ସମ୍ଭବ ହୋଇଛି ଡିଜିଟାଲ ଟ୍ରାଞ୍ଜାକ୍‌ସନ୍ ପାଇଁ। ଅନେକ କ୍ଷେତ୍ରରେ ଏବେ ଡିଜିଟାଲ ନେଣଦେଣ ହେଉଥିବାରୁ ଦୁର୍ନୀତି କରିବାର ଅବସର ଆଉ ନାହିଁ। ଯେମିତିକି ଟୋଲ୍‌ଗେଟ୍‌ରେ ଆପେ ଆପେ ଫାଷ୍ଟଟ୍ୟାଗ୍ ଦ୍ୱାରା ଆକାଉଣ୍ଟରୁ ପଇସା କଟିଯାଉଛି; ଯାହାଫଳରେ କେହିବି ଆଉ ଚେଷ୍ଟା କରୁନାହାନ୍ତି କାହାକୁ ଧରାଧରି କରି ଏଥିରୁ ନିବୃତ୍ତ ହେବା ପାଇଁ। ଠିକ୍ ସେହିପରି ପୂର୍ବରୁ କଲେଜମାନଙ୍କରେ ହଷ୍ଟେଲ ପାଇବା ପାଇଁ କୁହାପୋଛା କରି କିଛି ରୁମ୍ ନିଜ ପିଲା ନାମରେ କରାଇ ନେଉଥିଲେ। କିନ୍ତୁ ଡିଜାଟାଲ୍ ହେବା ଦ୍ୱାରା ଏବେ ନଂ ଆଧାରରେ ପିଲାମାନେ ହଷ୍ଟେଲ ପାଉଛନ୍ତି। ଏହିଭଳି କିଛି 'ଖୁଚୁରା' ଦୁର୍ନୀତି କମିଛି। ବଡ଼ ବଡ଼ ଦୁର୍ନୀତି ଏବେ ବି ଚାଲିଛି।

ଦିଲ୍ଲୀର ଜନ୍ତରମନ୍ତରରେ ଅନଶନ କରୁଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଲୋକେ ଆଉ ଭରସାକୁ ନେଉ ନାହାନ୍ତି। କଂଗ୍ରେସ ଭଳି ଅନେକ ଦଳ ଭୟ କରୁଛନ୍ତି ଯେ ଆଉ ଏକ ଆପ୍ ଜନ୍ମ ନ ନେଉ। ଏକଦା ଅନଶନରେ ବସୁଥିବା ଲୋକ ସରକାରକୁ ଦୋହଲାଇ ଦେଉଥିଲା। ଗୋଟିଏ ମହତ କାର୍ଯ୍ୟ ବା ଦେଶ ହିତ ପାଇଁ କରାଯାଉଥିବା ଅନଶନରେ ଦେଶର ବିଭିନ୍ନ ଶ୍ରେଣୀର ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇ ସରକାର ଉପରେ ଚାପ ପକାଉଥିଲେ। ସରକାର ମଧ୍ୟ ଭୁଲ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ କିଛି ପରିମାଣରେ ବାଧ୍ୟ ହେଉଥିଲେ। କିନ୍ତୁ ୱାଙ୍ଗଚୁକ୍‌ଙ୍କ ଦୀର୍ଘ ୨୧ ଦିନର ଅନଶନ ପରେ ମଧ୍ୟ ସରକାର ଅଚିନ୍ତାରେ। କାରଣ ସରକାର ଜାଣିଛନ୍ତି ଏ ଅନଶନର ପ୍ରଭାବ ସରକାର ଉପରେ କିଛି ବି ପଡ଼ିବ ନାହିଁ। କେଜ୍‌ରିୱାଲ ଯେଉଁ ଅବିଶ୍ୱାସର ମଞ୍ଜି ବୁଣି ଦେଇଯାଇଛନ୍ତି ତାହାର ଭରପୂର ଫାଇଦା ଏନ୍‌ଡିଏ ସରକାର ଉଠାଉଛନ୍ତି।

ଲୋକତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ଉତ୍ତରଦାୟୀ। ଯଦି ଉତ୍ତରଦାୟୀ କେହି ନୁହନ୍ତି ତେବେ ଗଣତନ୍ତ୍ର ଧୀରେ ଧୀରେ ଫାଙ୍କ ହେବାରେ ଲାଗିଛି ବୋଲି ଧରିନେବାକୁ ହେବ। ବିଜେପି ଦୀର୍ଘଦିନ କ୍ଷମତାରେ କିପରି ରହିବ, ତାହାର ନିଶା ଧୀରେ ଧୀରେ ଘାରିଲାଣି। ରାଜନୈତିକ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିଜେପି ଏକଦା ଯାହାକୁ ଦୁର୍ନୀତିଖୋର ଭାବେ ପ୍ରମାଣିତ କରିଥିଲା ସେଇମାନଙ୍କୁ ନିଜ ଦଳରେ ସାମିଲ କରି ଉଚ୍ଚ ପଦପଦବୀରେ ସ୍ଥାପିତ କରାଇବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ସେ କାର୍ଯ୍ୟ ଆରମ୍ଭ ହୋଇଗଲାଣି।

ଏବେ ଦୁଇଟି ଘଟଣା ଏବେ ବିଜେପିକୁ ଜନସମାଜରେ ନିନ୍ଦିତ କରିଛି। ଗୋଟିଏ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟଟି ରାମ ମନ୍ଦିର ଚୋରି। ବିଜେପିରେ ଉତ୍ତରଦାୟୀ ପରମ୍ପରା ପ୍ରାୟତଃ ନାହିଁ କହିଲେ ଚଳେ। କ୍ଷମତାରେ ଥିବା ବେଳେ ଯଦି କୌଣସି ବଡ଼ ଅଘଟଣ ଘଟୁଥିଲା, ତେବେ ପୂର୍ବରୁ ଉତ୍ତରଦାୟୀ ସ୍ୱରୂପ ରାଜନେତାମାନେ କ୍ଷମତାରୁ ଓହରି ଯାଉଥିଲେ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଥିଲେ ଲାଲବାହାଦୂର ଶାସ୍ତ୍ରୀ। କିନ୍ତୁ ବାହାନଗା ଭୟଙ୍କର ରେଳ ଦୁର୍ଘଟଣା ହେଉ କି ଲକ୍ଷ୍ମୀପୁର ଖେରୀରେ ମନ୍ତ୍ରୀ ଅଜୟ କୁମାର ମିଶ୍ର(ଟେନୀ)ଙ୍କ ପୁତ୍ରଙ୍କ ଗାଡ଼ିରେ ଚାରିଜଣ କୃଷକଙ୍କ ଜୀବନହାନି ହେଉ କି ନିଟ୍ ପରୀକ୍ଷାରେ ପ୍ରଶ୍ନ ପତ୍ର ପ୍ରଘଟ ଘଟଣା ହେଉ, କେହି ବି ଉତ୍ତରଦାୟୀ ନୁହନ୍ତି ବୋଲି ବିଜେପି ଜଣାଇ ଦେଇଛି। ରାମ ମନ୍ଦିର ନିର୍ମାଣର ସବୁଯାକ ଶ୍ରେୟ ବିଜେପି ନେଉଥିବା ବେଳେ ଚୋରିର ଅପବାଦ ଓ ଉତ୍ତରଦାୟିତ୍ୱ ମଧ୍ୟ ନେବା ଉଚିତ। ଟ୍ରଷ୍ଟଠାରୁ ଆରମ୍ଭ କରି ପରିଚାଳନା ପର୍ଯ୍ୟନ୍ତ ସବୁଥିରେ ନିଜ ଲୋକ ଥିବା ବେଳେ ଏତେବଡ଼ ଘଟଣା କିପରି ଘଟିଲା ତାହା ମଧ୍ୟ ଆଜି ସରକାରକୁ ଲୋକେ ପ୍ରଶ୍ନ ପଚାରୁଛନ୍ତି।

ଉତ୍ତରଦାୟିତ୍ୱ ଆଜି କେଉଁସ୍ତରକୁ ଯାଇଛି ତାହାର ଆଉ ଏକ ଉଦାହରଣ ନେବା। ରାଜଧାନୀ ଏକ୍ସପ୍ରେସ୍, ବର୍ତ୍ତମାନର ତେଜସ୍ ଏକ୍ସପ୍ରେସ୍ ଗତବର୍ଷରେ କେତେ ଥର ବିଳମ୍ବରେ ଓ କେତେ ଥର ଠିକ୍ ସମୟରେ ପହଞ୍ଚିଛି ଜାଣିବା ପାଇଁ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଆବେଦନର ଉତ୍ତରରେ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଜଣାଇଲେ ଯେ, ଏହି ରିପୋର୍ଟ ଆମେ ଲିପିବଦ୍ଧ କରି ରଖୁନାହୁଁ, ସେଥିପାଇଁ ଆମ୍ଭେ ଜଣାଇ ପାରିବୁ ନାହୁଁ। ଯଦି ଏକ ଛୋଟିଆ ବିଦ୍ୟାଳୟରେ ପିଲାଟି ଠିକ୍ ସମୟରେ ଆସୁଛି କି ନାହିଁ ଉପସ୍ଥାନ ଖାତା ପ୍ରସ୍ତୁତ କରି ବର୍ଷ ବର୍ଷ ରଖାଯାଇ ପାରୁଛି; ରେଳ ବିଭାଗ ଟିକେଟ ଭଡ଼ା ଉପରେ ଆମଠାରୁ ଜିଏସ୍‌ଟି ନେଇ ମଧ୍ୟ ତାହାର ଉପସ୍ଥାନ ଲିପିବଦ୍ଧ କରି ରଖୁନାହିଁ। ଏହାଠାରୁ ଆଉ ବଡ଼ ବିଡ଼ମ୍ବନା କ'ଣ ହୋଇପାରେ? ରେଳ ବିଭାଗ ଡିଣ୍ଡିମ ପିଟୁଛି ଆମ୍ଭେ ମୂଳରୁ ଚୂଳ ପରିବର୍ତ୍ତନ କରୁଛୁ, ହେଲେ ସମୟାନୁବର୍ତ୍ତିତା ତ ହୋଇପାରିଲା ନାହିଁ, ସଫାସୁତୁରା ଖାଲି କାଗଜକଲମରେ ଯାହା ହେଉଛି। ଏସି ଶ୍ରେଣୀର ଶୌଚାଳୟ ଅବସ୍ଥା ଯାହା ନ କହିବା ଭଲ।

ପେନ୍‌ଠାରୁ ପ୍ଲେନ୍ ପର୍ଯ୍ୟନ୍ତ ଆମଠାରୁ ଜିଏସ୍‌ଟି ନେଉଥିବା ସରକାର ଆମକୁ ମୂଳଭୂତ ବ୍ୟବସ୍ଥାମାନ ଯୋଗାଇବାରେ ବିଫଳ। ବର୍ତ୍ତମାନର ପିଢ଼ି ସରକାରଙ୍କୁ 'ଚାକିରି ମାଗୁ ନାହାନ୍ତି; ମାଗୁଛନ୍ତି - 'ଆମକୁ ଭଲ ସ୍କୁଲ, ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ, ଭଲ ବ୍ୟବସ୍ଥା ଦିଅ।' ହେଲେ ସରକାର ତ ନିଦା ବିଷ୍ଣୁ। ଗୁହାରି କରିବା କାହାକୁ?

ମୋ: ୯୪୩୮ ୫୦୪୧୦୩

# ସୁସ୍ଥ ଜୀବନକାଳ ବନାମ ଦୀର୍ଘ ଜୀବନକାଳ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବିଗତ ଶତାବ୍ଦୀରେ ଘଟି ଯାଇଛି ଦୁଇଟି ବିଶ୍ୱଯୁଦ୍ଧ। ବ୍ୟାପିଛି ଅନେକ ମହାମାରୀ। ଏହା ସତ୍ତ୍ୱେ ମଣିଷର ପ୍ରତ୍ୟାଶିତ ଜୀବନ କାଳ ବୃଦ୍ଧିପାଇଛି ପୃଥିବୀର ସର୍ବତ୍ର। ଏହା ସମ୍ଭବ ହୋଇପାରିଲା ଜୀବନ ଯାପନ ପ୍ରଣାଳୀ ଏବଂ ରୋଗ ନିର୍ଣ୍ଣୟ ଓ ଚିକିତ୍ସାରେ ଉନ୍ନତ ଯୋଗୁଁ। ବିଜ୍ଞାନର ଅଗ୍ରଗତି ସହିତ ଉପଲବ୍ଧ ହେଲା ବିଶୁଦ୍ଧ ଜଳ; ଉନ୍ନତ ହେଲା ପରିମଳ ବ୍ୟବସ୍ଥା। ଖାଦ୍ୟାଭାବ ଦୂର ହେଲା। ବୃଦ୍ଧି ପାଇଲା ଶିକ୍ଷାର ପ୍ରସାର। ଜନସାଧାରଣଙ୍କ ଆୟ ବଢ଼ିଲା। ମହିଳାମାନଙ୍କ ସ୍ଥିତିରେ ଉନ୍ନତି ସଂଘଟିତ ହେଲା। ବିଶେଷକରି ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହିଁ ପ୍ରଗତିକୁ ତ୍ୱରାନ୍ୱିତ କରିଦେଲା। ଫଳରେ ବୃଦ୍ଧି ପାଇଚାଲିଲା ଆୟୁକାଳ। ମାତ୍ର ବହୁ ବ୍ୟାଧି ଛାଡ଼ି ଦେଇଗଲା ତା'ର ପଦଚିହ୍ନ। ତଥାକଥିତ ଆରୋଗ୍ୟ ବ୍ୟକ୍ତିଠାରେ ପରିଲକ୍ଷିତ ହେଲା ଅସୁସ୍ଥତା ଜନିତ ଶାରୀରିକ ଅସାମର୍ଥ୍ୟ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ବଢ଼ିଲା। ଦୀର୍ଘକାଳିକ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ କରିଦେଲା ପରିବାରର ଆର୍ଥିକ ସ୍ଥିତିକୁ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଂଘଟିତ ହେଲା ଅସାଧାରଣ ପ୍ରଗତି। ହ୍ରାସ ପାଇଲା ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ। କିନ୍ତୁ ଖାଦ୍ୟାଭାବ ଜନିତ ରୋଗ ଏବଂ ମାତୃ ଓ ଶିଶୁସ୍ୱାସ୍ଥ୍ୟରେ ସମାନୁପାତିକ ଉନ୍ନତି ପରିଲକ୍ଷିତ ହୋଇ ନ ପାରିବା କାରଣରୁ ଅସୁସ୍ଥତା, ଶାରୀରିକ ଅମାସର୍ଥ୍ୟ ଓ ମୃତ୍ୟୁହାର ଆଶାନୁରୂପ ଭାବରେ ହ୍ରାସ ପାଇଲା ନାହିଁ। ଅଧିକନ୍ତୁ ରାଜୁତି ଚଳେଇବା ଆରମ୍ଭ କରି ଦେଲା ହୃଦଧମନୀ ରୋଗ, ଯେପରିକି ହାର୍ଟ୍ ଆଟାକ, ବ୍ରେନ ଆଟାକ ବା ଷ୍ଟ୍ରୋକ, ଡାଇବେଟିସ, ଦୀର୍ଘକାଳୀନ ଫୁସଫୁସ ତଥା ଶ୍ୱାସତନ୍ତ୍ର ରୋଗ, କ୍ୟାନ୍ସର, ଲିଭର, କିଡନି, ଗଣ୍ଠି, ଚକ୍ଷୁ ଓ କର୍ଣ୍ଣ ଆଦିର ଅଣସଂକ୍ରାମକ ରୋଗମାନ। ବିଂଶଶତାବ୍ଦୀର ଶେଷଆଡ଼କୁ ଉଭା ହୋଇ ପଡ଼ିଲା ଶରୀରର ଓଜନ ବୃଦ୍ଧି ଓ ପୃଥୁଳତା। ପୃଥିବୀର ବହୁରାଷ୍ଟ୍ରରେ ଏହା ବଡ ଆତଙ୍କ ଜନକ ଭାବରେ ବୃଦ୍ଧି ପାଇଲା।

ଏହିସବୁ ରୋଗକୁ କୁହାଗଲା ଜୀବନଶୈଳୀ ରୋଗ ବା ଲାଇଫଷ୍ଟାଇଲ ଡିଜିଜେସ୍। ମୁଖ୍ୟତଃ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି ବ୍ୟବସାୟୀ ଗୋଷ୍ଠୀ ଏହାକୁ ଜନସାଧାରଣଙ୍କ ଉପରେ ଲଦି ଦେଲେ ଏବଂ ଜନସାଧାରଣ ଏହାକୁ ବିନାଦ୍ୱିଧାରେ ଗ୍ରହଣ କରିନେଲେ। ତମାଖୁ ଜାତୀୟ ପଦାର୍ଥ, ଅତିପ୍ରକ୍ରିୟାକୃତ ଖାଦ୍ୟ ଦ୍ରବ୍ୟ, ଅଧିକ ଶର୍କରା ପଡ଼ିଥିବା ଖାଦ୍ୟ ଓ ପାନୀୟ, ମାଦକ ଦ୍ରବ୍ୟ ଇତ୍ୟାଦିର ବ୍ୟବହାର ବିପର୍ଯ୍ୟସ୍ତ କରିଦେଲା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ। ଆକର୍ଷଣୀୟ ବିଜ୍ଞାପନଗୁଡ଼ିକ ଦ୍ୱାରା ପ୍ରଲୁବ୍ଧ ହୋଇ ଜନସାଧାରଣ ଏଗୁଡ଼ିକରେ ପାଲରେ ପଡ଼ିଗଲେ ଏବଂ ବିପତ୍ତିକୁ ଆମନ୍ତ୍ରଣ କରି ଆସିଲେ ନିଜ ଉପରକୁ। ତା' ସାଙ୍ଗକୁ ବୃଦ୍ଧି ପାଇଲା ଯାନବାହନର ସଂଖ୍ୟା। ଘରେ ଘରେ ଶୋଭା ପାଇଲା ଟେଲିଭିଜନ। ଇଣ୍ଟରନେଟ୍ ହୋଇପଡ଼ିଲା ହାତବାରିସୀ। ଫଳରେ ଜନସାଧାରଣ ଶାରୀରିକ ଶ୍ରମରୁ ଏକରକମର ମୁକ୍ତି ପାଇ ଉପଭୋଗ କରିଚାଲିଲେ ଶ୍ରମବିହୀନ ଜୀବନ। ଡିଜିଟାଲ ଦୁନିଆ ସହ ଜନସାଧାରଣଙ୍କ ସଂପୃକ୍ତି ବୃଦ୍ଧି ପାଇ ଚାଲିବାରୁ ସେମାନେ ଆବେଗିକ ସଂପର୍କ ସ୍ଥାପନରୁ ବିଚ୍ଛିନ୍ନ ହୋଇପଡ଼ିଲେ। ଏପରି ପ୍ରବଣତା ବେଶୀ ବୃଦ୍ଧି ପାଇଛି ଯୁବଗୋଷ୍ଠୀରେ। ସବୁଠାରେ ଲୋକେ ଏବେ ପ୍ରଦୂଷଣରେ ଅତିଷ୍ଠ। ନୂଆ ନୂଆ ବ୍ୟାଧିମାନଙ୍କୁ ଜନ୍ମ ଦେଇ ଚାଲିଛି ଜଳବାୟୁ ପରିବର୍ତ୍ତନ। ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଆହ୍ୱାନ ରୂପେ ଉଭା ହୋଇ ପଡ଼ିଲାଣି।

ଏକବିଂଶ ଶତାବ୍ଦୀରେ ସଭ୍ୟତାର ଏହି ବିକୃତ ପ୍ରଗତି ଫଳରେ ପ୍ରତ୍ୟାଶିତ ଆୟୁକାଳ ବା ଜୀବନକାଳ ବୃଦ୍ଧି ପାଇଛି ସିନା, କିନ୍ତୁ ପଛେଇ ଯାଇଛି ସୁସ୍ଥ ପ୍ରତ୍ୟାଶିତ ଆୟୁକାଳ ବା ସୁଦୀର୍ଘ ସୁସ୍ଥ ଆୟୁକାଳ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ୧୯୫ଟି ରାଷ୍ଟ୍ରରେ କରାଯାଇଥିବା ଏକ ଅନୁଧ୍ୟାନରୁ ପ୍ରକାଶ ଯେ ୨୦୦୦ ରୁ ୨୦୧୯ ମସିହା ଭିତରେ ପ୍ରତ୍ୟାଶିତ ଆୟୁକାଳ ଏବଂ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିଲା ୯.୬ରୁ ବର୍ଷର ବ୍ୟବଧାନ। ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ବ୍ୟବଧାନ ଥିଲା ୨.୪ ବର୍ଷ ଅଧିକ। ସର୍ବାଧିକ ବ୍ୟବଧାନ ପରିଲକ୍ଷିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକାରେ (୧୨.୪ ବର୍ଷ) ଏବଂ ୟୁକେରେ (୧୧.୩ବର୍ଷ)। ଅର୍ଥନୈତିକ ପ୍ରଗତି କାରଣରୁ ଏହି ରାଷ୍ଟ୍ରଦୁଇଟିରେ ପ୍ରତ୍ୟାଶିତ ଆୟୁକାଳ ବୃଦ୍ଧି ପାଇଥିବା ବେଳେ ସେମାନେ ସୁସ୍ଥ ଜୀବନ ଉପଭୋଗ କରିପାରି ନଥିଲେ। ଅନ୍ୟ ପକ୍ଷରେ, ଲେସୋଥୋ ଭଳି ରାଷ୍ଟ୍ରଗୁଡ଼ିକରେ ପ୍ରତ୍ୟାଶିତ ଆୟୁକାଳ ଓ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ମଧ୍ୟରେ ବ୍ୟବଧାନ ଥିଲା ଊଣା।

୨୦୦୦-୨୦୧୯ ମସିହା ଭିତରେ ଭାରତରେ ପ୍ରତ୍ୟାଶିତ ଆୟୁକାଳ ବର୍ଷକୁ ୦.୪୩ ହାରରେ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ବୃଦ୍ଧି ପାଇଥିଲା ବର୍ଷକୁ ୦.୩୭ ହାରରେ। ପ୍ରତ୍ୟାଶିତ ସୁସ୍ଥ ଆୟୁକାଳ ୨୦୨୨ ମସିହାରେ ମୋଟାମୋଟି ଭାବେ ପ୍ରତ୍ୟାଶିତ ଆୟୁକାଳଠାରୁ ଥିଲା ଗୋଟିଏ ଦଶକ ପଛରେ। ଏହି ବ୍ୟବଧାନ ଥିଲା ପୁରୁଷମାନଙ୍କ କ୍ଷେତ୍ରରେ ୯.୨୨ ବର୍ଷ ଓ ମହିଳାମାନଙ୍କ କ୍ଷେତ୍ରରେ ୧୧.୭୭ ବର୍ଷ।

୨୦୨୭ ମସିହା ସୁଦ୍ଧା ଭାରତରେ ବିକାଶର ସ୍ତରକୁ ଆହୁରି ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ସୁତରାଂ ଆମ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟର ପ୍ରୋତ୍ସାହନ ଓ ସୁରକ୍ଷା ପାଇଁ ଆହୁରି ଅଗ୍ରାଧିକାର ଦେବାକୁ ପଡ଼ିବ। ଏହା ସାକାର ହୋଇ ନ ପାରିଲେ ଭାରତର ଅଧିକତର ବିକାଶ ଫଳବତୀ ହୋଇ ପାରିବନି କି ଅର୍ଥନୈତିକ ଅତିଶକ୍ତିଶାଳୀ ରାଷ୍ଟ୍ର ବା ଇକୋନୋମିକ ସୁପରପାୱାର ହେବାର ଆକାଂକ୍ଷା ପୂରଣ ହୋଇ ପାରିବନି।

ଭାରତୀୟମାନଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରିବାରେ ଅସ୍ୱାସ୍ଥ୍ୟକର ଖାଦ୍ୟ ହିଁ ପ୍ରଧାନତଃ ଦାୟୀ। ତେଣୁ ଯୋଜନା ପ୍ରଣୟନ ସମୟରେ ଏଥିପ୍ରତି ସମୁଚିତ ଧ୍ୟାନ ଦେବା ବାଞ୍ଛନୀୟ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ଏକ ବିରାଟ ଜନସମୁଦାୟ ଜୀବନର ବହୁବର୍ଷ ନିମ୍ନ ସ୍ୱାସ୍ଥ୍ୟ ଓ ନିମ୍ନ କର୍ମଦକ୍ଷତା ମଧ୍ୟରେ ଅତିବାହିତ କରିବା ଦେଶର ପ୍ରଗତି ପାଇଁ ଆଦୌ ଅନୁକୂଳ ନୁହେଁ। ତେଣୁ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ବ୍ୟାଧି ଓ ଶାରୀରିକ ଅସାମର୍ଥ୍ୟର ବୋଝରୁ ମୁକ୍ତ ରହିବା ନିମିତ୍ତ ନିରନ୍ତର ସ୍ୱାସ୍ଥ୍ୟର ସୁରକ୍ଷା ଅପରିହାର୍ଯ୍ୟ।

ଆୟୁକାଳ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନର ଅନେକାଂଶ ଜାତ ହୋଇଯାଏ ଜୀବନକାଳର ଶେଷ ଦୁଇ ଦଶକରେ। କିନ୍ତୁ ସ୍ୱାସ୍ଥ୍ୟର ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇଯାଏ କମ୍ ବୟସରୁ। ବୟସ୍କମାନଙ୍କ ଠାରେ ହୃଦଧମନୀ ରୋଗ ଓ ଡାଇବେଟିସରେ ସଂଘଟିତ ହେଉଥିବା ବେଳେ ବିକୃତ ଶାରୀରିକ ପ୍ରକ୍ରିୟା ଆଦ୍ୟ ଜୀବନର ଖାଦ୍ୟାଭ୍ୟାସ ଉପରେ ବହୁଳାଂଶରେ ନିର୍ଭରଶୀଳ। ତେଣୁ ପରିଣତ ବୟସରେ ବ୍ୟାଧିଭାରକୁ ହ୍ରାସ କରିବା ନିମିତ୍ତ ପ୍ରୟାସ ଆରମ୍ଭ କରିବା ପାଇଁ ପଡ଼ିବ ଗର୍ଭଧାରଣ ବୟସର ବହୁପୂର୍ବରୁ ଏବଂ ଏହି ପ୍ରୟାସକୁ ଅବ୍ୟାହତ ରଖିବା ପାଇଁ ପଡ଼ିବ ଜୀବନ ସାରା। ସ୍ୱାସ୍ଥ୍ୟନୀତି ତଥା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ସୁଚାରୁ ଭାବେ ରୂପାୟିତ କରିପାରିଲେ ହିଁ ଆମେ ଆୟୁକାଳ ଓ ସୁସ୍ଥ ଆୟୁକାଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସଂକୁଚିତ କରିବାରେ ସଫଳ ହୋଇପାରିବା।

କଟକ, ମୋ: ୮୨୮୦୨୦୦୩୬୦

# ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

'ବ୍ରହ୍ମ' ସ୍ୱରୂପ ଓ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ଦାରୁ ବିଗ୍ରହ ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। 'ବ୍ରହ୍ମ' ତତ୍ତ୍ୱ ହିଁ ସବୁ ତତ୍ତ୍ୱ ମଧ୍ୟରେ ଶ୍ରେଷ୍ଠ। ଉପନିଷଦର ମୁଖ୍ୟ ପ୍ରତିପାଦ୍ୟ ତତ୍ତ୍ୱ ହେଉଛି 'ବ୍ରହ୍ମତତ୍ତ୍ୱ'। ଉପନିଷଦର ବର୍ଣ୍ଣନା ଅନୁସାରେ ଆଧିଦୈବିକ ପରଂବ୍ରହ୍ମ, ଆଧ୍ୟାତ୍ମିକ ଅକ୍ଷର ବ୍ରହ୍ମ ଏବଂ ଆଧିଭୌତିକ ହେଉଛି କ୍ଷରବ୍ରହ୍ମ (ଜୀବ ଜଗତ ସମୂହ)। ବ୍ରହ୍ମ ଅଦୃଷ୍ଟ ଓ ସଦା ରହସ୍ୟମୟ। ଗୋସ୍ୱାମୀ ତୁଳସୀଦାସ 'ବ୍ରହ୍ମ' ସ୍ୱରୂପ ଦର୍ଶାଇବାକୁ ଯାଇ କହିଛନ୍ତି - 'ବିନୁ ପଦ ଚଲଇ ସୁନଇ ବିନୁ କାନା, କରବିନୁ କରମ କରଇ ବିଧି ନାନା'। ଅର୍ଥାତ୍ ଯିଏ ବିନା ପାଦରେ ଚାଲିପାରେ, ବିନା କାନରେ ଶୁଣିପାରେ ଓ ବିନା ହସ୍ତରେ ନାନା ପ୍ରକାର କର୍ମ କରିପାରେ ସେ ହିଁ 'ବ୍ରହ୍ମ'। ତାହାର ଆଦି-ଅନ୍ତ କିଛି ନାହିଁ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ' ହେଉଛି- ନିର୍ଗୁଣ। ସ୍ୱାଭାବିକ ଭାବେ ବ୍ରହ୍ମ ନିର୍ଗୁଣ। କିନ୍ତୁ ଯେତେବେଳେ ବ୍ରହ୍ମ ମାୟାଯୁକ୍ତ ହୁଏ ବା ମାୟାହେତୁ ବିଭିନ୍ନ ସ୍ଥୂଳ ରୂପ ବା ଅବତାର ଗ୍ରହଣ କରେ ସେତେବେଳେ ବ୍ରହ୍ମ ସଗୁଣ ଅବସ୍ଥା ପ୍ରାପ୍ତ ହୁଏ। ବେଦରେ ମଧ୍ୟ କୁହାଯାଇଛି -'ସହସ୍ରଶୀର୍ଷା ପୁନଃ ଅପାଣିପାଦ'। ଅର୍ଥାତ୍ 'ବ୍ରହ୍ମ' ସହସ୍ରମସ୍ତକ ବିଶିଷ୍ଟ ହେଲେ ମଧ୍ୟ ହସ୍ତପାଦ ବିହୀନ ଅଟେ।

ବେଦରେ ବର୍ଣ୍ଣିତ 'ପୁରୁଷ' ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଅର୍ଥାତ୍ ଉପନିଷଦର ଆବିର୍ଭାବ କାଳରେ 'ବ୍ରହ୍ମ' ନାମରେ ଅଭିହିତ। ପୁରୁଷସୂକ୍ତର ବର୍ଣ୍ଣନାନୁଯାୟୀ ସେହି 'ପୁରୁଷ'ଙ୍କଠାରୁ ହିଁ ସବୁ ପ୍ରାଣୀଙ୍କର ସୃଷ୍ଟି। ସେ ହିଁ ସର୍ବଶକ୍ତିମାନ ଓ ସର୍ବଦ୍ରଷ୍ଟା। ଭଗବତ୍ ଗୀତାରେ 'କ୍ଷର' ଓ 'ଅକ୍ଷର' ଦୁଇ ପ୍ରକାର 'ପୁରୁଷ'ର ବର୍ଣ୍ଣନା ରହିଛି। ଯାହାର କ୍ଷୟ ନାହିଁ, ଯିଏ ଅବିନାଶୀ ସେ ହିଁ 'ଅକ୍ଷର-ପୁରୁଷ'। କିନ୍ତୁ 'କ୍ଷର-ପୁରୁଷ' ବିନାଶଶୀଳ। ଗୀତାର ତ୍ରୟୋଦଶ ଅଧ୍ୟାୟରେ 'କ୍ଷର-ପୁରୁଷ' ବା 'ଶରୀର'କୁ 'କ୍ଷେତ୍ର' ବୋଲି କୁହାଯାଇଛି ଏବଂ କ୍ଷେତ୍ରଜ୍ଞ ବା ଜୀବାତ୍ମାକୁ 'ଅକ୍ଷର-ପୁରୁଷ' ବୋଲି ଅଭିହିତ କରାଯାଇଛି। ଛାନ୍ଦୋଗ୍ୟ ଉପନିଷଦ ଅନୁସାରେ 'ବ୍ରହ୍ମ' ହେଉଛି ଆତ୍ମା, ପୁରୁଷ ସର୍ବଶକ୍ତିମାନ ଏବଂ ତାଙ୍କ ନେତ୍ରରେ ଆତ୍ମା ଦୃଶ୍ୟମାନ ହୁଏ।



ବ୍ରହ୍ମ ଆଦୌ ଜଗତ ରୂପରେ ପରିବର୍ତ୍ତିତ ହୁଏ ନାହିଁ। ମାୟାର ପ୍ରଭାବରେ ହିଁ ସମସ୍ତଙ୍କୁ 'ବ୍ରହ୍ମ'ରେ ଜଗତର ଭ୍ରାନ୍ତ ପ୍ରତୀତି ହୁଏ। ଦ୍ୱୈତ ବେଦାନ୍ତରେ 'ବ୍ରହ୍ମ'କୁ ସର୍ବଜ୍ଞ, ସର୍ବକର୍ତ୍ତା, ସର୍ବଭୋକ୍ତା ଭାବରେ ବର୍ଣ୍ଣନା କରାଯାଇଛି। 'ବ୍ରହ୍ମ'ଠାରୁ ସମଗ୍ର ଜୀବ ଓ ଜଗତ ସୃଷ୍ଟି। ବ୍ରହ୍ମ ନିରାକାର ହେଲେ ମଧ୍ୟ ମାୟାରେ ସାକାର ହୁଏ। ଦ୍ୱୈତ ବେଦାନ୍ତର ସିଦ୍ଧାନ୍ତ ଅନୁଯାୟୀ ସାକାର ମଧ୍ୟରେ ହିଁ ନିରାକାର ବ୍ରହ୍ମ ବିରାଜମାନ କରିଥାଏ। ଅତଏବ ବ୍ରହ୍ମ ଏକ ଓ ଅଭିନ୍ନ ହେଲେ ମଧ୍ୟ ମାୟାହେତୁ ଆମକୁ ଦୁଇପ୍ରକାର ସତ୍ତା ଦୃଷ୍ଟିଗୋଚର ହୁଏ। ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ 'ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ' -ଅର୍ଥାତ୍ ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା, ଜୀବାତ୍ମା ଓ ପରମାତ୍ମା ଏକ ଓ ଅଭିନ୍ନ। କେତେକ ବେଦାନ୍ତ ଭାଷ୍ୟକାରଙ୍କ ମତରେ ପରଂବ୍ରହ୍ମ ହିଁ ହେଉଛନ୍ତି ପୁରୁଷୋତ୍ତମ ନାରାୟଣ ଏବଂ ସେମାନଙ୍କ ମତରେ ବ୍ରହ୍ମ ଓ ଈଶ୍ୱର ଏକ ଓ ଅଭିନ୍ନ। ଭଗବତ୍ ଗୀତାରେ 'ପୁରୁଷୋତ୍ତମ' ଶବ୍ଦର ବ୍ୟାପକ ପ୍ରଚଳନ ରହିଛି। ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ 'ପୁରୁଷୋତ୍ତମ' ଅର୍ଥାତ୍ 'ଉତ୍ତମ ପୁରୁଷ' ବୋଲି ସମ୍ବୋଧନ କରିଛନ୍ତି। ଉତ୍ତମ ପୁରୁଷର ସଂଜ୍ଞା ଦେବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- 'ଯିଏ କ୍ଷର ଓ ଅକ୍ଷର ଦୁଇପ୍ରକାର ପୁରୁଷଙ୍କଠାରୁ ଭିନ୍ନ ସେ ହିଁ 'ପୁରୁଷୋତ୍ତମ'। ଗୀତାର ପଞ୍ଚଦଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - 'ଯୋ ମାମେବମସଂମୂଢ଼ୋ ଜାନାତି ପୁରୁଷୋତ୍ତମମ୍, ସଃ ସର୍ବବିଦ୍ ଭଜତି ମାଂ ସର୍ବଭାବେନ ଭାରତ' - ଅର୍ଥାତ୍ ଯେଉଁ ଜ୍ଞାନୀ ତାଙ୍କୁ ପୁରୁଷୋତ୍ତମ ବୋଲି ଜାଣନ୍ତି ସେ ହିଁ ସର୍ବଜ୍ଞ ଅଟନ୍ତି।

ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ଓ ବ୍ରହ୍ମ ଉଭୟର ଏକ ଅପୂର୍ବ ସମନ୍ୱୟ। ଅର୍ଥାତ୍ ସ୍ଥୂଳ ଓ ସୂକ୍ଷ୍ମ ବା ଅକ୍ଷର ଓ କ୍ଷର ପୁରୁଷଠାରୁ ଉର୍ଦ୍ଧ୍ୱରେ ଏକ ଉତ୍ତମପୁରୁଷ ବା 'ପୁରୁଷୋତ୍ତମ'। ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ବ୍ରହ୍ମର ସ୍ୱରୂପ ଭଳି ହସ୍ତପଦ ବିହୀନ ହୋଇଥିବାରୁ ଅନେକ ମନିଷୀ ଏହି ସ୍ଥୂଳବିଗ୍ରହକୁ 'ବ୍ରହ୍ମ' ନାମରେ ଅଭିହିତ କରିଛନ୍ତି।

ବିଜ୍ଞାନୀମାନଙ୍କ ମତରେ ଦାରୁ ଜୀବଜଗତର ପ୍ରତୀକ ଏବଂ ଯେ ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଅନ୍ତିମ ଦାରୁ ବିଦ୍ୟମାନ ଥିବ ସେ ପର୍ଯ୍ୟନ୍ତ ଜୀବଜଗତ ବଞ୍ଚିରହିଥିବ। ଏଥିପାଇଁ ଶ୍ରୀଜଗନ୍ନାଥ ଦାରୁମୟ ଶକ୍ତିରେ ପ୍ରତିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି। ଏହି ବିଗ୍ରହ ଦର୍ଶନ କଲେ ବ୍ରହ୍ମ ଦର୍ଶନ ହୁଏ। ଏହା ହିଁ ଜଗତକର୍ତ୍ତାଙ୍କର କଲ୍‌କୀ କଳେବର।

ଶ୍ରୀଜଗନ୍ନାଥଙ୍କର ଦାରୁବିଗ୍ରହ ମଧ୍ୟରେ ଯେଉଁ 'ବ୍ରହ୍ମ' ସଂସ୍ଥାପିତ, ସେ ହେଉଛନ୍ତି 'ଅକ୍ଷର ପୁରୁଷ'। ସେ ଅବିନାଶୀ ଓ ଅପରିବର୍ତ୍ତନଶୀଳ। ଯେଉଁ ସ୍ଥୂଳ ରୂପ ଆମର ଦୃଷ୍ଟିଗୋଚର ହୁଏ. ତାହା ହେଉଛି 'କ୍ଷର ପୁରୁଷ'। ସୁତରାଂ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଉଭୟ କ୍ଷର ଓ ଅକ୍ଷର ପୁରୁଷର ସମନ୍ୱୟରୁ ସମ୍ଭୂତ ଏକ ଅପୂର୍ବ, ସାମଗ୍ରିକ ସତ୍ତା ଯାହା ଯଥାର୍ଥରେ 'ପୁରୁଷୋତ୍ତମ'।

ସେ ମଧ୍ୟ ଗୁଣାତୀତ ଓ ଇନ୍ଦ୍ରିୟାତୀତ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ହିଁ ପୂର୍ଣ୍ଣ ଚୈତନ୍ୟମୟ ଓ ସଚ୍ଚିଦାନନ୍ଦ। ସ୍ଥୂଳତଃ ସେ ହସ୍ତପାଦ ବିହୀନ ହେଲେ ମଧ୍ୟ ସେ ଯେ ସର୍ବଦ୍ରଷ୍ଟା, ସର୍ବକର୍ତ୍ତା ଓ ସର୍ବହର୍ତ୍ତା ଏଥିରେ ସନ୍ଦେହ ନାହିଁ। ବୈଜ୍ଞାନିକ ଦୃଷ୍ଟିରୁ ଅନୁଶୀଳନ କଲେ ଜଣାଯାଏ ଯେ ନିରାକାର ଶକ୍ତିରୁ ହିଁ ସାକାର ବସ୍ତୁର ସୃଷ୍ଟି ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ପରିଦୃଷ୍ଟ ହୁଏ।

ବ୍ରହ୍ମ ଅସୀମ ଓ ଅନନ୍ତ ହୋଇଥିବାରୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଅସୀମ ମହାକାଶର ବର୍ଣ୍ଣ ଅର୍ଥାତ୍ କୃଷ୍ଣବର୍ଣ୍ଣ ଧାରଣ କରିଛନ୍ତି। ଶ୍ରୀମନ୍ଦିରର ତିନୋଟି ଦାରୁବିଗ୍ରହରେ ଦେହ ଓ ଦେହୀ, ସୃଷ୍ଟି ଓ ସ୍ରଷ୍ଟା, ଗୁଣ ଓ ଗୁଣୀର ଭାବ ପ୍ରକାଶିତ ହୁଏ। ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଭେଦ, ଅଭେଦ ଓ ଭେଦାଭେଦ ନାମରେ ଯେଉଁ ତିନି ପ୍ରକାର ସମ୍ବନ୍ଧ ରହିଛି। ତାହାକୁ ସାଧାରଣତଃ ପୁରୁଷ, ପ୍ରକୃତି ଓ ପରମ ନାମରେ ଅଭିହିତ କରାଯାଇଥାଏ। ରତ୍ନସିଂହାସନରେ ଆସୀନ ତ୍ରିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ର ହେଉଛନ୍ତି ପୁରୁଷ, ସୁଭଦ୍ରା ହେଉଛନ୍ତି ପ୍ରକୃତି ଏବଂ ଶ୍ରୀଜଗନ୍ନାଥ ପରମ ବା ପୁରୁଷୋତ୍ତମ। ଅତଏବ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ବେଦ ଓ ଶାସ୍ତ୍ରାଦି ଦୃଷ୍ଟିରୁ ପ୍ରକୃତ ବ୍ରହ୍ମତ୍ୱ ପ୍ରତିପାଦିତ କରୁଥିବାରୁ ସେ ହିଁ ଯଥାର୍ଥରେ ଜଗତର ନାଥ ବା ବିଶ୍ୱନିୟନ୍ତା ରୂପେ ଅଧିଷ୍ଠିତ।

କଟକ, ମୋ: ୬୩୭୦୧୫୫୨୮୬୬

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଏସ୍‌ସିବି ସମ୍ପ୍ରସାରଣ ସମୀକ୍ଷା



କଟକ,୨୧।୭(ସମିସ): ଆଜି କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତ୍ତିଭୂମି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ। ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଶ୍ରୀ ମହାଲିଙ୍ଗ ନୂତନ ନିର୍ମାଣଧୀନ ହସ୍ପିଟାଲ ବ୍ଲକ, ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ। ସେହିଭଳି ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରିକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଚୌଦ୍ୱାରକଟକ ବିଧାୟକ ସୌଭିକ ବିଶ୍ୱାଳ, ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିସନର ଅଶ୍ୱତୀ ଏସ୍, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

## କେବଳ ନିଖୋଜ ଘଟଣାରେ ହେବିୟସ୍ କର୍ପସ୍ ରିଟ୍ ଆବେଦନ ଗ୍ରହଣଯୋଗ୍ୟ ନୁହେଁ: ହାଇକୋର୍ଟ

କଟକ,୨୧।୭(ସମିସ): କେବଳ ଜଣେ ନିଖୋଜ ହେବା ଏବଂ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ତାଙ୍କୁ ଅଟକ ରଖିଥିବା ନେଇ ସ୍ପଷ୍ଟ ଅଭିଯୋଗ ନ ଥିଲେ, ହେବିୟସ କର୍ପସ ଭଳି ରିଟ୍ ଆବେଦନ ବ୍ୟବହାର କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହେବିୟସ୍ କର୍ପସ୍ ଜାରି କରିବା ପାଇଁ ବ୍ୟକ୍ତି ଜଣକ ବେଆଇନ ଭାବେ ଅଟକ ଥିବା ପ୍ରମାଣିତ ହେବା ଆବଶ୍ୟକ। ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲାର ଜଣେ ବ୍ୟକ୍ତି ତାଙ୍କର ନାବାଳିକା ଝିଅ ଗତ ଏପ୍ରିଲ ୨୫ରୁ ଘରୁ ନିଖୋଜ ଥିବା ନେଇ ଥାନାରେ ଏତଲା ପ୍ରଦାନ ସହ ହେବିୟସ କର୍ପସ ଆବେଦନ ଜରିଆରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଅପହରଣ ସନ୍ଦେହ କରୁଥିଲେ ସୁଦ୍ଧା, ଥାନାରେ ଦିଆଯାଇଥିବା ଅଭିଯୋଗରେ ଝିଅଟି କେବଳ ନିଖୋଜ ଥିବା କଥା ଦର୍ଶାଯାଇଥିଲା। କେବଳ କୌଣସି ବ୍ୟକ୍ତି ନିଖୋଜ ଥିଲେ, ତାଙ୍କୁ କୋର୍ଟରେ ହାଜର କରିବା ପାଇଁ ହେବିୟସ୍ କର୍ପସ୍ ଆବେଦନ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିବା ସହ ଆବେଦନକାରୀଙ୍କ ତରଫରୁ ରୁଜୁ ଏହି ରିଟ୍ ପିଟିସନ୍‌କୁ ଖାରଜ କରିଛନ୍ତି। ଆବେଦନ ଖାରଜ ସତ୍ତ୍ୱେ ନିଖୋଜ ଝିଅକୁ ଖୋଜିବା ପାଇଁ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବାରେ ପୁଲିସ ପାଇଁ କୌଣସି ବାଧା ସୃଷ୍ଟି ହେବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଶାଳ କାଠ ବୋଝେଇ ଭ୍ୟାନ୍ ଜବତ

ବ୍ରହ୍ମପୁର, ୨୧।୭(ସମିସ): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ବନାଞ୍ଚଳ ଅଧିନ ଅମୃତୁଲୁ ବାଲିଆପିଟାରାସ୍ତାର ଖାରୀଗୁଡା ଛକ ରାସ୍ତାରେ ଶାଳ କାଠଗଣ୍ଡି ବୋଝେଇ ମ୍ୟାକ୍ସ ପିକପ ଭ୍ୟାନ ଜବତ କରିଛି ବଡ଼ଗଡ ବନବିଭାଗ। କାଠ ମାଫିଆମାନେ ସନ୍ଧ୍ୟା ସମୟରେ ଶାଗୁଆନ କାଠ ବୋଝେଇ କରି ଚୋରା ଚାଲାଣ କରୁଥିବା ଖବର ବନବିଭାଗ ନିକଟରେ ପହଞ୍ଚି ଥିଲା। ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଏକ ଟିମ କାଠ ଗାଡିକୁ ଦେଖିବା ପରେ ପିଛା କରିଥିଲେ। ଅମୃତୁଲୁ ଠାରୁ ବାଲିଆପିଟା ଛକ ନିକଟରେ କାଠ ବୋଝେଇ ଗାଡିକୁ ଛାଡି ଦୌଡ଼ି ପଳାଇଥିଲେ ଗାଡ଼ି ଚାଳକ। ୬୫ ଘନ ଫୁଟ ସାଳ କାଠ ଗଣ୍ଡି ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି ବନ ବିଭାଗ। ଗିରଫ ବିହୀନ ମାମଲା ଦ୍ୱାରା ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହବ।


**AFFIDAVIT**

I, Shaikh Umar, S/o-Shaikh Hamid, Resident of At-Agarda, P.O.-Mohagab, P.S.-Kamarda, Dist-Balasore, Odisha, Pin-756035, declare by this Affidavit No.3778 dtd. 18/07/2026, that now onwards I shall be known as **SHEIKH UMAR**, S/o-**SHEIKH HAMID** for all future purposes.

**AFFIDAVIT**

By virtue of an affidavit sworn before The Executie Magistrate, Bargarh, vide affidavit no. 381 dated 21.07.2026 I, Pintu Bhue, S/o- Mani Bhue, At/Po.- Tungaon, Ps./Dist.- Bargarh, Odisha, PIN- 768029 declare that, I have changed my son's name from **Prem Bhue** to **Divyansh Bhue**, S/o- Pintu Bhue (father) and Sita Bhue (mother). Hence he shall be known as **Divyansh Bhue** for all purposes.

**AFFIDAVIT**

I, MOHAMAD HANIPH, aged about 52 years, S/o-HAJI IDRIS, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST - NUADAPADA, PIN-766107, ODISHA, declared by this Affidavit No.841/2026 Dated.16.07.2026, That now onwards I shall Be Known as **MOHAMMED HANIF** for all future Purposes .

**AFFIDAVIT**

I, Bugata Rohit Kumar @ B. Rohit, aged about 25 years, Son Of Sri Bhagata Saikrishna @ B Sai krishana, permanent resident of Patel Marg, Near Axis Bank, Backside of Jain Mandir, Nabarangpur, in the District of Nabarangpur, declare by this affidavit No-788 dated-21/07/2026, that myself B Rohit, son of B Sai Krishna and Bugata Rohit Kumar, son of Bhagata Saikrishna is one and same person for all purposes.

**AFFIDAVIT**

I, SOPHIA BANU, aged about 47 years, W/o-ABDUL SAMAD, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST- NUADAPADA, PIN-766107, ODISHA, declared by this Affidavit No.840/2026 Dated.16.07.2026, That now onwards I shall Be Known as **SOFIA BANU** for all future Purposes .

**LOST**

I, **Jaspreet Singh** do hereby declare that, the Original Money Receipt No. SDA 0949022, dated- 30.11.2018, issued by WESCO Utility towards a Security Deposit of ₹ 5,45,624/- in the name of Indera Garments Private Limited, Rourkela, has been lost / misplaced.
If the original receipt is found in future, Indera Garments Private Limited shall have no claim for refund of the said security deposit on the basis of the original receipt.

Sd/- Jaspreet Singh,
Managing Director,
Indera Garments Pvt. Ltd.,
Rourkela

**AFFIDAVIT**

I, Labanga Lata Meher, aged about 45 years, W/o- Arjun Meher, resident of Sudpada, Balangir, Po- Balangir, Ps- Bolangir Town, Dist- Balangir, Odisha, PIN-767001, do hereby declare by this affidavit No-1462, dtd-21/07/2026, that now onwards I shall be known as **LATA MEHER** for all future purposes.

**AFFIDAVIT**

I, Arjuna Meher, aged about 50 years, S/o- Sukru Meher, resident of Sudpada, Balangir, Po- Balangir, Ps- Bolangir Town, Dist- Balangir, Odisha, PIN- 767001, do hereby declare by this affidavit No-1461, dtd- 21/07/2026, that now onwards I shall be known as **ARJUN MEHER** for all future purposes.

**ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟ,**
**ତରଭା, ଜିଲ୍ଲା- ସୋନପୁର (ଓଡିଶା)ର**
**୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ପ୍ରବେଶିକା ପରୀକ୍ଷା**

ସୋନପୁର ଜିଲ୍ଲାସ୍ଥିତ ତରଭା ପିଏମ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମାଙ୍କନ ନିମିତ୍ତ ଆସନ୍ତା ୨୮ ନଭେମ୍ବର ୨୦୨୬ ତାରିଖ ଶନିବାର ଦିନ ପ୍ରାତଃ ୧୧ ଘଟିକା ୩୦ ମିନିଟ୍ ସମୟରେ ପ୍ରତି ବ୍ଲକ୍‌ର ଏକ ପ୍ରମୁଖ ହାଇସ୍କୁଲରେ ପରୀକ୍ଷା କରାଯିବ। ସୋନପୁର ଜିଲ୍ଲାର ସରକାରୀ/ ସରକାରୀ ସ୍ୱୀକୃତୀ ପ୍ରାପ୍ତ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଓ ସୋନପୁର ଜିଲ୍ଲାର ବାସିନ୍ଦା ହୋଇଥିବା ପ୍ରାର୍ଥୀମାନେ ତାଙ୍କର ପିତାମାତା କିମ୍ବା ଅଭିଭାବକଙ୍କ ସହ ନବୋଦୟ ବିଦ୍ୟାଳୟ ସମିତିର ୱେବସାଇଟ : https://navodaya.gov.in କିମ୍ବା ଏହି ବିଦ୍ୟାଳୟର ୱେବସାଇଟ୍ https://www.navodaya.gov.in/nvs/nvs school/Sonepur/en/home/ କିମ୍ବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ : https://cbseitms.rcil.gov.in/nvs/ ରେ ଦିଆ ଯାଇଥିବା ଲିଙ୍କ (link) ମାଧ୍ୟମରେ ନିଃଶୁଳ୍କରେ ଅନଲାଇନ (Online) ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଓ ଆବେଦନ କରିପାରିବେ। ଆବେଦନ କରିବାର ଶେଷ ତାରିଖ ହେଉଛି ୩୧ ଜୁଲାଇ ୨୦୨୬ ଆବେଦନ କରୁଥିବା ପ୍ରାର୍ଥୀ ୦୧.୦୫.୨୦୧୫ ପୂର୍ବରୁ କିମ୍ବା ୩୧.୦୭.୨୦୧୭ ପରେ ଜନ୍ମଗ୍ରହଣ କରି ନଥିବେ। ବିଶେଷ ବିବରଣୀ ଜାଣିବା ନିମନ୍ତେ ବିବରଣୀ ତଥା ବିଜ୍ଞପ୍ତି ପୁସ୍ତିକା ଦେଖିପାରିବେ।

**ଅଧକ୍ଷ, ପିଏମ ଶ୍ରୀ ସ୍କୁଲ ଜ.ନ.ବି. ତରଭା,**
**ଜିଲ୍ଲା-ସୋନପୁର (ଓଡିଶା)**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011,Odisha, India

Great Place To Work. Certified

Engagement of Apprentices

Total Vacancy-1110

Qualification-ITI, Diploma, BE/B. Tech & Graduate

Last Date of Apply-26.08.2026

For Trade Apprentices: NAPS (apprenticeshipindia.org)
For Graduate/Technician Apprentices : NATS (nats.education.gov.in)

Candidates shall visit the Careers page (https://sailcareers.com) of SAIL for detailed advertisement of Engagement of Apprentice.

The walk-in interview date is mentioned against each trade and branch in the advertisement. Kindly refer to it.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life


1001/112/2627

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT**
**OFFICE OF THE EXECUTIVE ENGINEER (AGRIL), GANJAM DIVISION, BERHAMPUR**
Notice No. 991//EE. (Agril.) Dt. 21.07.26

**INVITATION FOR BIDS (IFB)**
e-procurement notice
**Bid identification number / Tender call notice no – EE (A), Ganjam-01 of 2026-27**

The Executive Engineer (Agril.), Ganjam Division, Berhampur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under AE-Ganjam Division. The tender cost of the project is approximately **Rs.1.00 Lakhs – Rs.15.00 Lakhs (Excluding GST & LC).** Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **https://tendersodisha.gov.in** from **23.07.26 at 11.00 hours to 04.08.26 at 17.00 hours.** The bid will be opened on 06.08.26 at 11:00 hours onwards in the O/o. Executive Engineer (Agril.), Ganjam Division, Berhampur, inside RITE Campus, Rangeilunda. All other details regarding terms and conditions, corrigendum from time to time if any, DTCN etc. can be seen and downloaded from **https://tendersodisha.gov.in.**

OIPR:1001/1056/1/26-27/0001

**Executive Engineer (Agril)**
**Ganjam Division, Berhampur**

25001/762/2627

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Road works**
**Bid Identification No: EERWJYP – Online -05/2026-27**

Letter No. 3491 Date: 17.07.2026

01. Name of the work :: Road works
02. Total Number of works :: 03 (Three) Nos.
03. Approximate Estimated cost :: Rs. 57.58 lakhs to Rs. 75.13 lakhs (approximately)
04. Class of Contractor : "B" Class
05. Period of Completion :: within 6 months
06. Other Details

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. | |
|---|---|---|---|---|---|---|---|
| | | | From | To | | Technical Bid | Financial Bid (Sl.No. 1 to 4) |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Jeypore | Online Tender/05/ RWD-JYP/2026-27 | 03 Nos. | 24.07.2026 at 10.00 A.M. | 03.08.2026 up to 5.00 P.M. | 01.08.2026 up to 2.00 P.M. | 04.08.2026 at 10.00 A.M. | To be intimated separately |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

OIPR-25001/25160/1/26-27/0005

Executive Engineer,
Rural Works Division: Jeypore.

25001/757/2627

**GOVT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, NAYAGADA**
At/Po-Nabaghanpur, Dist-Nayagada, Ph-06753-252049
E-mail: nayagarhrw2006@yahoo.in

**No:- Tender – Online – Nayagada Divn.-06/2026-27,** **Date:** 15.07.2026

**e-Procurement Notice**

1. **Name of the work** : Building works.
2. **Total No. of Projects** : 13 (Thirteen) Nos of projects
3. **Class of contractor**
   a) Estimated cost above Rs. 20.00 Lakhs & up to Rs. 3.00 Crore : **B Class (of Odisha PWD)** or relevant class of other licensing authorities.
   b) Estimated cost up to Rs. 40.00 Lakhs : : **C Class (of Odisha PWD)** or relevant class of other licensing authorities.
   c) Estimated cost up to Rs. 20.00 Lakhs : : **D Class (of Odisha PWD)** or relevant class of other licensing authorities.
4. **Estimated cost put to tender:** Rs. **50.84 Lakhs & Rs. 51.06 lakhs**
5. **Time for completion: 06 (Six) calendar month.**
6. **Other details**

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nayagada | No:-Tender – Online – Divn. NAYAGADA – 06/2026-27 | 28.07.2026 at 10.00 A.M. | 12.08.2026 upto 5.30 P.M. | 13.08.2026 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

OIPR-25001/25106/1/26-27/0008

**Superintending Engineer**
**Rural Works Division, Nayagada**

24001/309/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No **RDM-LAA-MBJ-0032-2022**-9863 R&DM, Dated:07.03.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନୂଆଗାଁ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୦୧ ତା. ୦୧.୦୨.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୪୦୮ ତା. ୦୫/୦୨/୨୦୨୬ ରିଖ ଅନୁସାରେ ଅଧିସୂଚନାର ବୈଧତା ତା. ୧୫/୦୬/୨୦୨୬ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ରେଣୁଗାଁ, ଥାନା- ବେତନଟୀ ନଂ. ୯୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରେଣୁଗାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୯୭ | ଏକର ୦.୪୬ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୧୫.୦୬.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୯/୨୦୨୨
ଏ.୦.୪୬ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନୂଆଗାଁ ମାଇନର ନିମନ୍ତେ
ମୌଜା-ରେଣୁଗାଁ, ଥାନା- ବେତନଟୀ ନଂ-୯୮, ତହସିଲ- ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 21 | 59 | 0.16 | 0.04 | ଶାରଦ ଅଣ ଜଳସେଚିତ ତିନି | ଦୈତାରୀ ମହାନ୍ତ, କୁନି ମହାନ୍ତ, ପୁଷ୍ପା ମହାନ୍ତ ପି: ନରେନ୍ଦ୍ର ମହାନ୍ତ, ଠୁମି ମହାନ୍ତ ସ୍ୱା: ନରେନ୍ଦ୍ର ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 28 | 56 | 0.08 | 0.07 | ଶାରଦ ଅଣ ଜଳସେଚିତ ତିନି | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମୀରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 29 | 57 | 0.17 | 0.15 | ଶାରଦ ଅଣ ଜଳସେଚିତ ତିନି | ପାର୍ବତୀ ମହାନ୍ତ ପି:ପଞ୍ଚାନନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 36 | 51 | 0.34 | 0.01 | ଶାରଦ ଅଣ ଜଳସେଚିତ ତିନି | ବିଦ୍ୟାଧର ମହାନ୍ତ ପି:ଲକ୍ଷ୍ମିରାମ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 45 | 55 | 0.18 | 0.12 | ଶାରଦ ଅଣ ଜଳସେଚିତ ତିନି | ରାନିଆ ମହାନ୍ତ, ଅଞ୍ଜଳୀ ମହାନ୍ତ ପି: ପ୍ରହଲ୍ଲାଦ ମହାନ୍ତ, ଝଲ ମହାନ୍ତ ସ୍ୱା: ପ୍ରହଲ୍ଲାଦ ମହାନ୍ତ ଜା: କୁଡୁମି ବା: ପଣ୍ଡୁଗଡିଆ |
| | 58 | 0.16 | 0.06 | ଶାରଦ ଅଣ ଜଳସେଚିତ ତିନି | |
| 47 | 54 | 0.88 | 0.01 | ଶାରଦ ଅଣ ଜଳସେଚିତ ତିନି | ରାମେଶ୍ୱର ମହାନ୍ତ ପି:ହରମୋହନ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| ମୋଟ | ୭ ପ୍ଲଟକୁ | ଏ.୧.୯୭ ଡେ.ମି. | ଏ.୦.୪୬ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0084

8001/225/2627

**ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,**
**ମାଲକାନଗିରି ବନଖଣ୍ଡ, ମାଲକାନଗିରି**
**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN**
**MALKANGIRI FOREST DIVISION, MALKANGIRI**
Contact No. 7077658999, E-Mail: dfo.malkangiri@odisha.gov.in
No. 127 /1F/Acct/2026 Dated, Malkangiri the 18th July, 2026

**POSTPONED NOTICE FOR OPENING OF TENDER**

The opening of the tender for "Procurement of Different Planting Materials for Planting Season - 2026-27", invited vide Bid Identification No. 01 DFO, MKG 01/2026-27, which was scheduled to be held on dated 18.07.2026, is hereby postponed due to unavoidable Circumstances. The tender shall now be opened on dated 22.07.2026 at the designated venue and time. All other terms and conditions of the tender shall remain unchanged.

OIPR:8001/8109/1/26-27/0003

**Divisional Forest Officer,**
**Malkangiri Forest Division**

32001/568/2627

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**LOWER INDRA CANAL DIVISION, KHARIAR**
Dist:- Nuapada, Odisha, PIN:-766107
**e-Procurement Notice No. SELICD-02/2026-27, Dt.17.07.2026 (online)**
**E-mail ID:** eelicd.kha@gmail.com

**No. 1833** **Date: 20.7.26**

| | | |
|---|---|---|
| 1 | Type/Nature of work | Internal Electrification & Installation of Transformer. |
| 2 | Total No. of works | 02 (Two) Nos. |
| 3 | e-Procurement Notice No. | SELICD-02/2026-27, Dt.20.07.2026 (online) |
| 4 | Approx. value of works | Varies from Rs. 9.63 Lakh to Rs. 24.00 Lakh (Excluding GST). |
| 5 | Period of completion | 01 (One) and 02 (Two) Calendar months |
| 6 | Classification of bidders | "HT" & "LT" Electrical Contractor having "C" Class Civil License registered in CDMS. |
| 7 | Availability of Tender Online | From Date **24.07.2026 at 10.00 A.M.** to Date **04.08.2026 up to 5.00 P.M.** |
| 8 | Date and Time of Opening | **05.08.2026 at 10.30 A.M.** |
| 9 | Bid Security/EMD | Mentioned in DTCN |
| 10 | Cost of Tender Paper | Rs. 4000/- & Rs. 6000/- |
| 11 | Procurement Officer | Superintending Engineer, Lower Indra Canal Division, Khariar, Dist:- Nuapada, Odisha. |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website https://www.tendersodisha.gov.in.

(Er. Soumya Kishore Jaipuria)
Superintending Engineer
Lower Indra Canal Division, Khariar

OIPR-32001/32335/1/26-27/0001

34001/514/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**PHULBANI (R&B) DIVISION, PHULBANI**
**AT/PO./PS- PHULBANI, PIN-762001**
**E-MAIL: - eeplbrb@gmail.com,** Tel-06842-2532102
**INVITATION FOR BID (IFB)/ NOTICE INVITING TENDER (NIT)**
**e-Procurement Tender Call Notice**
**Bid Identification No.: - SE-R&B-PLB-04/2026-27, DATE: - 20.07.2026**

**Letter No. 4329** **Date. 20.07.2026**

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D" and "C" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 13 (Thirteen) Numbers |
| 3. | Estimated Cost put to Tender. (T.S Amount) | : | Rs.1.43 Lakhs to Rs. 25.05 Lakhs |
| 4. | E.M.D. | : | Rs.1,500/- to Rs. 25,100/- |
| 5. | Period of completion | : | 01 (One) & 12 (Twelve) Calendar Months. |
| 6. | Class of Contractor or Eligibility of the bidders | : | **"MV", "HT", "D" and "C" Class Contractors** (Orissa P.W.D. or equivalent class of other licensing authority) |
| 7. | Tender Cost or Cost of participation in on line Bid | : | Rs. 600/- to Rs. 6000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 24.07.2026 at 10:00 AM to 07.08.2026 up to 05:00 PM |
| 9. | Clarification regarding bidding online | : | From 24.07.2026 at 10:00 AM to 06.08.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 10.08.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamal |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

OIPR-34001/34066/1/26-27/0005

**Superintending Engineer**
**Phulbani (R&B) Division, Phulbani**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟାୟ ଦାବିକୁ...

ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇଥିଲେ । ଏଥିରେ ମଲ୍ଲିକାର୍ଜୁନ ଖଡ଼ଗେ, ପ୍ରିୟଙ୍କା ଗାନ୍ଧୀ, ବେଣୁଗୋପାଳ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶିବ କୁମାର ଏବଂ କେରଳ ମୁଖ୍ୟମନ୍ତ୍ରୀ ସତୀଶନଙ୍କ ସମେତ ଦଳୀୟ ସାଂସଦ ଓ ବିଧାୟକ ସାମିଲ ହୋଇଥିଲେ । ରାହୁଲଙ୍କ ସହ ଆଲୋଚନା ପାଇଁ ସରକାର କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କୁ ପଠାଇଥିଲେ । ଶ୍ରୀ ସିଂହ ରାହୁଲଙ୍କୁ ଭେଟିବା ସହିତ ଧାରଣା ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ । ରାହୁଲ ତାଙ୍କ ସମ୍ମୁଖରେ ଦାବି ରଖିଥିଲେ ଯେ ସଂସଦରେ ନିଟ୍ ପରୀକ୍ଷା ବିଭ୍ରାଟ ଉପରେ ଆଲୋଚନା ହେଉ, ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା ପାଇଁ ପ୍ରଧାନମନ୍ତ୍ରୀ ଓ ଗୃହ ମନ୍ତ୍ରୀ କ୍ଷମା ମାଗନ୍ତୁ, ନଚେତ ଇସ୍ତଫା ପ୍ରଦାନ କରନ୍ତୁ । କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଗୃହ ସଚିବ ଗୋବିନ୍ଦ ମୋହନ ମଧ୍ୟ ଆସିଥିଲେ । ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ମନ୍ତ୍ରୀ କହିବାରୁ ରାହୁଲ କହିଥିଲେ ଯେ ପ୍ରଥମେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ । କଂଗ୍ରେସକୁ ସମର୍ଥନ ଜଣାଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଧାରଣାସ୍ଥଳକୁ ଆସିଥିଲେ ।

ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଦିଲ୍ଲୀ ପୁଲିସ ଧାରଣାସ୍ଥଳରେ ପହଞ୍ଚି ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ସମେତ ଧାରଣାରେ ବସିଥିବା ସମସ୍ତ ନେତାଙ୍କୁ ଉଠାଇ ନେଇ ଅଟକ ରଖିଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନ ସମ୍ମୁଖ ଧାରଣା ଆନ୍ଦୋଳନ ସୁରକ୍ଷା ଦୃଷ୍ଟିରୁ ନିରାପଦ ନଥିବାରୁ ପୁଲିସ ବୁଝାଇବା ସହିତ ସେମାନଙ୍କୁ ଉଠାଇ ।।ନେଇଥିଲା । କିଛି ନେତାଙ୍କୁ ଥାନାରେ ଅଟକ ରଖାଯାଇଛି, ଆଉ କିଛି ନେତାଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଇଛି । ପୁଲିସ ଉଠାଇ ନେଉଥିବା ବେଳେ ରାହୁଲଙ୍କ ନାକରୁ ରକ୍ତ ବୋହିବାର ଦେଖାଯାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନ ବେଳେ ରାହୁଲ କହିଲେ ଯେ ମୋଦୀ ସରକାର ଉତ୍ତରଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି । ନିଟ୍ ପରୀକ୍ଷା ବିଭ୍ରାଟ ଏବଂ ପୁଲିସ ବର୍ବରତା ସଂପର୍କରେ ଉଭୟ ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ।

ଅନ୍ୟପକ୍ଷରେ ପୁଲିସ ଆକ୍ରମଣରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ଜଣେ ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ଏବଂ ତାଙ୍କୁ ରାମ ମନୋହର ଲୋହିଆ ହସପିଟାଲର ଭେଣ୍ଟିଲେଟରରେ ରଖାଯାଇଛି । ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଆହତ ଆନ୍ଦୋଳନକାରୀଙ୍କୁ ଦେଖିବା ଲାଗି କେନ୍ଦ୍ର ମନ୍ତ୍ରୀଙ୍କ ସମେତ ବିଭିନ୍ନ ଦଳ ଓ ସଂଗଠନର ନେତା ଯାଉଛନ୍ତି । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ହସପିଟାଲ ଯାଇ ଆହତ ପିଲାମାନଙ୍କୁ ଦେଖିଛନ୍ତି । ପୁଲିସ ମାଡ଼ରେ ଶତାଧିକ ଛାତ୍ରଛାତ୍ରୀ ଆହତ ହୋଇଥିବା ବେଳେ ପୁଲିସ କହୁଛି ଯେ ୯୦ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ଅନ୍ୟ ୧୫ ଜଣ ଚିକିତ୍ସାଧୀନ ଅଛନ୍ତି । ସେପଟେ କକ୍ରୋଚ ପାର୍ଟିର ଆନ୍ଦୋଳନକୁ ସମର୍ଥନ ଜଣାଇ ଜନ୍ତରମନ୍ତରରେ ଆଜି ସମର୍ଥକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରଙ୍କ ଉଦାସୀନତା ଏବଂ ପୁଲିସର ବର୍ବରତା ସେମାନଙ୍କ ମନୋବଳକୁ ବୃଦ୍ଧି କରିଛି ବୋଲି ଆନ୍ଦୋଳନକାରୀ ଘୋଷଣା କରିଛନ୍ତି । ପୁଲିସ ବର୍ବରତା ବିରୋଧରେ ଦେଶର ବିଭିନ୍ନ ଭାଗରେ ଧାରଣା ବିକ୍ଷୋଭ ଚାଲିଥିବାର ଖବର ମିଳିଛି । ଏହି ପ୍ରସଙ୍ଗ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ପୁଲିସ ବର୍ବରତା ବିରୋଧରେ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି ।

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର**
ଚିକିତ୍ସାଳୟ ଏବଂ ପ୍ୟାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀବଦ୍ଧ କରିବା ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ଆମନ୍ତ୍ରଣ
ଏହି ଆବେଦନ ତା.10.08.2026ରିଖ 1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଜମା ହେବା ଆବଶ୍ୟକ ।
ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/ ଭୁବନେଶ୍ୱର
PR-291/R/26-27

## ଇସ୍ତଫା ଦିଅନ୍ତୁ...

ଆସନ୍ତାକାଲି ସକାଳେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ଫେରିବାକୁ ପଡୁଛି; କିନ୍ତୁ ଆମର ସାଂସଦମାନେ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ସଂସଦରେ ଉଠାଇବେ । ଏହି ଘଟଣାରେ ଅନେକ ଯୁବକ ଯୁବତୀ ଗୁରୁତର ଭାବେ ଆହତ ହୋଇଛନ୍ତି । ଏପରି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଛନ୍ତି ।

## ଟନେଲ ଦୁର୍ଘଟଣା...

ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ ଏବଂ ଡାକ୍ତରୀ ଦଳକୁ ଘଟଣାସ୍ଥଳରେ ପ୍ରସ୍ତୁତ ରଖାଯାଇଛି ।

## ହସ୍ପିଟାଲରେ ଆହତଙ୍କୁ...

ଉଚିତ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ବିଜେଡି ସାମ୍ବିଧାନିକ ଓ ଗଣତାନ୍ତ୍ରିକ ପଦ୍ଧତିରେ ଏହି ପ୍ରସଙ୍ଗକୁ ଉଠାଇ ଚାଲିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ସାଂସଦମାନେ ଆଶ୍ୱାସନା ଦେଇଥିଲେ । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦମାନେ ଦିଲ୍ଲୀର ବିଜୟ ଚୌକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ଦଳର ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ । ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ । ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ । ବିରୋଧୀ ଦଳମାନଙ୍କ ହଟ୍ଟଗୋଳ ଯୋଗୁଁ ପରବର୍ତ୍ତୀ ସମୟରେ ଗୃହକୁ ମୁଲତବୀ କରାଯାଇଥିଲା । ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୋଲିସର ଅମାନୁଷିକ ଆକ୍ରମଣକୁ ନିନ୍ଦା କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ବଳପ୍ରୟୋଗ କରିବା, ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରୁଛି । ଆହତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ମିଳିବା ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ଦଳ ସଂସଦ ଭିତରେ ଓ ବାହାରେ ଏହି ଲଢ଼େଇକୁ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ଏମ୍‌କେସିଜିରେ...

ପାଇଁ କିଛିଦିନ ପୂର୍ବେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲରେ ୧୦ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି । ରୋଗୀଙ୍କୁ ତୁରନ୍ତ ଚିହ୍ନଟ ଓ ଚିକିତ୍ସା ସୁବିଧା ଯୋଗାଇବା ପାଇଁ ହସ୍ପିଟାଲରେ ଫିଭର କ୍ଲିନିକ୍ କାର୍ଯ୍ୟକ୍ଷମ କରାଯାଇଛି । ସେଠାରେ ଜ୍ୱର, କାଶ, ଥଣ୍ଡା, ଶ୍ୱାସକଷ୍ଟ ଭଳି ଲକ୍ଷଣ ଥିବା ରୋଗୀଙ୍କୁ ପ୍ରାଥମିକ ଯାଞ୍ଚ କରାଯିବ । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆଇସୋଲେସନ ୱାର୍ଡରେ ୨୪ଘଣ୍ଟିଆ ଡାକ୍ତରଙ୍କ ଉପସ୍ଥିତି ସହ ଆବଶ୍ୟକ ଔଷଧ, ସୁରକ୍ଷା ସାମଗ୍ରୀ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି । ସନ୍ଦିଗ୍ଧ ରୋଗୀଙ୍କ ନମୁନା ସଂଗ୍ରହ ଓ ଆବଶ୍ୟକ ପଡ଼ିଲେ ପରୀକ୍ଷା ପାଇଁ ପଠାଇବା ବ୍ୟବସ୍ଥା ମଧ୍ୟ ରହିଥିବା ମୁଖ୍ୟ ଜିଲ୍ଲା ଚିକିତ୍ସାଧୀକାରୀ ଡ଼ା. ଭବାନୀ ଶଙ୍କର ମିଶ୍ର ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟବିଭାଗ ସାଧାରଣ ଲୋକଙ୍କୁ ଅଯଥା ଆତଙ୍କିତ ନହୋଇ ସତର୍କ ରହିବା, ଜ୍ୱର କିମ୍ବା ଶ୍ୱାସଜନିତ ଲକ୍ଷଣ ଦେଖାଦେଲେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଫିଭର କ୍ଲିନିକ୍‌ରେ ଚିକିତ୍ସା ପରାମର୍ଶ ନେବାକୁ ଅନୁରୋଧ କରିଛି ।

## ୫୮.୩୬ ଲକ୍ଷ...

କରନ୍ତି, ତେବେ ସେମାନଙ୍କ ନାମ ଭୋଟର ତାଲିକାରୁ କଟିଯିବାର ସମ୍ଭାବନା ରହିଛି ।

ସେ କହିଛନ୍ତି ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ସମାପ୍ତ ପରେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ରାଜ୍ୟରେ ଏଯାବତ୍ ୭ ଲକ୍ଷ ୯୩ ଲକ୍ଷ ୪୯୦ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯାଇସାରିଛି । ସେହିପରି ୫୦ ଲକ୍ଷ ୫ ଲକ୍ଷ ୩୯ ୯ ଜଣଙ୍କୁ ନୋଟିସ୍ ପ୍ରଦାନ କରାଯିବ । ଅପହଞ୍ଚ ଅଞ୍ଚଳର ବୟସ୍କ ବ୍ୟକ୍ତି, ଭିନ୍ନକ୍ଷମ, ରୋଗଗ୍ରସ୍ତ ଏବଂ ଶାରୀରିକ ଭାବେ ଅକ୍ଷମ ବ୍ୟକ୍ତିମାନଙ୍କୁ ଶୁଣାଣି ପାଇଁ ବ୍ୟକ୍ତିଗତ ଭାବେ ଶୁଣାଣିରେ ଉପସ୍ଥିତ ହେବାକୁ ପଡ଼ିବ ନାହିଁ । ସେମାନଙ୍କ ସୁବିଧା ପାଇଁ ବିଏଲଓମାନେ ସେମାନଙ୍କ ବାସସ୍ଥାନରୁ ସିଧାସଳଖ ଦସ୍ତାବିଜ ସଂଗ୍ରହ କରୁଛନ୍ତି । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଆସନ୍ତା ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଶୁଣାଣି ସମୟରେ ସେମାନଙ୍କୁ ମୋଟ ୧୩ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ବା ଏକ ବିଏଲଓ ଲେଟର(ପଞ୍ଚନାମା) ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି । ଯଦି ଏହି ପଞ୍ଚନାମା ଦେବାରେ ସେମାନେ ବିଫଳ ହେଉଛନ୍ତି, ତାହେଲେ ସେମାନେ ଭୋଟର ତାଲିକାରେ ରହିବେ କି ନାହିଁ, ସେନେଇ ଶେଷ ନିଷ୍ପତ୍ତି ଇଆରଓ ନେବେ । ବର୍ତ୍ତମାନ ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଜାରି ରହିଛି । ସେହିପରି ନୋଟିସ ପର୍ଯ୍ୟାୟ ଏବଂ ଦାବି ଓ ଆପତ୍ତିର ସମାଧାନ ପ୍ରକ୍ରିୟା ଜୁଲାଇ ୪ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

## ବର୍ଷ ଶେଷ ସୁଦ୍ଧା...

ସରକାର ଋଣ ନେବା ସ୍ୱାଭାବିକ । କିନ୍ତୁ ଯଦି ଋଣର ଗତି ଅର୍ଥନୈତିକ ଅଭିବୃଦ୍ଧିଠାରୁ ଅଧିକ ହୋଇଯାଏ, ତେବେ ଭବିଷ୍ୟତରେ ରାଜକୋଷୀୟ ଚାପ ବଢ଼ିପାରେ । ବିଶେଷକରି ସୁଧ ବାବଦରେ ବଢୁଥିବା ବ୍ୟୟ ସରକାରଙ୍କ ଉନ୍ନୟନମୂଳକ ଖର୍ଚ୍ଚକୁ ପ୍ରଭାବିତ କରିପାରେ । ତେବେ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରିଛନ୍ତି । ରାଜକୋଷୀୟ ଶୃଙ୍ଖଳା ବଜାୟ ରଖିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଋଣ-ଜିଡିପି ଅନୁପାତକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଦୀର୍ଘମିଆଦି ଆର୍ଥିକ ରଣନୀତି ଅନୁସରଣ କରୁଛନ୍ତି ବୋଲି କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଗାମୀ ବର୍ଷଗୁଡ଼ିକରେ ଋଣ ପରିଚାଳନା, ରାଜସ୍ୱ ସଂଗ୍ରହ ବୃଦ୍ଧି ଏବଂ ପୁଞ୍ଜି ବ୍ୟୟର ସନ୍ତୁଳନ ରକ୍ଷା ସରକାରଙ୍କ ପାଇଁ ସବୁଠୁ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ଆକଳନ କରାଯାଉଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ପରିବାର ସଦସ୍ୟଙ୍କ ସହଯୋଗ ମିଳିବ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ରକ୍ଷା ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

---

24001/304/2627

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

**No. RDM-LAB-GM-0020-2025- 15866 / R&DM, Dated 15.04.2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୧୯୦୮୫ ତା. ୨୭.୦୫.୨୦୨୫** ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ବାଙ୍ଗରଡା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଗଞ୍ଜାମ** — **ତହସିଲ: - ଦିଗପହଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାଙ୍ଗରଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୦.୫୦୦ | ଏକର ୬.୧୭୫ | ଏଥି ସହିତ ସଂଲଗ୍ନ |

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଗଞ୍ଜାମ** — **ତହସିଲ: - ଦିଗପହଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ- ୧୬.୧୧.୨୦୨୫ ।**

**ବାଙ୍ଗରଡା ଗ୍ରାମର ଜମିର ବିବରଣୀ**

**ମୌଜା - ବାଙ୍ଗରଡା** — **ତହସିଲ - ଦିଗପହଣ୍ଡି** — **ଜିଲ୍ଲା - ଗଞ୍ଜାମ**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ | ଶ୍ରେଣୀ ବିଭାଜନ | ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୪୪ | ୧୫୭ | ଉଲା ପ୍ରଧାନ ପି: ହେରୁମ୍ବ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୨୦୦ | ପଦର | ୦.୦୧୦ | |
| | | ୧୬୧ | | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୦ | |
| ୨ | ୬୬ | ୧୪୭ | କୃଷ୍ଣ ଡାକୁଆ ପି: ଅଗାଧୁ ଡାକୁଆ, କାଶି ଡାକୁଆ, ସୁକାନ୍ତ ଡାକୁଆ ପି: ଦଣ୍ଡାସୀ ଡାକୁଆ, ହାର ଡାକୁଆ ସ୍ୱା: ଦଣ୍ଡାସୀ ଡାକୁଆ ଜା: ଭଣ୍ଡାରି ବା: ନିଜଗାଁ | ୦.୦୬୦ | ପଦର | ୦.୦୩୫ | |
| ୩ | ୯୬ | ୧୩୩ | ଗୋବିନ୍ଦ ପ୍ରଧାନ, ସିମାଞ୍ଚଳ ପ୍ରଧାନ, ପଞ୍ଚାନନ ପ୍ରଧାନ, ଶଶୀ ପ୍ରଧାନ ପି: ଭିକାରି ପ୍ରଧାନ, ହାଡିଆଣି ପ୍ରଧାନ ସ୍ୱା: ଭିକାରି ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୯୦ | ପଦର | ୦.୦୧୦ | |
| ୪ | ୧୦୬ | ୩୭୮ | ଚିନ୍ତାମଣି ପ୍ରଧାନ ପି: ଚକ୍ରପାଣି ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପି: କୃଷ୍ଣ ପ୍ରଧାନ, ବାବୁ ପ୍ରଧାନ ପି: ଶୁକୁ ପ୍ରଧାନ ଜା: କୁରୁମ ବା: ନିଜଗାଁ | ୦.୧୩୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୦ | |
| ୫ | ୧୧୪ | ୧୫୨ | କୁରିଆ ସେଠି, ଦୁର୍ଯ୍ୟୋଧନ ସେଠି, ଶ୍ରୀଧର ସେଠି, କାଶିଆ ସେଠି ପି:କନ୍ଧ ସେଠି ଜା: ଧୋବା ବା: ନିଜଗାଁ | ୦.୦୯୦ | ପଦର | ୦.୦୦୫ | |
| | | ୧୫୩ | | ୦.୧୨୫ | | ୦.୦୯୦ | |
| | | ୧୫୪ | | ୦.୧୧୦ | | ୦.୦୮୦ | |
| ୬ | ୧୨୪ | ୩୯୬ | ଯୋଗି ସେଠି ପି: ଗୋଲା ସେଠି ଜା: ଧୋବା ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୯୭ | | ୦.୧୯୦ | | ୦.୦୩୦ | |
| ୭ | ୧୪୨ | ୮୪୬ | ତାରେଣି ମହାକୁଡ଼ ପି:ଅଗାଧୁ ମହାକୁଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | ଗୋଚର ପ୍ରତି ବଦଳରେ |
| | | ୮୪୮ | | ୦.୩୨୦ | | ୦.୩୨୦ | |
| ୮ | ୧୫୫ | ୩୮୦ | ଦଣ୍ଡାସୀ ଗୌଡ଼ ପି: ଅଗାଧୁ ଗୌଡ଼ ଜା: ଗୌଡ ବା: ନିଜଗାଁ | ୦.୨୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୭୦ | |
| ୯ | ୧୭୦ | ୨୯୬ | ଦେବରାଜ ଚୌଧୁରୀ ପି:ଭୀମ ଚୌଧୁରୀ ଜା: କୁରୁମ ବା: ନିଜଗାଁ | ୦.୦୮୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| | | ୨୯୭ | | ୦.୦୫୦ | | ୦.୦୫୦ | |
| ୧୦ | ୧୯୫ | ୨୩୨ | ନରସିଂହ ସେଠି, ସତ୍ୟ ସେଠି, ଉପେନ୍ଦ୍ର ସେଠି, କାଲୁ ସେଠି ପି: ଦଣ୍ଡାସି ସେଠି, ହେମ ସେଠି ସ୍ୱା: ଦଣ୍ଡାସି ସେଠି ଜା: ଧୋବା, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପଧାନ, ଝୁମା ପଧାନ ପି: ବୁଧିଆ ପଧାନ, ଅପର୍ତ୍ତି ପଧାନ ସ୍ୱା: ବୁଧିଆ ପଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୦୮୦ | ପଦର | ୦.୦୫୦ | |
| ୧୧ | ୨୧୧ | ୩୫୦ | ପଞ୍ଚାନନ ପଣ୍ଡା ପି:ନାରଣ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| ୧୨ | ୨୪୯ | ୩୭୫ | ବାଲୁଙ୍କି ପଣ୍ଡା, ବାବୁ ପଣ୍ଡା, କୃଷ୍ଣ ପଣ୍ଡା, ଜମ୍ବୁ ପଣ୍ଡା, ମାମି ପଣ୍ଡା, ପି: ଗଙ୍ଗାଧର ପଣ୍ଡା, ଝୁମା ପଣ୍ଡା ସ୍ୱା:ଗଙ୍ଗାଧର ପଣ୍ଡା, ବିଶ୍ୱନାଥ ପଣ୍ଡା ପି: ଈଶ୍ୱର ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୦୫ | |
| | | ୩୭୬ | | ୦.୦୪୦ | | ୦.୦୪୦ | |
| ୧୩ | ୨୭୩ | ୩୪୮ | ଭଗବାନ ସେଠୀ, ନାଥ ସେଠୀ, ହରି ସେଠୀ ପି: କରୁଣା ସେଠୀ, ମହେଶ୍ୱର ସେଠୀ, ରାଜେନ୍ଦ୍ର ସେଠୀ, ସନାତନ ସେଠୀ, ଝୁନୁ ସେଠୀ, ସୁଲୋଚନା ସେଠୀ ପି: କୈବଲ୍ୟ ସେଠୀ, ହେମ ସେଠୀ ସ୍ୱା: କୈବଲ୍ୟ ସେଠୀ ଜା: ଧୋବା ବା: ନିଜଗାଁ | ୦.୧୧୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୫ | |
| | | ୩୪୯ | | ୦.୦୪୦ | | ୦.୦୪୦ | |
| ୧୪ | ୨୮୦ | ୮୪୭ | ଭରତ ଗୌଡ଼ ପି:କନ୍ଧ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | ୦.୧୯୦ | ବିଲ ଅଣଜଳସେଚିତ ଦୁଇ | ୦.୧୯୦ | ଗୋଚର ପ୍ରତି ବଦଳରେ |
| ୧୫ | ୩୦୭ | ୧୩୭ | ତୁମ୍ବୁଲୁ ଶ୍ରୀନିବାସ ପାତ୍ର ପି:ତୁମ୍ବୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ବିଷ୍ଣୁଗିରି | ୦.୦୭୦ | ପଦର | ୦.୦୦୫ | |
| | | ୧୩୮ | | ୦.୧୨୫ | | ୦.୦୯୫ | |
| | | ୧୩୯ | | ୦.୨୩୫ | | ୦.୦୦୫ | |
| ୧୬ | ୩୩୯ | ୩୮୪ | ଲକ୍ଷ୍ମୀନାରାୟଣ ପଣ୍ଡା ପି:ଧର୍ମୁ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| ୧୭ | ୩୪୪ | ୮୩୮ | ଶ୍ରୀ ନିଳକଣ୍ଠେଶ୍ୱର ମହାଦେବ ବିଜେ ମଣିଦେଇ ପେଣ୍ଠ ସେବାୟତ ବା:, ଲିଙ୍ଗରାଜ ରଣା ପି: ଭିମ ରଣା, ଈଶ୍ୱର ରଣା ପି: କୃଷ୍ଣ ରଣା, ରବିନ୍ଦ୍ର ରଣା ପି: ଭିମ ରଣା ଜା: ମାଳି ବା: ନିଜଗାଁ | ୦.୧୭୫ | ବିଲ ଅଣଜଳସେଚିତ ଦୁଇ | ୦.୧୭୫ | ଗୋଚର ପ୍ରତି ବଦଳରେ |
| | | ୮୩୯ | | ୦.୧୦୦ | | ୦.୧୦୦ | |
| | | ୮୪୦ | | ୦.୩୬୦ | | ୦.୩୬୦ | |
| | | ୮୪୪ | | ୦.୩୪୫ | | ୦.୩୪୫ | |
| | | ୮୪୫ | | ୦.୧୩୫ | | ୦.୧୩୫ | |
| ୧୮ | ୩୭୬ | ୮୪୨ | ଶ୍ରୀ ରାଧାଦାମୋଦର ଠାକୁର ବିଜେ: ନିଜଗାଁ ମାର୍ଫତ: ବା:, ସିମାଞ୍ଚଳ ଦାସ ପି: ରାମଚନ୍ଦ୍ର ଦାସ, ହରିହର ଦାଶ, ବୈଷ୍ଣବ ଦାଶ ପି: ଲକ୍ଷ୍ମଣ ଦାଶ, ଗୋପାଳ କୃଷ୍ଣ ଦାଶ, ମଦନମୋହନ ଦାଶ, ଲକ୍ଷ୍ମୀ ଚରଣ ଦାଶ ପି: ନଟବର ଦାଶ, ଭାସ୍କର ଦାଶ ପି: ବାଇନ ଦାଶ, ସୋମନାଥ ଦାଶ ପି: ଦିନବନ୍ଧୁ ଦାଶ, ଝରା ଦାଶ ସ୍ୱା: ତ୍ରିନାଥ ଦାଶ, ପ୍ରତାପ ଚନ୍ଦ୍ର ଦାଶ ପି: କାଳୁ ଦାଶ, ପ୍ରମିଳା ଦାଶ ସ୍ୱା: କାଳୁ ଦାଶ, ଚନ୍ଦ୍ରମା ଦାଶ ସ୍ୱା: ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୨୨୦ | ବିଲ ଅଣଜଳସେଚିତ ଏକ | ୦.୨୨୦ | ଗୋଚର ପ୍ରତି ବଦଳରେ |
| | | ୮୪୩ | | ୦.୨୬୦ | | ୦.୨୬୦ | |
| | | ୮୫୧ | | ୦.୫୧୦ | | ୦.୫୧୦ | |
| | | ୮୪୧ | | ୦.୬୦୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୫ | |
| ୧୯ | ୪୧୦ | ୧୩୬ | ଶୋଭାବତୀ ଦାଶ ପି:ତ୍ରିନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୨୦ | ପଦର | ୦.୧୨୦ | |
| ୨୦ | ୪୧୨ | ୧୩୫ | ସୋମନାଥ ଦାଶ ପି:ଦିନବନ୍ଧୁ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୪୫ | ପଦର | ୦.୧୩୦ | |
| ୨୧ | ୪୧୭ | ୧୫୫ | ହରି ପଧାନ, କ୍ଷେତ୍ର ପଧାନ ପି: ଉଜଳ ପଧାନ ଜା: କୁରୁମ ବା: ନିଜଗାଁ, ଜାଗିଲି ପ୍ରଧାନ, ଝୁମ୍ପା ପ୍ରଧାନ ପି: ବୁଦ୍ଧିଆ ପ୍ରଧାନ, ଅପର୍ତ୍ତି ପ୍ରଧାନ ସ୍ୱା: ବୁଦ୍ଧିଆ ପ୍ରଧାନ ଜା: କୁରୁମ ବା: ଫାସିଗୁଡ଼ା | ୦.୧୧୦ | ପଦର | ୦.୦୭୦ | |
| | | ୨୩୧ | | ୦.୦୭୦ | | ୦.୦୪୦ | |
| | | ୨୩୮ | | ୦.୧୬୦ | | ୦.୧୦୦ | |
| ୨୨ | ୪୧୮ | ୩୮୬ | ହରିହର ଦାଶ ପି:ଲକ୍ଷ୍ମଣ ଦାଶ, ସିମାଞ୍ଚଳ ଦାଶ ପି: ରାମଚନ୍ଦ୍ର ଦାଶ, ରୁନୁ ଦାଶ ପି: ରଘୁନାଥ ଦାଶ, ଚନ୍ଦ୍ରମା ଦାଶ ସ୍ୱା:ରଘୁନାଥ ଦାଶ ଜା: ବ୍ରାହ୍ମଣ ବା: ନିଜଗାଁ | ୦.୧୩୦ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | |
| | | ୩୮୭ | | ୦.୦୯୦ | | ୦.୦୪୦ | |
| ୨୩ | ୪୨୭/୧୭ | ୨୯୮ | ବୃନ୍ଦାବନ ସେଠି ପି: ଭିମ ସେଠି ଜା: ଧୋବା ବା: ବାଙ୍ଗରଡା | ୦.୧୧୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୨୪ | ୪୨୭/୧୩୯ | ୨୫୨ | ଇଷ୍ଟେନ ହେଟେଚାରୀ ପ୍ରାଇଭେଟ ଲିମିଟେଡ କମ୍ପାନି ତରଫେ ଜେନେରାଲ ମ୍ୟାନେଜର ଦିପକ କୁମାର ସାନ୍ଯାଲ ପି: ପରେଶ ନାଥ ସାନ୍ଯାଲ ଜା: ବ୍ରାହ୍ମଣ ବା: | ୦.୦୮୦ | ପଦର | ୦.୦୨୦ | |
| | | ୨୫୦ | | ୦.୧୩୦ | | ୦.୧୩୦ | |
| | | ୧୫୦ | | ୦.୧୫୫ | | ୦.୦୭୦ | |
| | | ୧୪୯ | ଅଙ୍ଗାରପଦ ଥାନା ଜମୀପୁର ପୋଷ୍ଟ ଖଇରୀ ଯଶିପୁର ଜିଲ୍ଲା ମୌୟୁରଭଞ୍ଜ | ୦.୦୮୦ | | ୦.୦୪୦ | |
| | | ୧୫୧/୩୭୩୮ | | ୦.୧୬୦ | | ୦.୧୪୦ | |
| ୨୫ | ୪୨୭/୧୫୩ | ୧୪୦ | ବିପ୍ର ପ୍ରଧାନ ପି:କୋରା ପ୍ରଧାନ ଜା: କୁରୁମ ବା: ସୁନ୍ଦରପୁର | ୦.୦୫୫ | ପଦର | ୦.୦୫୫ | |
| | | ୧୪୧ | | ୦.୦୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୦ | |
| ୨୬ | ୪୨୭/୧୫୮ | ୩୮୫ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ବାଙ୍ଗରଡା | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୫ | |
| ୨୭ | ୪୨୭/୧୬୦ | ୧୫୬ | ଇଷ୍ଟେର୍ଣ୍ଣ ହେଚେରି ପ୍ରାଇଭେଟ ଲିମିଟେଡ ତରଫେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର ପି: ହରେକୃଷ୍ଣ ମିଶ୍ର ଜା: ବ୍ରାହ୍ମଣ ବା:ଲୁଇସ ରୋଡ ଭୁବନେଶ୍ୱର, ଖୋର୍ଦ୍ଧା | ୦.୧୨୦ | ପଦର | ୦.୧୦୫ | |
| | | ୨୩୯ | | ୦.୧୬୦ | | ୦.୧୧୫ | |
| | | ୨୪୮ | | ୦.୧୪୦ | | ୦.୦୨୫ | |
| | | ୨୪୯ | | ୦.୦୬୫ | | ୦.୦୬୫ | |
| | | ୧୫୧ | | ୦.୦୫୦ | | ୦.୦୨୦ | |
| | | ୨୫୧ | | ୦.୦୯୦ | | ୦.୦୩୦ | |
| | | ୨୪୦ | | ୦.୧୭୦ | | ୦.୧୧୦ | |
| | | ୧୩୪ | | ୦.୧୭୦ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୩୪୭ | | ୦.୦୫୫ | | ୦.୦୧୦ | |
| | | ୧୪୩ | | ୦.୧୪୦ | | ୦.୦୫୦ | |
| | | ୧୪୪ | | ୦.୧୦୦ | ପଦର | ୦.୧୦୦ | |
| | | ୧୪୫ | | ୦.୧୧୦ | | ୦.୦୫୫ | |
| ୨୮ | ୪୨୭/୧୮୪ | ୧୧୯ | ତୁମ୍ବୁଲୁ ଶ୍ରୀନିବାସ ପାତ୍ର ପି: ତୁମ୍ବୁଲୁ ବିଜୟ କୁମାର ପାତ୍ର ଜା: କୁମୁଟି ବା: ଭାଷ୍ଣଗିରୀ | ୦.୩୦୦ | ଘରବାରି | ୦.୦୩୦ | |
| ୨୯ | ୪୨୭/୨୪୧ | ୩୪୨ | ବିଜୟ କୁମାର ପାତ୍ର ପି: ଉଲ୍ଲା ପାତ୍ର ଜା: କୁରୁମ ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୩୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୧୦ | |
| ୩୦ | ୪୨୭/୨୪୨ | ୩୪୫ | ମହେଶ୍ୱର ସେଠି ପି: କୈବଲ୍ୟ ସେଠି ଜା: ଧୋବା ବା: ନିଜଗାଁ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| ୩୧ | ୪୨୭/୨୪୩ | ୩୪୩ | ରମେଶ ଗୌଡ଼ ପି: ଦଣ୍ଡାସୀ ଗୌଡ଼ ଜା: ଗଉଡ ବା: ନିଜଗାଁ | ୦.୧୮୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | |
| | | ୩୪୪ | | ୦.୧୦୦ | | ୦.୧୦୦ | |
| | | ୩୭୭ | | ୦.୦୪୦ | | ୦.୦୪୦ | |
| ୩୨ | ୪୨୭/୨୭୫ | ୧୬୨ | ଭଗବାନ ଡାକୁଆ ପି: ଅନନ୍ତ ଡାକୁଆ ଜା: ଭଣ୍ଡାରି ବା: ସିନ୍ଦୁରପୁର ତହସିଲ ସାନଖେମୁଣ୍ଡି | ୦.୨୧୦ | ପଦର | ୦.୧୪୫ | |

ମୋଟ ଏରିଆ ୬.୧୭୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0079

## ସ୍କୁଲ ପରିଚାଳନା କମିଟି ସଭାପତି ଚୟନ



ବାରିକପୁର,୨୧।୭ (ସମିସ): ଭଣ୍ଡାରିପୋଖରୀ ହାଇସ୍କୁଲର ପରିଚାଳନା କମିଟି ଗଠନ ସହିତ ସଭାପତି ଚୟନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଭାପତି ଭାବେ ପ୍ରୟାସ ସାହୁଙ୍କୁ ଚୟନ କରାଯାଇଛି। ସେହିଭଳି ଉପସଭାନେତ୍ରୀ ଭାବେ ଶୁଭସ୍ମିତା ଜେନା ମନୋନୀତ ହୋଇଥିଲେ। ଏଥିରେ ପରିଚାଳନା କମିଟି ସଭ୍ୟ/ସଭ୍ୟାଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେହିଭଳି ଜଳହରି ସାରସ୍ୱତ ଉଚ୍ଚ ବିଦ୍ୟାଳୟଠାରେ ପରିଚାଳନା କମିଟି ଗଠିତ ହୋଇଛି। ପ୍ରଧାନଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁନୀଲ କୁମାର ପରିଡ଼ା ସଭାପତି ଭାବେ ମନୋନୀତ ହୋଇଥିଲେ। ସେହିଭଳି ରୁବି ସାମଲଙ୍କୁ ଉପସଭାନେତ୍ରୀ ଭାବେ ମନୋନୀତ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହିତ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ତଥା ସାଇବର ସଚେତନତା ଶିବିର

ବାସୁଦେବପୁର,୨୧।୭ (ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ତଥା ସାଇବର ସଚେତନତା ଶିବିର ମନ୍ଦାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ମନ୍ଦାରି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ, ଭଦ୍ରକ ଡାକ ବିଭାଗର ବିଜିନେସ୍ ଏକ୍‌ଜିକ୍ୟୁଟିଭ୍, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନା ଇନ୍ସପେକ୍ଟର ଦୟାନିଧି ଦାସ, ବାସୁଦେବପୁର ଥାନାର ଏସ୍‌ଆଇ, ଭଦ୍ରକ ଲିଡ୍ ବ୍ୟାଙ୍କର ସିଏଫ୍‌ଏଲ୍ ଅଶ୍ୱିନୀ ନାୟକ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳନା କରିଥିଲେ ଏବଂ ପିଲାମାନଙ୍କୁ ସଞ୍ଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସାକ୍ଷର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧ୍ୟକ୍ଷ ଓ ବାସୁଦେବପୁର ଥାନାର ଏସ୍‌ଆଇ ପିଲାମାନଙ୍କୁ ସାଇବର ଅପରାଧୀମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ ଏବଂ ପିଲାମାନଙ୍କୁ ସୋସିଆଲ ମିଡିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇଥିଲେ। ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନାଗୁଡ଼ିକ ସମ୍ବନ୍ଧରେ ଜଣାଇଥିଲେ। ଏହି ସଭାରେ ମନ୍ଦାରୀ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ମୋଟ୍ ୨୦୦ ଜଣ ଛାତ୍ରଛାତ୍ରୀ, ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଡାକ ବିଭାଗ ଏଜେଣ୍ଟମାନେ ଯୋଗଦେଇଥିଲେ। "ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' ଏହି ଥିମ୍‌ରେ ସଭାଟି ଆୟୋଜିତ ହୋଇଥିଲା। ଏହି ସଭାଟିକୁ ସଫଳ କରିବାରେ ମହାବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗର କର୍ମକର୍ତ୍ତା ଓ ଡାକ ଏଜେଣ୍ଟମାନେ ସହାୟକ ହୋଇଛନ୍ତି।

## ଶ୍ରୀଅନନ୍ତ ବଳଦେବଜୀଉ ମହୋତ୍ସବ ଉଦ୍‌ଯାପିତ



ବାସୁଦେବପୁର,୨୧।୭ (ସମିସ): ଶିଳାବ୍ରହ୍ମ ସାଂସ୍କୃତିକ ପରିଷଦ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ପବିତ୍ର ଶ୍ରୀଗୁଣ୍ଡିଚା ଉତ୍ସବ ଅବସରରେ ୨ ଦିନ ଧରି ଚାଲିଥିବା ଶ୍ରୀଅନନ୍ତ ବଳଦେବଜୀଉ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଗୁଡ୍ ଗ୍ରାମର କୁଶକ୍ଷେତ୍ରରେ ବହୁ ଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋର ତହସିଲ୍‌ଦାର କୃଷ୍ଣମୋହନ ସିଂହ, ବରେଣ୍ୟ ଅତିଥି ଭାବେ ଶ୍ରୀଧର ପାତ୍ରୀ, ଶରତଚନ୍ଦ୍ର ପଣ୍ଡା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଇଡିର ପୂର୍ବତନ ଉପନିର୍ଦ୍ଦେଶକ ଶିବାଜୀଚରଣ ନାୟକ ଉଦ୍‌ଘାଟନୀ ଉତ୍ସବରେ ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ପଣ୍ଡା ଆୟୋଜିତ ସଭାର ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଦିନର ଉଦ୍‌ଯାପନୀ ସଭାରେ ଟ୍ରଷ୍ଟର ସଭାପତି ମୁକ୍ତିକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ କହିଥିଲେ ଆମର ମହାନ ସଂସ୍କୃତି ଓ ପରମ୍ପରା ଆମକୁ ଧର୍ମୀୟ ଭାବନା ଆଡ଼କୁ ଟାଣିନେଇଥାଏ। ଆମର ଭକ୍ତି ଓ ଭାବନା ସତ୍‌ପଥରେ ଆଗକୁ ଯିବାକୁ ରାସ୍ତା ଦେଖାଇଥାଏ। ସମ୍ମାନିତ ଅତିଥି ଭାବେ ସୋର ବ୍ଲକ୍‌ର ତହସିଲ୍‌ଦାର କୃଷ୍ଣମୋହନ ସିଂହ, ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ, ଥାନା ଆଇଆଇସି ନିରୋଜ ସାମଲ, ଶରତ ଚନ୍ଦ୍ର ପଣ୍ଡା, ବିଜୟ କୁମାର ବେହେରା, ଅନନ୍ତପୁର ଥାନା ଆଇଆଇସି ସରୋଜ ଦାସ, ଯୁବ ବ୍ୟବସାୟୀ ଭୂପେସ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ଦୁଃଶାସନ ରାଉତ ଯୋଗଦେଇଥିଲେ। ଅଜୟ ପଣ୍ଡା, ଚନ୍ଦ୍ରକାନ୍ତ ନାୟକ, ରମେଶ ସାହୁ ଓ ଶଶାଙ୍କ ପଣ୍ଡା ମଞ୍ଚାସୀନ ଥିଲେ। ଶିବାଜୀ ଚରଣ ନାୟକ ଆୟୋଜିତ ସଭା ପରିଚାଳନା କରିଥିଲେ। ଦେବାଶିଷ ବିଶ୍ୱାଳ ସହସଂଯୋଜକ ଭାବେ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ପଙ୍କଜ ଜାଲ୍ ଏବଂ ଭଜନ ଗ୍ରୁପ୍ ଭକ୍ତିର ସଙ୍ଗୀତ ପରିବେଷଣ କରିଥିଲେ।

### ରେବ ନଦୀ ସଂସ୍କାର ଯୋଜନା ବିଫଳ; ହଜାର ହଜାର ଚାଷୀ ଭୋଗୁଛନ୍ତି ଦୁର୍ଦ୍ଦଶା

# ୯ ଦିନ ହେଲା ପାଣିରେ ବୁଡ଼ି ରହିଛି ଚାଷ ଜମି

ଅସୁରାଳି,୨୧।୭ (ସମିସ)



ଧାମନଗର ବ୍ଲକ୍ ମଧ୍ୟ ଦେଇ ପ୍ରବାହିତ ହୋଇଥିବା ରେବ ନଦୀ ସଂସ୍କାର ପାଇଁ ୧୧କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ଧାମନଗର ବ୍ଲକ୍‌ର ଚାଷୀ ସୁଫଳ ପାଇଲେ ନାହିଁ। ଏହି ନଦୀଟି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ନନ୍ଦିପଦା ଅଞ୍ଚଳରୁ ଧାନ ବିଲରେ ନାଳ ହୋଇ ବାହାରିଥିବା ରେବ ନଦୀ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଧାମନଗର ଓ ତିହିଡ଼ି ବ୍ଲକ୍‌ର ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦପାନାୟକାଣୀଠାରେ ମିଶିଛି। ଏହି ନଦୀଟିର ଲମ୍ବ ୬୦ କିମି ଓ ନଦୀ ଉପରେ ଭଦ୍ରକର ୫ଟି ବ୍ଲକ୍‌ର ୯୦୦ ଗ୍ରାମର ଲୋକ ନିର୍ଭର କରନ୍ତି। ଧାମନଗର ବ୍ଲକ୍‌ରେ ୧୫ରୁ ଅଧିକ ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ୨ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ, ମୁଗ, ବିରି ସମେତ ରବି ଋତୁରେ ପନିପରିବା ଚାଷ କରିଥାଆନ୍ତି। ଗତ କିଛିଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଇଛି। ଫଳରେ ଗତ ୯ ଦିନ ହେଲା ଚାଷ ଜମିଗୁଡ଼ିକ ଜଳରେ ବୁଡ଼ି ରହିଛି।

୧୩ ବର୍ଷ ପୂର୍ବେ ନଦୀ ସଂସ୍କାର ଯୋଜନାରେ ୧୧ କୋଟି ଟଙ୍କା ବ୍ୟୟରେ ନଦୀ ଖନନ କରାଯାଇଥିଲା। ମାତ୍ର ଠିକାଦାର ଦରଖଣ୍ଡିଆ କରି କାମ ଛାଡ଼ି ପଳେଇଯିବାରୁ ବହୁ ପଞ୍ଚାୟତର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଶେଷକରି ଦହିପୁର ପଞ୍ଚାୟତର ତାଳସିଠା, ନାରାୟଣପୁର, କୁସୁମାପାଟଣା, ସୋରିଷଡିହ, ଚୁଡ଼ାକୁଟି ପଞ୍ଚାୟତର ତାମ୍ପଳା, ପଳସା, ମାଙ୍କିଡ଼ିଆ, ଗୋବିନ୍ଦପୁର, କଲ୍ୟାଣୀ, ନଟିକଣ, ଗଡ଼ିଆଳି ପଞ୍ଚାୟତର କାକୁଡ଼ିଗଡ଼ିଆ, ଉଚ୍ଚପଦା, ଖାରଜି, ଝରିଡ଼ିଆ, ସୁବାନପୁର, ଅସୁରାଳି ପଞ୍ଚାୟତର ମହାଦେବ ସାହି, ମଳିକ ସାହି, ନାଥସାହି, କୋଠାର ପଞ୍ଚାୟତର ଡିଲୁଅ, ଶାସନ, କାକୁଡ଼ିଆସାହି, ଫତେପୁର ପଞ୍ଚାୟତର ଲେଞ୍ଜରା, ଫତେପୁର, ଦିନାଜପୁର, ଭରତୀ ସାହି, ଶ୍ରୀରାମପୁର, କେଳାଙ୍ଗ, ବାଙ୍କସାହି, କାଶୀନ୍ଦପୁର ପଞ୍ଚାୟତର ପଚ୍ଛାଲୋ, ସାମିଲଖଡ଼ି ମାହାରା ପ୍ରମୁଖ ଅଞ୍ଚଳର ହଜାର ହଜାର ଚାଷୀ ନଦୀ ସଂସ୍କାରରେ ତ୍ରୁଟି ଯୋଗୁଁ ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷ ଜମିରେ ଆଣ୍ଠୁଏ ପାଣି ଜମିରହିଛି। କାହାର ଧାନ ତଳି ବୁଡ଼ିଯାଇଛି ତ ଆଉ କାହାର ପରିବା ଚାଷ ନଷ୍ଟ ହୋଇଯାଇଛି। ବିଲରେ ଭାଙ୍ଗୁଛି ରେବ ନଦୀ ପାଣିର ଲହଡ଼ି। ଚାଷୀ ସନ୍ତୋଷ କବି, ଅମୂଲ୍ୟ କବି, ବାଇଧର କବି, ପପୁନି ମିଶ୍ର, ଶ୍ୟାମସୁନ୍ଦର ପାଢ଼ୀ, ଧୀରେନ୍ ନାୟକ, ଜ୍ୟୋତିରାଜ ନାୟକ, ଶ୍ୟାମସୁନ୍ଦର ସେଠୀ, ଭାଗିରଥି ଦାସ ପ୍ରମୁଖ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ଏ ବିଷୟରେ ଡ୍ରେନେଜ୍ ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇପାରି ନ ଥିଲା।

### ଲିଙ୍ଗାଡ଼ି ଗାଁର ଶହଶହ ଏକର ଚାଷ ଜମି ବୁଡ଼ି ରହିଛି

## କୃତ୍ରିମ ବନ୍ୟା ଯୋଗୁଁ ଚାଷ କାମ ଠପ୍

ତିହିଡ଼ି,୨୧।୭ (ସମିସ) : ଚାଷୀ ହେଉଛନ୍ତି ଅନ୍ନଦାତା। ଯିଏ ସାରା ଜଗତକୁ ଆହାର ଦିଏ, ଆଜି କିନ୍ତୁ ସେମାନେ ନିଜ ଜମିକୁ ଚାହିଁ ଆଖିରୁ ଲୁହ ଗଡ଼ାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ତିହିଡ଼ି ବ୍ଲକ୍ ଲିଙ୍ଗାଡ଼ି ଗାଁରେ। ପ୍ରଶାସନିକ ଅବହେଳା ଓ କୃତ୍ରିମ ବନ୍ୟାର କରାଳ ରୂପ ଯୋଗୁଁ ଗାଁର ଶହଶହ ଏକର ଜମିରେ ପାଣି ବୁଡ଼ି ରହିଛି। ଫଳରେ ଚାଷ କାମ ଠପ୍ ହୋଇଛି।



ସୂଚନାଯୋଗ୍ୟ, ପ୍ରଶାସନିକ ଉଦାସିନତା ଯୋଗୁଁ ଧଳି କେନାଲ, ଗୋପାଳିଆ କେନାଲ, ବୋରୁଅ ସଫେଇ ଦୀର୍ଘ ଦିନ ହେଲା କରାଯାଇନାହିଁ। କେନାଲଗୁଡ଼ିକ ପୋତି ହୋଇଯିବା ସହ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଯାହାଫଳରେ ପାଣି ନିଷ୍କାସନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ତା'ଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ହେଉଛି, ଏହି ପ୍ରାଣକେନ୍ଦ୍ର ସଦୃଶ କେନାଲଗୁଡ଼ିକ ଗୁଡୁପାଳ ମୌଜା ଦେଇ ଅତିକ୍ରମ କଲା ବେଳକୁ ଅତିଶୟ ଅଣଓସାରିଆ ହୋଇଯାଇଛି। କେନାଲର ପ୍ରଶସ୍ତୀକରଣ କରାଯାଉ ନ ଥିବାରୁ ବର୍ଷା ଦିନେ ଅତିରିକ୍ତ ଜଳ ନିଷ୍କାସିତ ନ ହୋଇ ଓଲଟା ଚାଷ ଜମିକୁ ମାଡ଼ି ଆସୁଛି। ଏହା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ କୃତ୍ରିମ ବନ୍ୟା। ଏହି କାରଣରୁ ମାସ ମାସ ଧରି ଚାଷ ଜମି ବୁଡ଼ି ରହି ଚାଷ କାମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଚାଷୀ ଭାଇମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଯେଉଁ ପଞ୍ଚାୟତର ଚାଷୀ କାନ୍ଦେ, ସେଠାରେ ବିକାଶର ନାରା କେବଳ ଏକ ପ୍ରହସନ। ଚାଷୀ ହକ୍ ପାଇଁ ପ୍ରଶାସନ ଯଦି ଦାବିପୂରଣ ନ କରେ, ତାହେଲେ ନିଶ୍ଚିତ ରୂପରେ ଆଗାମୀ ଦିନରେ ଚାଷୀଙ୍କୁ ଜନଆନ୍ଦୋଳନ ରୂପରେ ଦେଖିବାକୁ ପାଇବେ ବୋଲି ଚରମ ବାଣୀ ଶୁଣେଇଛନ୍ତି ଯୁବନେତା ଦେବୀପ୍ରସାଦ ପାଟଙ୍କ ସମେତ ଗଙ୍ଗାଧର ରାଉତ, ଆନନ୍ଦ ମହଲା, ପ୍ରକାଶ ରାଉତ, ପୀତାମ୍ବର ରାଉତ, ରତିକାନ୍ତ ସାହୁ, ବିରେଶ ରାଉତ, ଖଗେଶ୍ୱର ବାରିକ ଓ ଜନ୍ମେଞ୍ଜୟ ସାହୁ ପ୍ରମୁଖ ଶତାଧିକ ଚାଷୀ।

## ଭଙ୍ଗା କାଡ଼ା ନାଳକୁ ନେଇ ଚାଷୀ ଅସନ୍ତୋଷ

ବାରିକପୁର,୨୧।୭ (ସମିସ): ଭଦ୍ରକ କାଡ଼ା ନାଳ ବିଭାଗ ଚାଷୀମାନଙ୍କ ଉପକାରରେ ଆସିବା ପରିବର୍ତ୍ତେ ବେଶୀ ଅପକାର କରୁଛି। ଜଳସେଚନ ସୁବିଧା ପାଇଁ କାଡ଼ା ନାଳ ଉଦ୍ଦିଷ୍ଟ ଥିବାବେଳେ ସେଗୁଡ଼ିକ ଭାଙ୍ଗିରୁଜି ଯାଉଥିଲେ ସୁଦ୍ଧା ବିଭାଗ ଏହା ଉପରେ ଆଦୌ ଦୃଷ୍ଟି ଦେଉନାହିଁ। ଏପରିକି କିଛି ପକ୍କା ନାଳକୁ ଭାଙ୍ଗି ଦେବା ପରେ ଏହାକୁ ନିର୍ମାଣ କରୁ ନ ଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଚାଷୀ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।



ସୂଚନାଯୋଗ୍ୟ, ଭଣ୍ଡାରିପୋଖରୀ ବ୍ଲକ୍ ରାଢୋ ଗାଁ ସଂଲଗ୍ନ ଚାଷ ଜମିକୁ ନିର୍ମିତ ହେଇଥିଲା ୩ଟି କାଡ଼ା ନାଳ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଗତ ଏପ୍ରିଲ, ମେ' ମାସରେ ସେଗୁଡ଼ିକ ଭଙ୍ଗାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ନବୀକରଣ କରାଯାଇନାହିଁ। ଏବେ ଚାଷ ସମୟ ଉପନୀତ ହୋଇଥିବାବେଳେ କରନାଳ ବିନା ଚାଷୀମାନେ ପାଣି ଟୋପାଏ ପାଇଁ ଦହଗଞ୍ଜ ହେଉଛନ୍ତି। କେବେ ଭଗ୍ନ ନାଳ ନିର୍ମାଣ ହେବ ତାହା ଏଯାଏଁ ଜଣାପଡ଼ିନାହିଁ। ବିଭାଗର ଜଣେ ଯନ୍ତ୍ରୀ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଅନ୍ୟ ଯନ୍ତ୍ରୀମାନେ ମଧ୍ୟ ବଦଳି ହୋଇ ଯାଇଛନ୍ତି। ତେଣୁ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ଯନ୍ତ୍ରୀମାନେ ଏ ବିଷୟରେ କିଛି କହିପାରୁ ନାହାନ୍ତି। ଏପରିସ୍ଥଳେ ଚାଷୀମାନେ କେବଳ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ଚାଷୀମାନେ ବିଭାଗୀୟ ଅପାରଗତାକୁ ଦାୟୀ କରିଛନ୍ତି।

## ବେତାଳିଗାଁ ସ୍ଲୁଇସ୍ ଗେଟ୍ ନିକଟରେ ମୃତ୍ୟୁର ଫାନ୍ଦ ପାଲଟିଛି ରାସ୍ତା

### ପ୍ରଶାସନର ନଜର ନାହିଁ



ବେତାଳିଗାଁ,୨୧।୭ (ସମିସ): ବୈତରଣୀ ନଦୀର ବାମ ପାର୍ଶ୍ୱ ବନ୍ଧରେ ଗାନ୍ଧୀଘାଟ ଇରିଗେସନ ବିଭାଗ ଅଧୀନ ବେତାଳିଗାଁ ସ୍ଲୁଇସ୍ ଗେଟ୍ ନିକଟରୁ ବେତାଳିଗାଁ ହାଟକୁ ସଂଯୋଗ କରୁଥିବା ଗେଙ୍ଗୁଟି ମହାରା ପାର୍ଶ୍ୱ ବନ୍ଧ ରାସ୍ତା ଗତ ଦୁଇ ବର୍ଷରୁ ଅଧିକ ସମୟ ଧରି ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଗେଟ୍ ନିକଟରେ ରାସ୍ତାର ପ୍ରାୟ ୮୦ ପ୍ରତିଶତ ଓସାର ଭୁଶୁଡ଼ି ଗେଙ୍ଗୁଟି ନାଳ ମଧ୍ୟକୁ ଚାଲିଯାଇଥିବାରୁ ପ୍ରତିଦିନ ଶହଶହ ଲୋକ ଜୀବନକୁ ବିପଦରେ ପକାଇ ଯାତାୟାତ କରୁଛନ୍ତି। ଏହି ରାସ୍ତା କେବଳ ବେତାଳିଗାଁ ଅଞ୍ଚଳର ନୁହେଁ, ବରଂ ବୈତରଣୀ ନଦୀର ସେପାରି ଯାଜପୁର ଜିଲ୍ଲାର ୩ଟି ପଞ୍ଚାୟତର ହଜାର ହଜାର ଲୋକଙ୍କ ପାଇଁ ଦୈନନ୍ଦିନ ଜୀବନର ପ୍ରମୁଖ ସଂଯୋଗ ପଥ। ସେମାନେ ବେତାଳିଗାଁ ହାଟ ଉପରେ ନିଜର ଦୈନନ୍ଦିନ ବଜାର, ବ୍ୟବସାୟ ଓ ଆବଶ୍ୟକ କାର୍ଯ୍ୟ ପାଇଁ ନିର୍ଭରଶୀଳ। ସେହିପରି ଆଖଣ୍ଡଳମଣି +୨ କଲେଜ, ବାବାମଣି +୩ କଲେଜ ଏବଂ ଆଇଜିଏମ୍ କଲେଜରେ ଅଧ୍ୟୟନରତ ଶହଶହ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଛନ୍ତି। ସେହିପରି ଜିଲ୍ଲାର ଧାମନଗର ଓ ତିହିଡ଼ି ବ୍ଲକ୍‌ର ପ୍ରାୟ ୮ଟି ପଞ୍ଚାୟତର ଲୋକମାନେ ମଧ୍ୟ ଯାଜପୁର ଜିଲ୍ଲାକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୨ ବର୍ଷ ଧରି ବାରମ୍ବାର ଇରିଗେସନ ବିଭାଗକୁ ଜଣାଇବା ସତ୍ତ୍ୱେ ରାସ୍ତାର କୌଣସି ମରାମତି ହୋଇନାହିଁ। ଫଳରେ ପ୍ରତ୍ୟେକ ବର୍ଷାରେ ରାସ୍ତାର ଅବସ୍ଥା ଆହୁରି ଖରାପ ହେଉଥିବା ସହ ଯେକୌଣସି ସମୟରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ସାମ୍ବାଦିକଙ୍କ ପକ୍ଷରୁ ଗାନ୍ଧୀଘାଟ ଇରିଗେସନ ବିଭାଗର ଅଧିକାରୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ରାସ୍ତା ମରାମତି କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାକୁ ଯାଇଥିଲେ ମଧ୍ୟ କିଛି ବୈଷୟିକ ଅସୁବିଧା କାରଣରୁ ଟେଣ୍ଡର ଚୂଡ଼ାନ୍ତ ହୋଇପାରିନାହିଁ। ନଭେମ୍ବର ମାସ ସୁଦ୍ଧା ସ୍ଥାୟୀ କାମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଏସ୍‌ଡିଓଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ। ତେବେ ପ୍ରଶ୍ନ ଉଠୁଛି, ଦୁଇ ବର୍ଷ ଧରି ଏତେ ଗୁରୁତ୍ୱପୂର୍ଣ୍ଣ ଜନପଥ ବିପଦସଙ୍କୁଳ ଅବସ୍ଥାରେ ଥିବା ସତ୍ତ୍ୱେ ପ୍ରଶାସନ କାହିଁକି ତୁରନ୍ତ ପଦକ୍ଷେପ ନେଇପାରିଲା ନାହିଁ। କୌଣସି ଅଘଟଣ ଘଟିବା ପରେ ପ୍ରଶାସନ ସଜାଗ ହେବ, ନା ତା' ପୂର୍ବରୁ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ତତ୍ପରତାର ସହ କାର୍ଯ୍ୟ କରିବ। ସ୍ଥାନୀୟ ଜନସାଧାରଣଙ୍କ ଦାବି, ବର୍ଷା ଋତୁକୁ ଦୃଷ୍ଟିରେ ରଖି ପ୍ରଥମେ ଯୁଦ୍ଧକାଳୀନ ଭିତିରେ ଅସ୍ଥାୟୀ ମରାମତି କରାଯାଉ ଏବଂ ପରବର୍ତ୍ତୀ ସମୟରେ ଶୀଘ୍ର ସ୍ଥାୟୀ ଭାବେ ରାସ୍ତାର ପୁନଃନିର୍ମାଣ କରାଯାଇ ହଜାର ହଜାର ଲୋକଙ୍କ ଯାତାୟାତକୁ ସୁରକ୍ଷିତ କରାଯାଉ।

## ବିବିସିସି ବ୍ୟାଙ୍କର ଲିଙ୍କ୍ ଫେଲ୍; ୨ ଦିନ ହେଲା ଗ୍ରାହକ ହନ୍ତସନ୍ତ

ଭଦ୍ରକ/ବାରିକପୁର,୨୧।୭ (ସମିସ): ସମଗ୍ର ଓଡ଼ିଶାରେ ଥିବା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକରେ ଗତ ୨ଦିନ ହେବ ଲିଙ୍କ୍ ଫେଲ୍ ଯୋଗୁଁ ଗ୍ରାହକ ସେବା ଅଚଳ ହୋଇପଡ଼ିଛି। ବିଶେଷକରି ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ବିବିସିସି ବ୍ୟାଙ୍କ (ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ) ଓ ସେମାନଙ୍କ ସମସ୍ତ ଶାଖା କାର୍ଯ୍ୟାଳୟ ସମେତ ସମବାୟ ସମିତିଗୁଡ଼ିକରେ ୨ ଦିନ ଧରି ଲିଙ୍କ୍ ଫେଲ୍ ହୋଇଥିଲା। ଫଳରେ ହଜାର ହଜାର ଜନସାଧାରଣ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ସମୟରେ କୃଷି ଋଣ ଲଗାଣ, ଫସଲ ବୀମା, ଡିବିଟି ଟ୍ରାନ୍ସଫର୍, ପଞ୍ଜୀକରଣ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ ଚାଲିଥିବାବେଳେ ଲିଙ୍କ୍ ଫେଲ୍ ଯୋଗୁଁ ଲୋକେ ସେବାରୁ ବଞ୍ଚିତ ହୋଇଛନ୍ତି। ଏହାଛଡ଼ା ସଞ୍ଚୟକାରି ମଧ୍ୟ ଟଙ୍କା ଉଠାଇପାରି ନାହାନ୍ତି। ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ବ୍ୟାଙ୍କ ଗ୍ରାହକ ଓ ଜନସାଧାରଣ। ଭଦ୍ରକ ଜିଲ୍ଲାରେ ବ୍ୟାଙ୍କର ମୁଖ୍ୟ ଶାଖା ସହ ମୋଟ୍ ୧୦ଟି ଶାଖା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ୟାଙ୍କ ଗତ ୨ ଦିନ ଧରି ଏକ ପ୍ରକାର ଅଚଳ ହୋଇଥିବା ଜଣାଯାଇଛି। ସୁଦୂର ହାଇଦରାବାଦରୁ ଏହି ତ୍ରୁଟି ହୋଇଥିବାବେଳେ ଅନ୍‌ଲାଇନ୍ ସାଇଟ୍ ପରିବର୍ତ୍ତନ ପାଇଁ ଏଭଳି ହୋଇଥିବା କୁହାଯାଇଛି। ପୂର୍ବ କିଛି ସୂଚନା ନ ଦେଇ ଏଭଳି ୨ଦିନ ଧରି ଲିଙ୍କ୍ ଫେଲ୍ ହୋଇଥିବାରୁ ଗ୍ରାହକମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ୫୧ତମ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ଚଳିତ ବର୍ଷ ୧୨୪ ଦୁର୍ଘଟଣାରେ ୬୧ଟି ଜୀବନ ଯାଇଛି

ଭଦ୍ରକ,୨୧।୭ (ସମିସ)

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ୫୧ତମ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ପୂର୍ବ ବର୍ଷ ଓ ଚଳିତ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ପୂର୍ବ ବର୍ଷ ଅପେକ୍ଷା ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମ୍ ହୋଇଥିବା ସେ ପ୍ରକାଶ କରିଥିଲେ। ୧୭୨ଟି ଦୁର୍ଘଟଣାରେ ୮୯ଜଣ ଗତ ବର୍ଷ ପ୍ରାଣ ହରାଇଥିବା ବେଳେ ଚଳିତ ବର୍ଷ ୧୨୪ ଦୁର୍ଘଟଣାରେ ୬୧ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ ଆଞ୍ଚଳିକ ପରିବହନ ଅଧିକାରୀ।




ସୂଚନାନୁଯାୟୀ, ୨୦୨୬ ଜୁନ୍ ମାସ ପର୍ଯ୍ୟନ୍ତ ୪୫୧୪ ଚାଲାଣ କଟାଯାଇଥିବା ବେଳେ ୨୩୦ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ଏବଂ ଜରିମାନା ୬୧ ଲକ୍ଷ ୩୫ ହଜାର ୪୬୩ ଟଙ୍କା ଆଦାୟ ହୋଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରାୟ କହିଛନ୍ତି। ଏଥିସହିତ ରାନ୍ଦିଆ-ବରପଦା ରାସ୍ତାରେ ବେଆଇନ ପାର୍କିଂ, ୧୬ ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁର, ଭଣ୍ଡାରିପୋଖରୀଠାରେ ଜାତୀୟ ରାଜପଥ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବୈଠକରେ ତାଗିଦ୍ କରାଯାଇଛି। ଆରଡ଼ି ଛକଠାରୁ ମହତାବ ଛକ ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍‌ରେ ଜଳନିଷ୍କାସନ ଏବଂ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଛି। ଜାତୀୟ ରାଜପଥର ଆଖୁଆପଦାଠାରୁ ରାଣୀତାଲ ପର୍ଯ୍ୟନ୍ତ ୩୧୧ଟି ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବା ସଡ଼କ ସୁରକ୍ଷା ସମିତିର ସଦସ୍ୟ ରୋ. ଅତିସ୍ ବେହେରା ଅଭିଯୋଗ କରିବା ପରେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ତାଗିଦ୍ କରିଥିଲେ। ସେହିପରି ରାନ୍ଦିଆଠାରୁ ବରପଦା ପର୍ଯ୍ୟନ୍ତ ରାସ୍ତା ଉପରେ ଠିଆ ହୋଇ ରହୁଥିବା ମାଲ୍ ବୋଝେଇ ଟ୍ରକ୍ ଯୋଗୁଁ ସମସ୍ୟା ହେଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥରେ ଷ୍ଟ୍ରିଟ୍ ଲାଇଟ୍‌କୁ ଆଲୋକୀକରଣ କରିବା ଓ ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ କରୁଥିବା ଟ୍ରକ୍‌କୁ ହଟାଇବା ଓ ରାସ୍ତା ପାର୍ଶ୍ୱରେ ବାଲିଗଦାକୁ ଉଠେଇବାକୁ ପାଇଁ ପୁଲିସ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଚଢ଼ଉ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଏଏସ୍‌ପି ଅରୂପ ଅଭିଷେକ ବେହେରା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡ. ସଙ୍ଗୀତା ବଳ, ପୂର୍ତ୍ତ ବିଭାଗ ଏସ୍‌ଇ ଦେବୀପ୍ରସନ୍ନ ଘୋଷ, ଆରଡ଼ି ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗଣେଶ ହେମ୍ବ୍ରମ, ସଭ୍ୟ ସାମ୍ବାଦିକ ରବିନାରାୟଣ ଖିଲାର, ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତିଙ୍କ ସହ ଏମ୍‌ଭିଆଇ ସେକ୍ ରହିମ୍‌ଙ୍କ ସମେତ ଜାତୀୟ ରାଜପଥ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଓ ୩୧୧ଟି ଅଚଳ ଷ୍ଟ୍ରିଟ୍ ଲାଇଟ୍ ସଚଳ କରିବାକୁ ଗୁରୁତ୍ୱାରୋପ

## ପିତୃମାତୃହୀନ ଶିଶୁକୁ ମିଳିଲା ନୂଆ ପରିବାର

### ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଗୋଆର ଦମ୍ପତିଙ୍କୁ ହସ୍ତାନ୍ତର ହେଲା ଶିଶୁ

ଭଦ୍ରକ,୨୧।୭ (ସମିସ): ପିତୃମାତୃହୀନ ଶିଶୁମାନଙ୍କୁ ସ୍ନେହ, ସୁରକ୍ଷା ଓ ପାରିବାରିକ ପରିବେଶ ପ୍ରଦାନ କରିବା ଦିଗରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଉ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି। ୧୦ ବର୍ଷର ବାଳକ ସାଇ ବିଜୟନାଥ, ଯିଏ ଭଦ୍ରକ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ଙ୍କ ଆଦେଶକ୍ରମେ କାଞ୍ଚିଆପାଳ ସ୍ଥିତ ମହାପୁରୁଷ ଆଶ୍ରମରେ ପିତୃମାତୃହୀନ ଶିଶୁ ଭାବେ ରହୁଥିଲେ। ସେ ଏବେ ପୋଷ୍ୟସନ୍ତାନ ଭାବେ ଗୋଆର ଏକ ଯୋଗ୍ୟ ଦମ୍ପତିଙ୍କ ପରିବାରରେ ନୂତନ ଜୀବନର ଶୁଭାରମ୍ଭ କରିଛନ୍ତି। ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ତତ୍ପରତା ଏବଂ କେନ୍ଦ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ବଳ ପ୍ରାଧିକରଣ (ସିଏଆର୍‌ଏ)ର ନିୟମାବଳୀ ଅନୁଯାୟୀ, ଗୋଆର ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ଏମ୍.କେ. ବିଜୟନାଥ ଓ ଗୀତା ବିଜୟନାଥଙ୍କୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚନା କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାକ୍-ପୋଷ୍ୟସନ୍ତାନ ପ୍ରତିପାଳନ ଯତ୍ନ ବ୍ୟବସ୍ଥା ଅନୁଯାୟୀ, ଶିଶୁଟିକୁ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କ ସହ ସମୟ ବିତାଇବାର ସୁଯୋଗ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ଶିଶୁ ଓ ଦମ୍ପତିଙ୍କ ମଧ୍ୟରେ ସ୍ନେହପୂର୍ଣ୍ଣ ଓ ସକାରାତ୍ମକ ସମ୍ପର୍କ ଗଢ଼ିଉଠିବା ପରେ ସମସ୍ତ ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଣଆନୁଷ୍ଠାନିକ ଅଧିକାରିଣୀ ଶିଶୁ ଓ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡ. ଦିଲ୍ଲୀପ ରାଉତରାୟଙ୍କ ସମ୍ମୁଖରେ ଚୂଡ଼ାନ୍ତ ଶୁଣାଣି ପାଇଁ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ ଆଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କର ଓ ସୁବାସ ଚନ୍ଦ୍ର ଦେବତା, ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଏବଂ ସାମାଜିକ ଆଇନ ଅଧିକାରୀ



ସୁବ୍ରତ ଦାସଙ୍କ ଉପସ୍ଥିତିରେ ଶିଶୁଟିକୁ ଆନୁଷ୍ଠାନିକ ଭାବେ ପୋଷ୍ୟଗ୍ରାହୀ ଦମ୍ପତିଙ୍କ ହାତରେ ହସ୍ତାନ୍ତର କରାଯାଇଥିଲା। ଏହି ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା କେବଳ ଜଣେ ପିତୃମାତୃହୀନ ଶିଶୁଙ୍କୁ ଏକ ସ୍ନେହମୟ ପରିବାର ଓ ସୁରକ୍ଷିତ ଭବିଷ୍ୟତ ପ୍ରଦାନ କରିନାହିଁ, ବରଂ ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥ ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱବୋଧର ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।

**ମୟୂରଭଞ୍ଜରେ ବିପର୍ଯ୍ୟସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଏହାର ପରିଚାଳନା ପ୍ରସଙ୍ଗ**

# ସୁଧାର ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଭଞ୍ଜସେନାର ନିବେଦନ

ବାରିପଦା, ୨୧।୭ (ସମିସ)




ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅଙ୍ଗନବାଡି କେନ୍ଦ୍ରର ପରିଚାଳନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବାରୁ ସରକାରଙ୍କ ପ୍ରଣିତ ମହିଳା ଓ ଶିଶୁଙ୍କ ଯତ୍ନଠାରୁ ସ୍ୱାସ୍ଥ୍ୟ ଓ ପ୍ରାକ୍ ପ୍ରାଥମିକ ଶିକ୍ଷା ଯୋଜନାରେ ଗୁରୁତର ବିଭ୍ରାଟ ନେଇ ଖବର ପ୍ରକାଶ ପରେ ଭଞ୍ଜସେନା ଟ୍ୱିଟ କରି 'ଏକ୍ସ'ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ତତସହିତ ଏପରି ଅବ୍ୟବସ୍ଥା ନେଇ ସଙ୍ଗଠନ ପକ୍ଷରୁ ରିଲ୍ସ ପ୍ରତିଯୋଗିତାରେ ସରକାରଙ୍କ ନିଦ ଭାଙ୍ଗିବା ଓ ସମସ୍ୟା ସମାଧାନ ପାଇଁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ତୁରନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ଜିଲ୍ଲାର ୫୧୫୩ ଅଙ୍ଗନବାଡି କେନ୍ଦ୍ର ଜରିଆରେ ୧,୯୨,୨୭୬ ହିତାଧିକାରୀ ନିର୍ଭରଶୀଳ। ଏହି ବିରାଟ ସଂଖ୍ୟକ ହିତାଧିକାରୀଙ୍କ ମଧ୍ୟରୁ ବିଶେଷକରି ଆଦିବାସୀ ଅଞ୍ଚଳର ମହିଳା ଓ ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ସେବା ଓ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଅଙ୍ଗନବାଡି କେନ୍ଦ୍ର ଉପରେ ରହିଛି। କିନ୍ତୁ ସୁବିଧାର ଅଭାବ ଓ ଜନବଳର ଅଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ପ୍ରଭାବଶାଳୀ ହୋଇପାରୁନାହିଁ। କାରଣ ୫୧୩୫ ଅଙ୍ଗନବାଡି କେନ୍ଦ୍ରରୁ ୧୧୮୨ଟିର ନିଜସ୍ୱ ଗୃହ ନ ଥିବାରୁ ୩୧୩ଟି କେନ୍ଦ୍ର ଭଡ଼ା ଘରେ, ୧୯୪ଟି ବିଦ୍ୟାଳୟ ପରିସର ଓ ୬୭୫ଟି ଗୋଷ୍ଠୀ ସାଧନ ଗୃହରେ ଚାଲିଛି। ଏମାନଙ୍କ

## ସତ୍ୟତା ପଦାକୁ ଆଣିବା ପାଇଁ ହେବ ରିଲ୍ସ ପ୍ରତିଯୋଗିତା

ମଧ୍ୟରୁ ୧୫୯୬ଟି କେନ୍ଦ୍ରରେ ରୋଷେଇ ଘର ନାହିଁ। ୧୭୮୩ଟି କେନ୍ଦ୍ରରେ ପରିମଳ ବ୍ୟବସ୍ଥା ନାହିଁ। ୨୦୧୮ କେନ୍ଦ୍ରରେ ବିଦ୍ୟୁତ ସୁବିଧା ନାହିଁ। ତେବେ ଉପଲବ୍ଧ ପାନୀୟ ଜଳ ସୁବିଧା ସମସ୍ତ କେନ୍ଦ୍ରରେ ଥିବା କଥା କୁହାଯାଉଛି। ବାସ୍ତବରେ ଅନେକ ସ୍ଥାନରେ ଏହାର ମଧ୍ୟ ଅଭାବ ଦେଖାଯାଉଛି। ଏହି କେନ୍ଦ୍ର ପରିଚାଳନା ପାଇଁ ଜିଲ୍ଲା ମୁଖ୍ୟ ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବାରମ୍ବାର ବଦଳୁଥିବାରୁ ୨ ବର୍ଷରେ ପରିଚାଳନା ବିଭ୍ରାଟ ସର୍ବାଧିକ ହୋଇଛି। ବିଗତ ୩ ଅଧିକାରିଣୀ ଅବସର ଗ୍ରହଣ କିଛିଦିନ ପୂର୍ବରୁ ଯୋଗଦେଇ ସମସ୍ତେ ଅବସର ନେଇଥିବାବେଳେ ନୂତନ ଭାବେ ଏବେ ବଦଳି ହୋଇଆସୁଥିବା ଅଧିକାରିଣୀ ମଧ୍ୟ ୪ ମାସ ପରେ ଅବସର ନେବେ। ବୃହତ୍ତ ଜିଲ୍ଲାର ସ୍ଥିତି ପରଖିବା ବେଳକୁ ତାଙ୍କ କାର୍ଯ୍ୟକାଳ ଶେଷ ଅନ୍ତରାୟ ଆଣୁଛି। ସେହିପରି ଜିଲ୍ଲାର ୨୬ଟି ବ୍ଲକରୁ ୨ଟି ବ୍ଲକରେ ସିଡିପିଓ ପଦବୀ ଖାଲିପଡିଛି। ସେହିପରି ୧୯୨ଟି ସୁପରଭାଇଜର ପଦରୁ ୧୧୯ଟି, ୫୧୫୩ ଅଙ୍ଗନବାଡି କର୍ମୀ ପଦରୁ ୯୮ଟି ଓ ଅଙ୍ଗନବାଡି ସହାୟକା ପଦ ୧୪୨ଟି ମିଶି ମୋଟ ୩୬୧ଟି ପଦ ଖାଲିଥିଲେ ହେଁ ପୂରଣ କରାଯାଉନାହିଁ। ଫଳରେ କେନ୍ଦ୍ରଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ପ୍ରଭାବିତ ହେଉଛି ଓ ସେବା ପ୍ରଦାନର ମାନ ଖରାପ ହେଉଛି। ବିପର୍ଯ୍ୟସ୍ତ ହୋଇପଡିଥିବା ଅଙ୍ଗନବାଡିର ସତ୍ୟତାକୁ ପଦାକୁ ଆଣିବା ପାଇଁ ଆଗକୁ ଆକର୍ଷଣୀୟ ପୁରସ୍କାର ରାଶି ସହିତ ହେବ ରିଲ୍ସ ପ୍ରତିଯୋଗିତା ଓ ଯଥାଶୀଘ୍ର ଏପରି ଅବ୍ୟବସ୍ଥାରେ ସୁଧାର ନ ଆସିଲେ ସଂଗଠନ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।



କେନ୍ଦୁଝର: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'କେନ୍ଦୁଝର ଜିଲ୍ଲା ବାଲ୍ୟବିବାହ ନିରୋଧୀ କାର୍ଯ୍ୟଖସଡ଼ା ୨୦୨୬-୨୦୨୯'କୁ ଉନ୍ମୋଚନ କରାଯାଇଛି

## ଜାତୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜର ୭ ପ୍ରତିଯୋଗୀ

ବାରିପଦା, ୨୧।୭ (ସମିସ): ରାଜସ୍ଥାନଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟଯୋଗାସନ ସବ୍‌ଜୁନିୟର ଓ ଜୁନିୟର ପ୍ରତିଯୋଗିତାରେ ମୟୂରଭଞ୍ଜର ୫ ଜଣ ଓ ପାଟନାରେ ସିନିୟର ବିଭାଗରେ ୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି। ଚଳିତ ମାସରେ ଓଡ଼ିଶା ଯୋଗ ଆସୋସିଏସନ ଦ୍ୱାରା କଟକରେ ଅନୁଷ୍ଠିତ ୩୨ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୬୧ ଜଣ ବାଳକ ଓ ବାଳିକା, ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିବାବେଳେ ସବ୍‌ଜୁନିୟର ଓ ଜୁନିୟର ବିଭାଗରେ ବିଜୟଲକ୍ଷ୍ମୀ ଗିରି ୩ୟ, ନିହାର ରଞ୍ଜନ ସାହୁ ୨ୟ, ବିଷ୍ଣୁ ପ୍ରସାଦ ସାମଲ ୨ୟ, କ୍ରିଷ୍ଣା ନାୟକ ୧ମ ଓ ବିଶ୍ୱଜିତ ମହାନ୍ତି ୨ୟ ସ୍ଥାନ ଓ ସିନିୟର ବିଭାଗରେ ଶିବଶଙ୍କର ଦାସ ୧ମ ଓ ପ୍ରକାଶ ବେହେରା ୨ୟ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତତସହିତ ଶୁଭଶ୍ରୀ ନିକିତା ଜେନା ୫ମ, ଶୁଭ୍ରାଂଶୁ ପୃଷ୍ଟି ୬ଷ୍ଠ, ପ୍ରସାଦ ବାରିକ ୫ମ, ପ୍ରିୟଂଶୀ ପୃଷ୍ଟି ୬ଷ୍ଠ, ବିଷ୍ଣୁ ଶିବରାଜ ସୋରେନ ୪ର୍ଥ, ଯାଜ୍ଞଶିନୀ ସାହୁ ୬ଷ୍ଠ, ସଂଗୀତା ପାଢ଼ୀ ୪ର୍ଥ, ରୁପମ ମଣ୍ଡଳ ୫ମ, ନେହା ଅଗ୍ରୱାଲ ୫ମ, ଦେବାଶିଷ ବାରିକ ୫ମ ଓ ଆରତୀ ସିଂ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କ୍ରିଷ୍ଣା ନାୟକ 'ଯୋଗ କୁମାର' ଓ ଶିବଶଙ୍କର ଦାସ ଯୋଗଶ୍ରୀ ଉପାଧି ଲାଭ କରିଛନ୍ତି। ଜିଲ୍ଲା କ୍ରୀଡା ଅଧିକାରୀ ଡ ସୁଭାଶିଷ ନାୟକ କୃତୀ ପ୍ରତଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାତୀୟ ସ୍ତରରେ ସଫଳତା କାମନା କରିଛନ୍ତି।



## ଝାଡ଼ାବାନ୍ତିରେ ବୃଦ୍ଧଙ୍କ ମୃତ୍ୟୁ

କୁଆମରା,୨୧।୭ (ସମିସ): ଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ଗଡ଼ିଗାଁ ଗ୍ରାମର ଜଣେ ବୃଦ୍ଧଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ମୃତକ ସୁକୁଲ ସୋରେନ (୭୫)। ଦୁଇଦିନ ହେବ ସୁକୁଲଙ୍କୁ ଝାଡ଼ା ହେଉଥିବାବେଳେ ପରିବାର ଲୋକେ ସୋମବାର ଦିନ ଉଦଳା ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ଆଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ହୋଇଛି। ସୁକୁଲଙ୍କ ଝାଡ଼ାବାନ୍ତିରେ ହୋଇଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏଏସ୍‌ଆଇ ସବ୍ୟସାଚୀ ସାମଲ କହିଛନ୍ତି।

## ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗର ମୁଖ୍ୟ ଗିରଫ

ବୈଶିଙ୍ଗା, ୨୧।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ଗ୍ରାମରୁ କୁଖ୍ୟାତ ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗର ମୁଖ୍ୟକୁ ଭଦ୍ରକ ପୁଲିସ ଗିରଫ କରିଛି। ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନା ଅଧିକାରୀ ନିରୋଜ ସାମଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା। ଅଭିଯାନରେ ବୈଶିଙ୍ଗା ଥାନାର ସବ୍‌ଇନ୍ସପେକ୍ଟର ସରୋଜ ଜେନା ଓ ସ୍ଥାନୀୟ ପୁଲିସ କର୍ମଚାରୀ ସହଯୋଗ କରିଥିଲେ। ପୁଲିସ ଗୋବିନ୍ଦରାୟପୁର ଗ୍ରାମରେ ପହଞ୍ଚି ଆନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗ ସରଦାର ୟୁସୁଫ ଖାନର ପୁଅ ଅନସର ଖାନକୁ ଘରୁ ଉଠାଇ ନେଇଥିଲା। ବର୍ତ୍ତମାନ ତାକୁ ପଚରାଉଚରା କରାଯାଉଥିବାବେଳେ ବାସୁଦେବପୁର ଥାନା ଅଞ୍ଚଳରେ ଘଟିଥିବା ବଡ଼ଧରଣର ଚୋରି ଘଟଣାରେ ତାଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହରେ ପୁଲିସ ତଦନ୍ତ ଚଳାଇଛି।

## ଚୋରାମଦ ଜବତ, ୪ ଗିରଫ

ଉଦଳା,୨୧।୭ (ସମିସ): ଅବକାରୀ ବିଭାଗ ଅଧୀକ୍ଷକ ପ୍ରଶାନ୍ତ କୁମାର କନହରଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଥାନା ଅନ୍ତର୍ଗତ ଉର୍ମଳ, ଉତ୍ତରପାଳ, ତୁଳାଆପୋଷି ଗ୍ରାମରେ ଚଢ଼ଉ କରାଯାଉ ସୀତା ମାରାଣ୍ଡି, ରାଉଣ୍ଡେ ହାଁସଦା, ମଙ୍ଗଳ ମୁର୍ମୁ ଓ ବିଳାସିନୀ ମାରାଣ୍ଡିଙ୍କୁ ଗିରଫ କରଯାଇ ୬୯ ଲିଟର ମଦ ଜବତ ହୋଇଛି। ସେମାନଙ୍କୁ ଉଦଳା ଏସ୍‌ଡିଜେଏମ୍ କୋର୍ଟକୁ ପଠାଯାଇଥିଲା। ଚଢ଼ଉରେ ସୂର୍ଯ୍ୟକାନ୍ତ ମଲ୍ଲିକ, ଏସ୍.ରବିନ୍ଦ୍ର ରେଡ୍ଡୀ, ଦିବ୍ୟାଙ୍ଗସୁ ପଣ୍ଡା, ଦୀପଞ୍ଜଳି ଦାସ, ସୁମନ୍ତ ମହନ୍ତ ପ୍ରମୁଖ ସାମିଲ ଥିଲେ।

## ଆଡ଼ପ ମଣ୍ଡପରେ ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ନୃତ୍ୟ



ଉଦଳା,୨୧।୭ (ସମିସ): ଉଦଳା କଲେଜ ରୋଡସ୍ଥ ମାଉସୀମା ମନ୍ଦିରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଏ ଅବସରରେ ଗତକାଲି ସନ୍ଧ୍ୟାରେ ବୈଶିଙ୍ଗା ଅଞ୍ଚଳର ବିନରୀ ସଙ୍ଗୀତ ଏକାଡେମୀ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବାଦ୍ୟ, ଗୀତ ଓ ନୃତ୍ୟକୁ ଦର୍ଶକ ବେଶ ହୃଦବୋଧ କରିଥିଲେ। ରାଜ୍ୟ ସରକାର ତଥା ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ପ୍ରଥମ ଦିନ ଚକାଡୋଳା ଭଜନ ସମାରୋହ ଓ ଗତକାଲି ବିନରୀ ସଙ୍ଗୀତ ଏକାଡେମୀ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜି ଭଜନ ନୃତ୍ୟ ପ୍ରତିଯୋଗିତା ପରିବେଷଣ କରାଯିବା ସହିତ ଆସନ୍ତାକାଲି ସ୍ୱରାରବିନ୍ଦ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ଯେଉଁଥିରେ ଭୁବନେଶ୍ୱରର କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି ଓ ତାଙ୍କ ସାଥୀ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ୨୨ ଓ ୨୩ ତାରିଖ ଔପଦା ଅଞ୍ଚଳର ଗାୟିକା ଉଷାମଣୀ ଦାସ ପାଲା ପରିବେଷଣ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ରଞ୍ଜନ ଚାନ୍ଦ, ଉପସଭାପତି ସତ୍ୟାନନ୍ଦ ବେହେରା, ଗୁରୁଚରଣ ଦାସପଟ୍ଟନାୟକ, ଜିତେନ କୁମାର ଦତ୍ତ, ସୁରେନ୍ଦ୍ର ବାରିକ, ନଳିନୀ ପଟ୍ଟନାୟକ, ମନୋରଞ୍ଜନ ସେଠୀ, ଅଭିନ୍ନ ଚନ୍ଦ୍ର ମାଇତି, ଭଗବାନ ଆରୁଖ ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟଙ୍କ ବଦଳି

ଯୋଡ଼ା, ୨୧।୭ (ସମିସ): ଦୀର୍ଘ ପ୍ରାୟ ୧୩ ବର୍ଷ ଧରି ଯୋଡ଼ାରେ ଟାଟା ଷ୍ଟିଲର ମୁଖ୍ୟ ଭାବେ କାର୍ଯ୍ୟ କରିଆସିଥିବା ରାଜେଶ କୁମାରଙ୍କ ଜାମସେଦପୁର ବଦଳି ହୋଇଛି। ସେ ନିଜର ଦକ୍ଷ ପ୍ରଶାସନିକ କ୍ଷମତା, ସରଳ ବ୍ୟବହାର ଓ ଲୋକଙ୍କ ସହ ସୁସମ୍ପର୍କ ପାଇଁ ବେଶ୍ ପରିଚିତ ହୋଇପାରିଥିଲେ। ପ୍ରଥମେ ଟାଟାଷ୍ଟିଲର ଖଣ୍ଡବନ୍ଧ ଖଣିରେ ଏକ ବର୍ଷ, ନୀଳାଚଳ ଇସ୍ପାତରେ ଏକ ବର୍ଷ ରହିବା ପରେ ନିୟମିତ ଭାବେ ୧୧ ବର୍ଷ ଯୋଡ଼ାରେ ନିଜର କାର୍ଯ୍ୟଭାର ତୁଲାଇଥିଲେ। ଅନେକ ସ୍ଥାନୀୟ ଓଡ଼ିଆ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ମିଳିଥିବା କଥା ସ୍ଥାନୀୟ ଲୋକେ ଉଲ୍ଲେଖ କରୁଛନ୍ତି। ଏହାସହ ସାମାଜିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ଅନୁଷ୍ଠାନକୁ କମ୍ପାନୀ ପକ୍ଷରୁ ସହଯୋଗ ଯୋଗାଇବାରେ ସେ ସଦା ଆଗ୍ରହୀ ଥିଲେ। ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସାହାଯ୍ୟ କରିବାରେ ସେ କେବେ ମଧ୍ୟ କୁଣ୍ଠା ପ୍ରକାଶ କରି ନଥିଲେ। ତାଙ୍କ ବଦଳି ଖବର ପ୍ରକାଶ ପାଇବା ପରେ କମ୍ପାନୀ କର୍ମଚାରୀ, ସାମାଜିକ ସଂଗଠନ ଓ ବହୁ ସ୍ଥାନୀୟ ବାସିନ୍ଦା ଭାବବିହ୍ୱଳ ହେବା ସହ ଶୁଭେଚ୍ଛା ଜଣାଇଛନ୍ତି।



## ବସ୍‌କୁ ଧକ୍କା ଦେଲା ଟ୍ରକ୍, ବର୍ତ୍ତିଲେ ଯାତ୍ରା

ବିଶୋଇ,୨୧।୭ (ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥର ବିଶୋଇ ଫୁଟ ଓଭରବ୍ରିଜ ତଳେ ଆଜି ଏକ ଯାତ୍ରୀବାହୀ ବସକୁ ଏକ ଟ୍ରକ ଧକ୍କା ଦେଇଥିବାବେଳେ ସମସ୍ତ ବସ୍ ଯାତ୍ରୀ ସମେତ ଟ୍ରକ ଚାଳକ ଏଥିରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବାରିପଦାରୁ ବାଦାମପାହାଡ଼ ଯାଉଥିବା 'ଆନନ୍ଦ' ନାମକ ଏକ ଘରୋଇ ବସ୍ ୪୯ନଂ ଜାତୀୟ ରାଜପଥ ଓ ବିଶୋଇ ବଜାର ରାସ୍ତା ମିଳନ ସ୍ଥଳ ଫୁଟ ଓଭରବ୍ରିଜ ନିକଟରେ ରାସ୍ତା ପାର ହେବା ସମୟରେ ଯଶିପୁର ପଟୁ ଆସୁଥିବା ଏକ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ବସ୍‌ର ବାମ ପଟ ପଛରେ ଧକ୍କା ଦେଇଥିଲା। ବିଶୋଇ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକକୁ ଥାନାକୁ ଆଣିବା ସହିତ ଉଭୟ ଗାଡ଼ି ଚାଳକଙ୍କୁ ଥାନାରେ ପଚାରାଉଚରା ଜାରି ରଖିଛି। ଏହି ଘଟଣାକୁ ନେଇ ବସ୍ କର୍ମଚାରୀ ବିଶୋଇ ଥାନାରେ ଅଭିଯୋଗ ଦେବାପରେ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଛି।



## ଉଦଳା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ଉଦଳା, ୨୧।୭ (ସମିସ): ମଙ୍ଗଳବାର ଉଦଳା କଲେଜର ନୂତନ ଅଧ୍ୟକ୍ଷ ଭାବେ ବସନ୍ତ କୁମାର ପାତ୍ର ଯୋଗ ଦେଇଛନ୍ତି। ନୂତନ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଥମ ଦିନରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କ ସହିତ ପରିଚିତ ହୋଇଥିଲେ। ସେ ପୂର୍ବରୁ ମେଘାସନ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ପ୍ରଧାପକ ଭାବେ କାର୍ଯ୍ୟ କରୁଥିବାରୁ ଉଦଳା ମହାବିଦ୍ୟାଳୟ ସହିତ ଭଲ ଭାବେ ଜଡ଼ିତ ଥିବା ପ୍ରକାଶ କରିଛନ୍ତି। ତେବେ ମହାବିଦ୍ୟାଳୟରେ ଶାନ୍ତିଶୃଙ୍ଖଳା ସହିତ ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ଚେଷ୍ଟା କରିବା ସହିତ ଉଦଳା ମହାବିଦ୍ୟାଳୟର ମାନ ବଜାୟ ରଖିବେ ବୋଲି ପ୍ରକାଶ କରିଛନ୍ତି। ପୂର୍ବରୁ ଇଂରାଜୀ ବିଭାଗ ଅଧ୍ୟପିକା ରେହେନା ସୁଲତାନା ଅସ୍ଥାୟୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ। ସେ ଶ୍ରୀ ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।



## ସହାୟିକା ନିଯୁକ୍ତିରେ ଅନିୟମିତତା ଅଭିଯୋଗରେ ଅଙ୍ଗନବାଡ଼ିରେ ତାଲା

କୁଆମରା, ୨୧।୭ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର କୁସୁମିଆ ପାଟପୁର ଗ୍ରାମରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ସହାୟିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମର କିଛି ବାସିନ୍ଦା ଅଙ୍ଗନବାଡି କେନ୍ଦ୍ରରେ ଆଜି ତାଲା ପକାଇ ଦେବା ଯୋଗୁଁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଅଙ୍ଗନବାଡି କେନ୍ଦ୍ରର ସହାୟିକା ଭାବେ ସ୍ୱର୍ଗତ ଧରଣୀଧର ସିଂଙ୍କ ପତ୍ନୀ କବିତା ଦୁଇବର୍ଷ ହେବ ସହାୟିକା ଭାବେ କାର୍ଯ୍ୟରତ ଥିଲେ। ଅଚାନକ ପକ୍ଷାଘାତ ରୋଗରେ ପୀଡିତ ହେବାରୁ କବିତାଙ୍କ ଝିଅ କଲ୍ୟାଣୀ ସିଂ ସେହି କାର୍ଯ୍ୟକୁ ତୁଲାଇ ଆସୁଥିଲେ। ତେବେ କିଛିଦିନ ତଳେ କଲ୍ୟାଣୀଙ୍କୁ ବାହାର କରି ଦିଆଯାଇଥିଲା। ତାଙ୍କ ସ୍ଥାନରେ ବିଭାଗ ପକ୍ଷରୁ ସେହି ଗ୍ରାମର ତୁଳସୀ ପାତ୍ର ନାମକ ଜଣେ ଯୁବତୀଙ୍କୁ ସପ୍ତାହ ତଳେ ନିଯୁକ୍ତି ଦିଆଯିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ନିଯୁକ୍ତିରେ ଅନିୟମିତତା ଦର୍ଶାଇ ଗ୍ରାମର କିଛି ମହିଳା ଓ ପୁରୁଷ ଏକତ୍ରିତ ହୋଇ ଉଦଳା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦର୍ଶାଇବା ସହ କାର୍ଯ୍ୟରତ କଲ୍ୟାଣୀଙ୍କୁ ପୂର୍ଣ୍ଣ ନିଯୁକ୍ତି ଦେବାକୁ ଦାବି ଜଣାଇଥିଲେ। ଯଦି ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ ନ ନିଏ, ତେବେ ମଙ୍ଗଳବାରଠାରୁ ଅଙ୍ଗନବାଡି କେନ୍ଦ୍ରରେ ତାଲା ପଡିବ ବୋଲି ଚେତାବନୀ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ସୋମବାର ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ଆଜି ଗ୍ରାମବାସୀ ତାଲା ପକାଇଥିଲେ। ଆଜି ଦିନ ତମାମ ତାଲା ପଡ଼ିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଉପରିସ୍ଥ ପ୍ରଶାସନ କେହି ବି ଆସି ନ ଥିବା ଅଭିଯୋଗ ହେଉଛି।



## ବଡ଼ାମତଳିଆ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିପଦ ତାରିଣୀ ବ୍ରତ

ଖୁଣ୍ଟ,୨୧।୭ (ସମିସ): ଉତ୍କଳୀୟ ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ରହିଛି କେନ୍ଦୁଝରର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ସଂସ୍କୃତି। ପ୍ରଚଳିତ ପ୍ରାଚୀନ ପରମ୍ପରା ଅନୁସାରେ ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟରେ ପଡୁଥିବା ମଙ୍ଗଳବାର ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ପାଳିତ ହୋଇଥାଏ ସଙ୍କଟ ତାରିଣୀ ମା' ତାରିଣୀ ବ୍ରତ। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ଜଗନ୍ନାଥ ମନ୍ଦିରଠାରୁ ନବଦିନ ପାଇଁ ଶ୍ରୀଜଗନ୍ନାଥ ଭାଇ ଓ ଭଉଣୀଙ୍କ ସହ ବଡାମତଳିଆସ୍ଥ ମାଉସୀମା' ମନ୍ଦିରରେ ଅବସ୍ଥାନ କରିଥିବାବେଳେ ଶହ ଶହ ବ୍ରତଧାରୀ ମହିଳା ନିଜ ପରିବାର ତଥା ଆତ୍ମୀୟସ୍ୱଜନଙ୍କ ମଙ୍ଗଳ କାମନା କରି ନିଷ୍ଠାର ସହ ବିପଦ ତାରିଣୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ପୁରୋହିତ ପଦ୍ମଲୋଚନ ଦାଶଙ୍କ ପୌରୋହିତ୍ୟରେ ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି।



## ପୂର୍ବତନ ପାଟଣା ବିଧାୟକ କାହ୍ନୁଚରଣ ନାଏକ ଗୁରୁତର

ତୁରୁମୁଙ୍ଗା, ୨୧।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ ଜୁନ ୨୭ ତାରିଖରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ପରିବାର ସାନ ପୁଅ ତଥା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ କହିଛନ୍ତି। ୮୦ ବର୍ଷୀୟ କାହ୍ନୁଚରଣ ନାଏକ ବାର୍ଦ୍ଧକ୍ୟଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଦୀର୍ଘଦିନ ଧରି ପୀଡ଼ିତ ଥିଲେ। କାହ୍ନୁଚରଣ ନାଏକ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଜନତା ଦଳ ପକ୍ଷରୁ ପାଟଣା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ଜନପ୍ରତିନିଧିତ୍ୱ କରିଥିଲେ। ଜଣେ ସରଳ ଲୋକପ୍ରିୟ ନେତା ଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ସେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ପିତା ଅଟନ୍ତି। କାହ୍ନୁଚରଣ ନାଏକଙ୍କ ଶୀଘ୍ର ଆରୋଗ୍ୟ କାମନା କରି ବିଭିନ୍ନ ରାଜନୈତିକ ନେତା, ସମର୍ଥକ ଓ ଶୁଭେଚ୍ଛୁମାନେ ପ୍ରାର୍ଥନା କରିଛନ୍ତି।



# ବନ୍ଦ ରହିଛି କଚେରି କ୍ୟାଣ୍ଟିନ; ପାଲଟିଛି ଭୂତକୋଠି

ରାଇରଙ୍ଗପୁର,୨୧।୭ (ସମିସ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳର ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ରାଇରଙ୍ଗପୁରରେ ନୂତନ ଭାବେ ନିର୍ମାଣ ହୋଇଥିବା କଚେରୀ କ୍ୟାଣ୍ଟିନ ବ୍ୟବହାର ନ ହୋଇ ବନ୍ଦ ହୋଇ ପଡିରହିଛି। ଫଳରେ ନବନିର୍ମିତ କ୍ୟାଣ୍ଟିନ ଭୂତକୋଠି ପାଲଟିଛି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ଦାବି ହେଉଛି।

୨୦୨୬ ଜାନୁଆରୀରେ ସ୍ଥାନୀୟ ଲୋକଙ୍କୁ ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପରିବେଷଣ କରିବାକୁ କଚେରୀରେ କ୍ୟାଣ୍ଟିନ ବ୍ୟବସ୍ଥା କରାଯାଇଥିଲା। ଏବେ ଅବହେଳିତ ଓ ପରିତ୍ୟକ୍ତ ହୋଇ ପଡିରହିଛି। ସମନ୍ୱୟ ଅଭାବ ପାଇଁ ଆରମ୍ଭ ହୋଇପାରିଲାନାହିଁ। ଅନେକ ଦିନ ହେବ ବନ୍ଦ ହେବା ଫଳରେ ବର୍ତ୍ତମାନ ପରିସରରେ ଅନାବନା ଘାସ ଓ ଗଛ ଉଠି ନଷ୍ଟ ହେଲାଣି। ସରକାରୀ ଅର୍ଥରେ ନିର୍ମିତ ଉକ୍ତ କଚେରୀ କ୍ୟାଣ୍ଟିନ ଆଜି ତାହାର ପରିଚୟ ଖୋଜୁଛି। ଜିଲ୍ଲା ପ୍ରଶାସନ ଏହାକୁ ଆରମ୍ଭ କରିବାକୁ ମଧ୍ୟ କୌଣସି ପ୍ରୟାସ କରୁନାହାଁନ୍ତି। ରାଇରଙ୍ଗପୁର ବିକାଶ ପାଇଁ ଅନେକ ଯୋଜନା ହେଉଥିବାବେଳେ ତାହା ଦିଗହରା ହେଉଛି। ଯାହାକି ଲୋକଙ୍କୁ ସୁଫଳ ଦେବା ପରିବର୍ତ୍ତେ ପ୍ରକଳ୍ପର ବିଫଳତାକୁ ଦର୍ଶାଉଛି। ରାଇରଙ୍ଗପୁର ବିକାଶ ପାଇଁ ଅନେକ ଯୋଜନା ହେଉଥିବାବେଳେ ଏଭଳି କାର୍ଯ୍ୟକାରିତା ନେଇ ପ୍ରକଳ୍ପ ସନ୍ଦେହ ଘେରରେ ରହିଛି।



# ମଦ ଜବତ, ୩ ଗିରଫ

କୁଆଁମରା,୨୧।୭(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଓ ଉଦଳା ଅବକାରୀ ଥାନା ପକ୍ଷରୁ ପୃଥକ ସ୍ଥାନରେ ଚଢ଼ଉ କରାଯାଇ ଜଣେ ମହିଳା ସମେତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ୪୫ ଲିଟର ମଦ ଜବତ ହୋଇଛି। ବାସିପିଠା ଗ୍ରାମର ପାର୍ବତୀ ମୁର୍ମୁ, ରବିନ୍ଦ୍ର ସିଂ ଓ ନୂଆଗାଁ ଗ୍ରାମର କହ୍ନେଇଲାଲ ମୁର୍ମୁଙ୍କଠାରୁ ୧୫ ଲିଟର ଲେଖାଏଁ ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ସେହିପରି ନୂଆଗାଁ ଗ୍ରାମର ଏକ ନିଛାଟିଆ ସ୍ଥାନରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା କାରଖାନା ଉପରେ ଚଢ଼ଉ କରାଯାଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଫଳରେ ସେଠାରେ ଗଚ୍ଛିତ ଥିବା ୧୫୫୦ କେଜି ପୋଚ ଓ ୧୨୫ ଲିଟର ଦେଶୀ ମହୁଲି ମଦ ନଷ୍ଟ କରାଯିବା ସହ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, ରବିନ୍ଦ୍ର ରେଣ୍ଡୀ, ନିରଞ୍ଜନ ମହାନ୍ତ, କିଶୋର ଚନ୍ଦ୍ର ସୋରେନ, ସୁମନ୍ତ ମହାନ୍ତ, ଦିବ୍ୟାଂଶୁ ପଣ୍ଡା, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା

# ରାମ, ପର୍ଶୁରାମ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବାରିପଦା, ୨୧।୭(ସମିସ):



ମଙ୍ଗଳବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ଆଡ଼ପ ମଣ୍ଡପରେ ବିଜେ ଦିଅଁ ରାମ, ପର୍ଶୁରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂର୍ବ ଦିନମାନଙ୍କ ଭଳି ମଙ୍ଗଳବାର ସମସ୍ତ ନୀତି ପରେ ଦିଅଁଙ୍କ ବେଶ କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟା ବେଳକୁ ବେଶ ଦେଖିବାକୁ ପ୍ରବଳ ଗହଳି ଲାଗିଥିଲା। ରାମଙ୍କ ଅବତାର ଭଗବାନ ରାବଣକୁ ପରାସ୍ତ କରି ଲଙ୍କା ବିଜୟ ସହିତ ସୀତା ମା'ଙ୍କୁ ଉଦ୍ଧାର କରିଥିଲେ। ସେହିଭଳି ପର୍ଶୁରାମ ଭଗବାନଙ୍କ ଦ୍ୱିତୀୟ ଅବତାର କ୍ଷତ୍ରୀୟଙ୍କ ଦୋଷତ୍ରୁଟି ସୁଧାରିବା ପାଇଁ ସେ ଏହି ଅବତାରରେ ପୃଥିବୀକୁ ୨୧ଥର ନିକ୍ଷତ୍ରୀୟ କରିଥିଲେ। କୁହାଯାଏ ପର୍ଶୁରାମ ଓଡ଼ିଶାର ମହେନ୍ଦ୍ର ପର୍ବତରେ ଅବସ୍ଥାନ କରନ୍ତି। ଏହା ହିଁ ବେଶର ତାତ୍ପର୍ଯ୍ୟ। ବୁଧବାର ରାଜରାଜେଶ୍ୱର ବେଶରେ ତିନିଦିଅଁ ଦର୍ଶନ ଦେବେ।

## ସିଂହାସନ ଓ ଚାରମାଳର ଦକ୍ଷିଣ ମୋଡ଼

ଅପରପକ୍ଷରେ ତିନି ରଥର ଚାରମାଳ ଓ ସିଂହାସନ ଦକ୍ଷିଣ ମୋଡ କରାଯାଇଛି। ଏଠାରେ ରଥଗୁଡିକର ଦକ୍ଷିଣ ମୋଡ ନ ହୋଇ ଚାରମାଳ ଓ ସିଂହାସନ ଦକ୍ଷିଣ ମୋଡ କରାଯାଇଥାଏ । ବାହୁଡ଼ା ଯାତ୍ରାରେ ପ୍ରଥମେ ଜଗନ୍ନାଥ, ପରେ ଭଉଣୀ ସୁଭଦ୍ରା ଓ ଶେଷରେ ବଳଭଦ୍ର ଶ୍ରୀମନ୍ଦିର ବିଜେ କରିଥା'ନ୍ତି। ବଡଦାଣ୍ଡରେ ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ରଥଯାତ୍ରା ପରାମର୍ଶଦାତା କମିଟି ପକ୍ଷରୁ ଆନନ୍ଦ ବଜାରରେ ସହସ୍ରାଧିକ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି।

# ରାମମନ୍ଦିର ଟ୍ରଷ୍ଟରେ ଅର୍ଥ ଆତ୍ମସାତ ଘଟଣାକୁ ଜିଲ୍ଲା କଂଗ୍ରେସର ନିନ୍ଦା



ବାରିପଦା, ୨୧।୭(ସମିସ): ଅଯୋଧ୍ୟା ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟରେ କଥିତ ଅର୍ଥ ଓ ସ୍ୱର୍ଣ୍ଣ ଅଳଙ୍କାର ଆତ୍ମସାତ ଘଟଣାକୁ ଜିଲ୍ଲା କଂଗ୍ରେସ ନେତା ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବାରିପଦା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ବାରିପଦା ବାର୍ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, କଂଗ୍ରେସ ଆଦିବାସୀ ସେଲର ରାଜ୍ୟ ଉପାଧ୍ୟକ୍ଷ ଚୈତନ ହାଁସଦା, ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ପଟ୍ଟନାୟକ କହିଥିଲେ ଯେ, ରାମ ଜନ୍ମଭୂମି ଟ୍ରଷ୍ଟରେ ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ହଜାର ହଜାର କୋଟି ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାରର ଲୁଟ୍ ଏକ ଲଜ୍ଜାଜନକ ଘଟଣା। ଘଟଣାର ନିରପେକ୍ଷ ତଦନ୍ତ ସହିତ ଏହାର ଚେର ଆହୁରି ଉପର ପର୍ଯ୍ୟନ୍ତ ଯାଇଥିବା କହିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅଭିଯୋଗ କରି କହିଥିଲେ ଯେ, ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଦୁର୍ଭାଗ୍ୟଜନକ ଓ ଏହା ଭକ୍ତଙ୍କ ଆସ୍ଥା ଓ ଭାବାବେଗ ସହ ବିଶ୍ୱାସଘାତ ସଦୃଶ। ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ସାମ୍ନାକୁ ଆଣିବା ପାଇଁ ସ୍ୱଚ୍ଛ ତଦନ୍ତର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ କୁମାର ପଣ୍ଡା, ଅସିତ ଦାସ, ବନମାଳୀ ବାରିକ, ରଣା ସତ୍ୟକାମ ସେନାପତି, ପ୍ରଫୁଲ୍ଲ ଦାସ, ଚନ୍ଦନ କିସ୍କୁ, ରତନ ମହାନ୍ତ, ସୁନାରାମ ସୋରେନ, ଉତ୍ତମ ବେହେରା, ଶଶୀ ଯାଦବ, ଅଭିଷେକ ଯାଦବ, ନାରୀନେତ୍ରୀ ସବିତା ସୋରେନ, ସମର ଦାସ, ଜୀବନ ବାରିକ, ଅନୁସୂଚିତ ଜାତି ସେଲର ଜିଲ୍ଲା ସଭାପତି ସସ୍ମିତା ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ହରେକୃଷ୍ଣପୁରରେ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ ଦାବି

ରାସଗୋବିନ୍ଦପୁର,୨୧।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଓ ମୋରଡା ବ୍ଲକ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ହରେକୃଷ୍ଣପୁରଠାରେ ୧୩୨/୩୩ କେଭି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ସ୍ୱାଧୀନତା ପରଠାରୁ ଏହି ଅଞ୍ଚଳର ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ରାସଗୋବିନ୍ଦପୁର ଅଞ୍ଚଳରେ ଲୋ-ଭୋଲଟେଜ୍ ଓ ୩୩ କେଭି ବିଦ୍ୟୁତ ଯୋଗାଣରେ ବାରମ୍ବାର ବିଭ୍ରାଟ ଦେଖାଦେଉଛି। ଫଳରେ ଘରୋଇ ଉପଭୋକ୍ତାଙ୍କ ସହିତ ବ୍ୟବସାୟୀ ଓ ଚାଷୀ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗ୍ରୀଷ୍ମଋତୁରେ ଲୋ-ଭୋଲଟେଜ୍ ସମସ୍ୟା ଅଧିକ ଗୁରୁତର ହୋଇପଡୁଛି। ବାରିପଦାରୁ ବେତନଟୀ ଓ ବେତନଟୀରୁ ଜଙ୍ଗଲ ମଧ୍ୟ ଦେଇ ବରକନ୍ଦ ରାସ୍ତାରେ ରାସଗୋବିନ୍ଦପୁର ବିଦ୍ୟୁତ ଷ୍ଟ୍ରକଚରକୁ ୩୩ କେଭି ବିଦ୍ୟୁତ ଯୋଗାଣ ହୋଇଥାଏ। ଦୀର୍ଘ ଦୂରତା ଯୋଗୁଁ ଭୋଲଟେଜ୍ ହ୍ରାସ ଓ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ହରେକୃଷ୍ଣପୁରଠାରେ ୧୩୨/୩୩ କେଭି ବିଦ୍ୟୁତ ଗ୍ରୀଡ୍ ସ୍ଥାପନ କରାଗଲେ ରାସଗୋବିନ୍ଦପୁର ଓ ମୋରଡା ଅଞ୍ଚଳର ହଜାର ହଜାର ଉପଭୋକ୍ତା ଉପକୃତ ହେବେ ବୋଲି ଦାବି କରାଯାଇଛି। ଏ ନେଇ ବିଦ୍ୟୁତ ବିଭାଗ ଓ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

### ନବଗଠିତ ବେତନଟୀ ଏନଏସି

# ଅଧ୍ୟକ୍ଷ ପଦ ଏସ୍‌ଟି ମହିଳା ସଂରକ୍ଷଣକୁ ଭୋଟରଙ୍କ ବିରୋଧ

ବେତନଟୀ, ୨୧।୭(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ୨୯ଟି ଏନଏସି ଓ ୬ଟି ମ୍ୟୁନିସିପାଲିଟିର ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପାଇଁ ପ୍ରକାଶ ପାଇଛି। ଏଥିରେ ନବଗଠିତ ବେତନଟୀ ଏନଏସି ଅଧ୍ୟକ୍ଷ ପଦବୀ ଅନୁସୂଚୀତ ଜନଜାତି (ଏସଟି) ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହାକୁ ଭୋଟର ବିରୋଧ କରୁଛନ୍ତି। ବେତନଟୀ ବ୍ଲକର ୨୪ଟି ଓ ବଡ଼ସାହି ବ୍ଲକର ୨୧ଟି ଗ୍ରାମ ପଞ୍ଚାୟତକୁ ନେଇ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ କରାଯାଇଛି। ଏହା ଗତ ୨୦୦୯ରୁ ଅନୁସୂଚୀତ ଜାତି (ଏସସି) ପାଇଁ ସଂରକ୍ଷିତ ରଖାଯାଇଛି। ଯାହା ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାରେ ଥିବା ୯ଟି ବିଧାନସଭା ଆସନ ମଧ୍ୟରୁ ବଡ଼ସାହି ଏକମାତ୍ର ଆସନ ଅନୁସୂଚୀତ ଜାତି (ଏସସି) ପାଇଁ ଭୋଟର ଅଧିକ ଥିବା ହେତୁ ନିର୍ବାଚନ କମିଶନର ସଂରକ୍ଷିତ ରଖି ଆସିଛନ୍ତି। ସେହିପରି ନବଗଠିତ ବେତନଟୀ ସହର ଏନଏସି ମାନ୍ୟତା ପାଇବା ପରେ ବେତନଟୀ ଓ ସଠିଲ ଦୁଇଟି ଗ୍ରାପର ୱାର୍ଡ ପୁର୍ନଗଠନ କରାଯାଇ ଯେଉଁ ୧୭ଟି ୱାର୍ଡ ଗଠନ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି, ସେହି ୱାର୍ଡରେ ୬ଟି ଏସଟି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରଖାଯାଇଥିବାବେଳେ ଅନୁସୂଚୀତ ଜାତି (ଏସସି) ପାଇଁ ମାତ୍ର ଗୋଟିଏ ୧୩ନଂ ୱାର୍ଡ ସଂରକ୍ଷିତ ଥିବାବେଳେ ବାକି ୧୦ଟି ଯାକ ୱାର୍ଡ ଅଣସଂରକ୍ଷିତ ତାଲିକାରେ ରହିଛି। ମୋଟ ୧୭ଟି ୱାର୍ଡ ମଧ୍ୟରୁ ୬ଟି ଏସଟି ଓ ଗୋଟିଏ ଏସସି ପାଇଁ ସଂରକ୍ଷିତ ଥିବାବେଳେ ୧୦ଟି ଅଣସଂରକ୍ଷିତ ଥିବା ଜିଲ୍ଲାପାଳଙ୍କ ଚିଠି ନଂ ୧୭୮୩, ୧୩/୨/୨୬ରେ ପ୍ରକାଶ ପାଇଛି। ତେବେ ବେତନଟୀ ଏନଏସି ଅଧ୍ୟକ୍ଷ ପଦ କେଉଁ ଆଧାରରେ ଏସଟି ଅନୁସୂଚୀତ ଜନଜାତି ପାଇଁ ସଂରକ୍ଷିତ ରଖାଗଲା, ଏହାକୁ ନେଇ ଏନଏସିର ଭୋଟରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବେତନଟୀ ବ୍ଲକ ଓ ଏନଏସି ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ଓ ଜନସଂଖ୍ୟା ଏସସି ଅନୁସୂଚୀତ ଜାତି ବର୍ଗର ଅଧିକ ଥିବାହେତୁ ଏହା ଏସସି ବର୍ଗରେ ମଧ୍ୟ ସଂରକ୍ଷିତ ନିର୍ବାଚନ କମିଶନର ରଖିଛନ୍ତି। ବିଧାନସଭା ଆସନ ପାଇଁ ଏକ ପ୍ରକାରର ନିୟମ ସଂରକ୍ଷଣ ପାଇଁ ନିର୍ବାଚନ କମିଶନର ଧାର୍ଯ୍ୟ କରିଥିବାବେଳେ ସ୍ୱାୟତ୍ତ ଶାସନ ପାଇଁ ଭିନ୍ନ ନିୟମ ରହିଛି କି ବୋଲି ବିଭିନ୍ନ ଅନୁଷ୍ଠାନ ଓ ଫୋରମ ପକ୍ଷରୁ ପ୍ରଶ୍ନ କରାଯାଇଛି। ବାପ ରାଣ ଡିଙ୍କି ଗିଳ ନ୍ୟାୟରେ ବେତନଟୀ ଏନଏସି ଅଧ୍ୟକ୍ଷ ପଦ ଅନୁସୂଚିତ ବର୍ଗ ପାଇଁ ସଂରକ୍ଷିତ ରଖାଯାଇଥିବାରୁ ସହରବାସୀଙ୍କ ପକ୍ଷରୁ ଏହାର ପ୍ରତିବାଦ କରାଯିବା ସହିତ ଯଦି ଏହାକୁ ପରିବର୍ତ୍ତନ କରାଯାଇ ସାଧାରଣ ଅଣସଂରକ୍ଷିତ କରା ନ ଯାଏ, ତେବେ ଭୋଟ ବର୍ଜନ କରାଯିବ ବୋଲି ସଚେତନ ଭୋଟରଙ୍କ ପକ୍ଷରୁ ସତର୍କ କରାଯିବା ସହିତ ପୁନର୍ବିଚାର କରାଯିବା ପାଇଁ ଦାବି କରାଯାଇଛି।

# ବେଆଇନ ଗଚ୍ଛିତ ବାଲି ଡିପୋ ଉପରେ ମାଇନିଂ ବିଭାଗର ଚଢ଼ଉ



ସାରସକଣା,୨୧।୭(ସମିସ): ସାରସକଣା ବ୍ଲକ ସାରସକଣା ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ଜାମଶୋଳାଠାରେ ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ଉପରେ ଖଣି ବିଭାଗ ଚଢ଼ଉ କରିଛି। ଜାମଶୋଳା ଅଞ୍ଚଳରେ ହଜାର, ହଜାର ଟ୍ରିପ ବେଆଇନ ବାଲି ଗଚ୍ଛିତ କରାଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟକୁ ଚାଲାଣ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ମାପିଆ ବେପିଂକର ଭାବେ ବାଲି ଚାଲାଣ କରି କୋଟି କୋଟି ଟଙ୍କା ରାଜସ୍ୱ ହରିଲୁଟ କରୁଛନ୍ତି। ଆଜି ଦ୍ୱିପ୍ରହରରେ ମାଇନିଂ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଆକସ୍ମିକ ଚଢ଼ଉ କରାଯାଇ ବେଆଇନ ବାଲି ଡିପୋକୁ ଜବତ କରାଯାଇଛି। ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି।

ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଆଜି ଜାମଶୋଳାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଝାରପୋଖରୀଆ ଥାନା ଅନ୍ତର୍ଗତ ଜାମଶଳା ଅଞ୍ଚଳର ବେଆଇନ ଗଚ୍ଛିତ ବାଲି ଡିପୋ ଉପରେ ଚଢ଼ଉ କରାଯାଇଥିଲା। ନୂତନ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସହଯୋଗ କରିଥିଲେ। ସରକାରୀ ବାଲିଘାଟରୁ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବାବେଳେ ନିର୍ଦ୍ଦିଷ୍ଟ ସ୍କ୍ରିନିଂ ପ୍ଲାଣ୍ଟକୁ ଏତେ ପରିମାଣର ବାଲି କେଉଁଠାରୁ ଆସୁଛି ଓ ଶହ ଶହ ଟ୍ରିପ୍ ବେଆଇନ୍ ବାଲି ଗଚ୍ଛିତ କରି ବାହାର ରାଜ୍ୟ ଚାଲାଣ କରୁଛି। କାରବାର ପଛରେ ଖଳନାୟକ କିଏ ଓ କାହା ଛତ୍ରଛାୟା ତଳେ ଏଭଳି ବ୍ୟବସାୟ ଚାଲିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ଚଢ଼ଉ ଜାରି ରହିବ ଓ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ■ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

# ବିପର୍ଯ୍ୟସ୍ତ ଶୌଚାଳୟ, ବାହାରେ ଶୌଚ ହେଉଛନ୍ତି ରୋଗୀ




ବେତନଟୀ,୨୧।୭(ସମିସ): ସରକାରୀ ସ୍କୁଲରେ ଶୌଚାଳୟର ଅଭାବ, ସରକାରୀ କାର୍ଯ୍ୟାଳୟରେ ଅଚଳ ଶୌଚାଳୟ କିମ୍ବା ପୌର ପରିଷଦ ଦ୍ୱାରା ନିର୍ମିତ ଭଙ୍ଗା ଶୌଚାଳୟ ବିଷୟରେ ଖବର ଆସିବା କୌଣସି ନୂଆ କଥା ନୁହେଁ। ମାତ୍ର ଏକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୌଚାଳୟ ଭଳି ଅତି ମୌଳିକ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ରୋଗୀ ବାଧ ହୋଇ ବାହାରେ ଶୌଚ କରିବା ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ବୈଶିଙ୍ଗା ସ୍ୱାସ୍ଥ୍ୟ ଓ ୱେଲ୍‌ନେସ୍ କେନ୍ଦ୍ରରେ ଏଭଳି ଏକ ସମ୍ବେଦନଶୀଳ ତଥା ନିନ୍ଦନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଦେଇଛି।

ସୂଚନା ମୁତାବକ, ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥା'ନ୍ତି। ମାତ୍ର ଏଠାରେ ସ୍ୱାସ୍ଥ୍ୟସେବା ନାଁରେ ରୋଗୀଙ୍କୁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଏହି ସମସ୍ୟାର ଶିକାର ହୋଇଛନ୍ତି ଜଣେ ଦିବ୍ୟାଙ୍ଗ ରୋଗୀ ଓ ତାଙ୍କ ପରିବାର। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଦିଲ୍ଲୀପ ସିଂ ନାମକ ଜଣେ ଦିବ୍ୟାଙ୍ଗ ଯୁବକ ଝାଡ଼ାବାନ୍ତି ରୋଗରେ ପୀଡ଼ିତ ହେବାରୁ ତାଙ୍କ ଭାଇ ପ୍ରତାପ ସିଂ ତାଙ୍କୁ ଆଜି ସୋମବାର ଭୋର ସମୟରେ ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ତାଙ୍କ ପ୍ରାଥମିକ ପରୀକ୍ଷା ନିରୀକ୍ଷା କରିବା ପରେ ୱାର୍ଡରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଦିଲୀପଙ୍କୁ ପୁନର୍ବାର ଶୌଚ ପାଇଁ ଯିବାର ଆବଶ୍ୟକତା ପଡ଼ିଥିଲା। ୱାର୍ଡ ସଂଲଗ୍ନ ଦୁଇଟି ଶୌଚାଳୟ ଶୋଚନୀୟ ଭାବେ ଭାଙ୍ଗିରୁଜି ଅଚଳ ହୋଇପଡ଼ିଛି। ମୁଁ ମୋ ଦିବ୍ୟାଙ୍ଗ ଭାଇକୁ ଧରି ବାହାରେ ଥିବା ଅନ୍ୟ ତିନୋଟି ଶୌଚାଳୟ ନିକଟକୁ ନେଇଥିଲି, ମାତ୍ର ସେଗୁଡ଼ିକରେ ତାଲା ପଡ଼ିଥିଲା। ଶେଷରେ କୌଣସି ଉପାୟ ନପାଇ ଡ୍ୟୁଟିରେ ଥିବା ନର୍ସଙ୍କ ପରାମର୍ଶ କ୍ରମେ ମୋ ଭାଇକୁ ବାହାର ପଡ଼ିଆକୁ ନେଇ ଶୌଚ କରାଇବାକୁ ବାଧ ହୋଇଛି। ଏହା କେବଳ ପ୍ରତାପ କିମ୍ବା ଦିଲୀପଙ୍କ ଗୋଟିଏ କାହାଣୀ ନୁହେଁ; ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ପ୍ରତ୍ୟେକ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନିୟମିତ ଭାବେ ଏହିପରି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀ ବାହାରେ ଶୌଚ ହେବା ଦ୍ୱାରା ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପିବାର ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ଏହି ଗୁରୁତର ସମସ୍ୟା ସମ୍ପର୍କରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱନାଥ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଛନ୍ତି ଯେ, ଏହି ସମସ୍ୟା ବାବଦରେ ସେ ପୂର୍ବରୁ ଅବଗତ ନଥିଲେ। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଏହାର ଅନୁସନ୍ଧାନ କରାଯିବ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାର ବିକାଶ ଓ "ସ୍ୱଚ୍ଛ ଭାରତ ଅଭିଯାନ" ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଦାବି କରୁଥିବା ବେଳେ, ବୈଶିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରର ଏହି ଚିତ୍ର ବାସ୍ତବତାକୁ ପ୍ରତିଫଳିତ କରୁଛି। ବିଶେଷ କରି ଜଣେ ଦିବ୍ୟାଙ୍ଗ ରୋଗୀଙ୍କୁ ଏଭଳି ଅମାନବୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବା ଆମର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ବିଭାଗ କେବଳ ଆଶ୍ୱାସନାରେ ସୀମିତ ନରହି, ଭଙ୍ଗାରୁଜା ଶୌଚାଳୟଗୁଡ଼ିକର ମରାମତି କରିବା ସହ ତାଲା ପଡ଼ିଥିବା ଶୌଚାଳୟଗୁଡ଼ିକୁ ରୋଗୀଙ୍କ ବ୍ୟବହାର ପାଇଁ ତୁରନ୍ତ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟ

# କର୍ମଚାରୀ ଅଭାବ, ଲୋକଙ୍କୁ ମିଳୁନି ସଠିକ୍ ସେବା

ମହୁଲଡିହା,୨୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏବେ କର୍ମଚାରୀ ଅଭାବ ପରିଲକ୍ଷିତ ହେଉଛି। ସଠିକ୍ ସମୟରେ ହୋଇପାରୁନି ଜନସାଧାରଣଙ୍କ କାମ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଠାକୁରମୁଣ୍ଡା ତହସିଲରେ କର୍ମଚାରୀ ଅଭାବ ହେତୁ କାର୍ଯ୍ୟ ଧିମେଇ ଯାଇଛି। ବିଭିନ୍ନ କାମରେ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। କାର୍ଯ୍ୟ ଦିବସରେ ତହସିଲକୁ ଆସିଲେ ହଇରାଣର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

ଠାକୁରମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ୪ ଜଣ କନିଷ୍ଠ କିରାଣି ପଦବୀ ରହିଛି। ଚାରିଟି ପଦବୀରେ କେହି ନାହାନ୍ତି। ୪ ବରିଷ୍ଠ କିରାଣି ପଦବୀ ଥିବାବେଳେ ୨ ଜଣ ବରିଷ୍ଠ କିରାଣି କାର୍ଯ୍ୟ କରୁଛନ୍ତି। ୨ ବର୍ଷ ଧରି ରାଜସ୍ୱ ସୁପରଭାଇଜର ପଦ ଖାଲି ପଡ଼ିଛି। ଠାକୁରମୁଣ୍ଡା ତହସିଲ ଅଧୀନରେ ୫ଟି ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ଜଣେ। ୭ ଜଣ ସହକାରୀ ରାଜସ୍ୱ ନୀରିକ୍ଷକଙ୍କ ଜାଗାରେ ଅଛନ୍ତି ୨ ଜଣ। ସରକାର ନିଯୁକ୍ତି ଦେଉନାହାନ୍ତି କିମ୍ବା ଅନ୍ୟ ସ୍ଥାନରୁ ବଦଳି କରି ଭରଣା କରାଯାଉନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ସରକାରରେ ଏଭଳି ଚାଲିଛି ବିକାଶ। କେବଳ ଧର୍ମକୁ ଆଖିଠାର ଭଳି ସେବା ଯୋଗାଉଛି ତହସିଲ। ତହସିଲ ଉପରେ ଚାପ ଲମ୍ବା ନାହିଁ। ପୁଣି ଜମି ପଞ୍ଜୀକରଣ ଦାୟିତ୍ୱ ମଧ୍ୟ ରହିଛି। ଆବଶ୍ୟକ କର୍ମଚାରୀ ବିନା କେମିତି ମିଳିବ ସେବା। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ କର୍ମଚାରୀ ଅଭାବ ଥିବା ସ୍ୱୀକାର କରିଛନ୍ତି।



### ପ୍ରଶାସନିକ ଉଦାସୀନତା

# ଜମି ପ୍ରଦାନ ପରେ ବି ପ୍ରତିଷ୍ଠା ହେଲାନି ଦମକଳ କେନ୍ଦ୍ର

କୁଳିଅଣା,୨୧।୭ (ସମିସ):

କୁଳିଅଣା ବ୍ଲକ୍‌ର ସୀମାନ୍ତ ତଥା ଅଳ୍ପ ଜନବସତିପୂର୍ଣ୍ଣ ଅଞ୍ଚଳ ଚାନ୍ଦୁଆଠାରେ ଏକ ସରକାରୀ କୋଠାରେ ଅସ୍ଥାୟୀ ଭାବେ ୨୦୨୨ରୁ ଅଗ୍ନିଶମ କେନ୍ଦ୍ର କାର୍ଯ୍ୟ କରୁଥିବାବେଳେ ଏହାର ନୂତନ ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ମାତ୍ର ଭୌଗୋଳିକ ସ୍ଥିତିରୁ କୁଳିଅଣା ବ୍ଲକର ଅତି ସଘନ ଜନବସତିପୂର୍ଣ୍ଣ ୮ ନମ୍ବର ଜୋନର ବାସିନ୍ଦା ସଠିକ୍ ଜରୁରିକାଳୀନ ସେବା ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି। କୁଳିଅଣା କିମ୍ବା ଏହାର ଆଖପାଖ ଜନବସତି ଅଞ୍ଚଳରେ ନିଆଁ ଲାଗିବା, ଜାତୀୟ ରାଜପଥରେ ଭୟାବହ ସଡ଼କ ଦୁର୍ଘଟଣା ଘଟିବା କିମ୍ବା ନଦୀରେ କେହି ଭାସିଯିବା ସମୟରେ ଚାନ୍ଦୁଆ ଅଗ୍ନିଶମ କେନ୍ଦ୍ରକୁ ଉଦ୍ଧାର ପାଇଁ ଯୋଗାଯୋଗ କଲେ ମଧ୍ୟ ଗାଡ଼ି ଏତେ ବିଳମ୍ବରେ ପହଞ୍ଚୁଛି ଯେ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଉଛି। ପ୍ରଶାସନର ଏଭଳି ଦାୟିତ୍ୱହୀନ ବ୍ୟବସ୍ଥା ବିପଦରେ ଥିବା ଲୋକଙ୍କ ପାଇଁ ଏକ କ୍ରୂର ଅଟ୍ଟହାସ୍ୟ ପାଲଟିଛି। ବାଧ ହୋଇ ସ୍ଥାନୀୟ ଲୋକେ ବାଙ୍ଗିରିପୋଷି କିମ୍ବା ବାରିପଦା ଅଗ୍ନିଶମ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ମାତ୍ର ଅତ୍ୟଧିକ ଦୂରତା ଯୋଗୁଁ ସେଠାରୁ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହି ଗମ୍ଭୀର ସମସ୍ୟାର ସମାଧାନ ପାଇଁ ପୂର୍ବରୁ କୁଳିଅଣା ତହସିଲ ପକ୍ଷରୁ ପାରିଆକୁଲି ମୌଜାରେ କୁଳିଅଣା ଅଗ୍ନିଶମ କେନ୍ଦ୍ର ନିମନ୍ତେ ଖାତା ନଂ ୧୪୮ ଏ ୧. ୭୦ ଡେସିମିଲ ସରକାରୀ ଜମି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ମୁଖ୍ୟ ଅଗ୍ନିଶମ ଅଧିକାରୀ କଟକଙ୍କୁ ହସ୍ତାନ୍ତର କରାଯାଇଥିଲା। ଉପଜିଲ୍ଲାପାଳ ବାରିପଦାଙ୍କ ସୁପାରିଶକ୍ରମେ ତାଙ୍କ ମାଧ୍ୟମରେ କୁଳିଅଣା ତହସିଲଦାରଙ୍କଠାରୁ ଏହା ଗ୍ରହଣ କରାଯାଇଛି। ଏସବୁ ସତ୍ତ୍ୱେ କୁଳିଅଣାରେ ଅଗ୍ନିସେବା କେନ୍ଦ୍ର ଖୋଲିବା ପରିବର୍ତ୍ତେ ଉପାନ୍ତ ଅଞ୍ଚଳ ଚାନ୍ଦୁଆରେ କରୋନା ସମୟରେ ୧୮/୫/୨୦୨୨ରେ ଆଭାସୀ ମାଧ୍ୟମରେ ସରକାର ଅତି ତରବରିଆ ଭାବେ ଲୋକାର୍ପିତ କରିଥିଲେ। ଏବେବି ବ୍ଲକ ମୁଖ୍ୟ ଦପ୍ତରର ସରକାରୀ କ୍ୱାଟରରେ ଅଗ୍ନି ସେବା କେନ୍ଦ୍ରଟି କାର୍ଯ୍ୟ କରୁଛି।




ଚାନ୍ଦୁଆ ଆରଆଇ ସର୍କଲ ଅନ୍ତର୍ଗତ ବଡ଼ତିଳଉ ମୌଜା ଖାତା ନମ୍ବର ୧୧୮, ପ୍ଲଟ୍ ନମ୍ବର ୧/୭୯୩ ଅଧୀନରେ ୧.୫୦ ଡେସିମିଲ୍ ଜମି ଅଗ୍ନିଶମ ବିଭାଗକୁ ହସ୍ତାନ୍ତର କରାଯାଇସାରିଛି। ସେହି ସ୍ଥାନରେ ଏବେ ଅଗ୍ନିଶମ ସେବାକେନ୍ଦ୍ର ଦପ୍ତର ନିର୍ମାଣ କାର୍ଯ୍ୟ ଚାଲିଛି। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ରାଜନୈତିକ ଓ ଅମଲାତାନ୍ତ୍ରିକ ଉଦାସୀନତା ଯୋଗୁଁ ଦମକଳ କେନ୍ଦ୍ର କାମ ଶେଷ ହେଉନି କିମ୍ବା ସେହି ଜମିକୁ ତହସିଲକୁ ମଧ୍ୟ ଅଗ୍ନିଶମ ବିଭାଗ ଫେରସ୍ତ କରୁନାହିଁ। କୁଳିଅଣା ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେବା ସହ ଏହା ଦେଇ ଯାଇଥିବା ଜାତୀୟ ରାଜପଥ ଏକ ପ୍ରମୁଖ ଦୁର୍ଘଟଣାପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ଚିହ୍ନିତ ଜମିରେ ତୁରନ୍ତ ଆଉଏକ ସ୍ଥାୟୀ ଦମକଳ କେନ୍ଦ୍ର ସ୍ଥାପନ କରିବାକୁ ସାଧାରଣ ଜନତା, ବୁଦ୍ଧିଜୀବୀ ଓ ବ୍ୟବସାୟୀ ସଂଘ ଦାବି କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରାଯାଇଥିଲେ ସୁଦ୍ଧା ସରକାର ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ସରକାର ଯଦି ଏହି ଜନଦାବିକୁ ତୁରନ୍ତ ପ୍ରାଥମିକତା ଭିତ୍ତିରେ ପୂରଣ ନ କରନ୍ତି, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ୮ ନମ୍ବର ଜୋନରେ ଏହାର ପ୍ରଭାବ ପଡ଼ିବ।

# ହକି ବିଶ୍ୱକପ୍: ଭାରତୀୟ ଦଳରେ ଅମିତ୍ ଓ ଶିଳାନନ୍ଦ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି)

ପୁରୁଷ ହକି ବିଶ୍ୱକପର ଷୋଡ଼ଶ ସଂସ୍କରଣ ଅଗଷ୍ଟ ୧୫ରୁ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ମିଳିତ ଭାବେ ଆୟୋଜିତ ହେବାକୁ ଯାଉଛି। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ହରମନପ୍ରୀତ୍ ସିଂହଙ୍କୁ ଘୋଷିତ ଦଳର ନେତୃତ୍ୱ ଭାର ଦିଆଯାଇଛି। ସେହିଭଳି ଘୋଷିତ ଦଳରେ ଓଡ଼ିଶାରୁ ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଯୁବ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ୩୩ ବର୍ଷୀୟ ଅମିତ୍‌ଙ୍କ ଏହା ତୃତୀୟ ହକି ବିଶ୍ୱକପ୍ ହେବ। ଏଥିପୂର୍ବରୁ ସେ ୨୦୧୮ ଓ ୨୦୨୩ରେ ଓଡ଼ିଶାରେ ଅନୁଷ୍ଠିତ କ୍ରମାଗତ ଦୁଇଟି ବିଶ୍ୱକପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଅପରପକ୍ଷରେ ୨୭ ବର୍ଷୀୟ ଶିଳାନନ୍ଦଙ୍କ ଏହା ପ୍ରଥମ ସିନିଅର ବିଶ୍ୱକପ୍ ହେବ। ଆଗାମୀ ବିଶ୍ୱକପରେ ଭାରତ ପୁଲ୍-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଭାରତ ସମେତ ଇଂଲଣ୍ଡ, ପାକିସ୍ତାନ ଓ ୱେଲ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ୱେଲ୍ସ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତ ଏହାର ସମସ୍ତ ପୁଲ୍ ପର୍ଯ୍ୟାୟ ମ୍ୟାଚ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନରେ ଖେଳିବ। ସର୍ବାଧିକ ୪ଟି ବିଶ୍ୱକପ ଜିତି ପାକିସ୍ତାନ ସବୁଠୁ ସଫଳ ଦଳ ରହିଛି। '୫୦ ବର୍ଷ ପରେ ଭାରତ ଦ୍ୱିତୀୟଥର ଟାଇଟଲ୍ ଜିତି ଇତିହାସ ରଚିବ' ବୋଲି ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଆଶାବାଦୀ ରହିଛନ୍ତି। ଭାରତ ପ୍ରଥମ ଓ ଶେଷଥର ଲାଗି ୧୯୭୫ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।



ଶିଳାନନ୍ଦ ଓ ଅମିତ୍

### ଘୋଷିତ ଭାରତୀୟ ଦଳ

ଡିଫେଣ୍ଡର: ହରମନପ୍ରୀତ୍ ସିଂହ (ଅଧିନାୟକ), ଜରମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଜୁଗରାଜ ସିଂହ, ସଞ୍ଜୟ, ସୁମିତ, ଯଶଦୀପ ସ୍ୱିଆଚ, ମିଡଫିଲ୍ଡର: ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ଫରୱାର୍ଡ: ଦିଲପ୍ରୀତ୍ ସିଂହ, ଶିଳାନନ୍ଦ ଲାକ୍ରା, ସୁଖଜିତ୍ ସିଂହ, ମନଦୀପ ସିଂହ, ଅଭିଷେକ।

## ଫିଫା ବିଶ୍ୱକପ୍ ଫୁଟବଲ୍‌ରେ ରେକର୍ଡ

# ୧୪ ଆତ୍ମଘାତୀ, ବଦଳ ଖେଳାଳିଙ୍କ ୫୦ ଗୋଲ୍




ନ୍ୟୁୟର୍କ,୨୧।୭ (ଏଜେନ୍ସି)

ସ୍ଥାନୀୟ ମେଟଲାଇଫ୍ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ୧-୦ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ୧୬ବର୍ଷର ବ୍ୟବଧାନ ପରେ ଚାମ୍ପିଅନ ହୋଇଛି। ଏହି ମୁକାବିଲା ସହ ଚଳିତ ବିଶ୍ୱକପ୍‌ରେ ଏକାଧିକ ରେକର୍ଡ ପ୍ରତିଷ୍ଠା ହୋଇଛି।

### ୧୦୪ ମ୍ୟାଚ୍‌ରେ ୩୦୮ ଟି ଗୋଲ୍

ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ୪୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯାଇଥିଲା। ଏହି ୧୦୪ଟି ମ୍ୟାଚ୍‌ରେ ମୋଟ ୩୦୮ଟି ଗୋଲ୍‌ସ୍କୋର ହୋଇଛି। ମ୍ୟାଚ୍ ପ୍ରତି ୨.୯୮ ହାରରେ ଗୋଲ୍ ହୋଇଛି। ତାହା ମଧ୍ୟରୁ ଇଂଲଣ୍ଡ ଓ ଫ୍ରାନ୍ସ ଟିମ୍ ସର୍ବାଧିକ ୨୦ଟି ଲେଖାଏଁ ଗୋଲ୍ ଦେଇଛନ୍ତି। ଆର୍ଜେଣ୍ଟିନା ୧୯ଟି ଗୋଲ୍ ଦେଇ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ପେନ୍ ଓ ବେଲଜିୟମ୍ ୧୪ଟି ଲେଖାଏଁ ଗୋଲ ଦେଇଛନ୍ତି। ନରୱେ ୧୩ଟି ଗୋଲ ଦେଇଥିଲାବେଳେ ୯ଟି ଦେଶ ୨ଟି ଲେଖାଏଁ, ୪ଟି ଦେଶ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲାବେଳେ ପାନାମା ଆଦୌ ଗୋଲ ସ୍କୋର କରିପାରି ନାହିଁ। କତାର ସର୍ବାଧିକ ୯ଟି ଗୋଲ୍ ବରଣ କରିଛି।

### ସର୍ବାଧିକ ଗୋଲ୍ ହୋଇଥିବା ମ୍ୟାଚ୍ ଇଂଲଣ୍ଡ ୬ ବନାମ ଫ୍ରାନ୍ସ ୪

ବିଶ୍ୱକପର ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୬-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ହୋଇଥିବା ୧୦ଟି ଗୋଲ୍ ଚଳିତ ବିଶ୍ୱକପ୍‌ରେ ସର୍ବାଧିକ। ସେହିପରି କ୍ୟୁରାସାଓକୁ ଜର୍ମାନୀ ୭-୧ ଓ କତାରକୁ କାନାଡା ୬-୦ ଗୋଲରେ ପରାସ୍ତ କରିଥିଲା।

### ଆତ୍ମଘାତୀ ମହମ୍ମଦ୍ ହାନି



ଏହି ବିଶ୍ୱକପ୍‌ରେ ୧୩ ଜଣ ଖେଳାଳି ୧୪ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି। ୨୦୧୮ ରୁଷିଆରେ ହୋଇଥିବା ବିଶ୍ୱକପ୍‌ଠାରୁ ଏହା ୨ଟି ଅଧିକ। ଏଥିରେ ଇଜିପ୍ଟର ମହମ୍ମଦ୍ ହାନି ବିଶ୍ୱର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍‌ରେ ୨ଟି ଆତ୍ମଘାତୀ ଗୋଲ୍ ସ୍କୋର କରିଛନ୍ତି।

### କିଲିଆନ୍ ଏମ୍‌ବାପେ ନଂ-୧

ଫ୍ରାନ୍ସର ଅଧିନାୟକ କିଲିଆନ୍ ଏମବାପେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୦ଟି ଗୋଲ୍ ସ୍କୋର କରି ଗୋଲ୍ଡେନ୍ ବୁଟ ପୁରସ୍କାର ହାସଲ କରିଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୮ଟି, ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ୭ଟି ଲେଖାଏଁ ଗୋଲ ଦେଇଛନ୍ତି। ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ ଓ ଫ୍ରାନ୍ସର ବାଲନ ଡି'ଓର ପୁରସ୍କାର ବିଜେତା ଓଉସ୍‌ମାନେ ଡେମ୍ବେଲେ ୬ଟି ଲେଖାଏଁ ଗୋଲ ଦେଇଛନ୍ତି।

### ୪ଟି ହ୍ୟାଟ୍ରିକ୍



ଏଥର ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ହୋଇଥିଲେ ମଧ୍ୟ ମାତ୍ର ୪ଟି ହ୍ୟାଟ୍ରିକ୍ ଦେଖିବାକୁ ମିଳିଛି। ଏହା ମଧ୍ୟରୁ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଓ ପ୍ଲେ ଅଫ୍‌ରେ ଗୋଟିଏ ହ୍ୟାଟ୍ରିକ୍ ହୋଇଥିଲା। ଫ୍ରାନ୍ସ ବିପକ୍ଷ ପ୍ଲେ ଅଫ' ମୁକାବିଲାରେ ଇଂଲଣ୍ଡର ବୁକାୟୋ ସାକା ଚତୁର୍ଥ ଖେଳାଳି ଭାବେ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିଲେ। ଗ୍ରୁପ ପର୍ଯ୍ୟାୟରେ ଆଲଜେରିଆ ବିପକ୍ଷରେ ଆର୍ଜେଣ୍ଟିନାର ଲିଓନେଲ ମେସି, କତାର ବିପକ୍ଷରେ କାନାଡାର ଜୋନାଥନ ଡେଭିଡ୍ ଓ ନରୱେ ବିପକ୍ଷରେ ଫ୍ରାନ୍ସର ଓଉସମାନେ ଡେମ୍ବେଲେ ହ୍ୟାଟ୍ରିକ ଅର୍ଜନ କରିଥିଲେ।

### ବଦଳ ଖେଳାଳିଙ୍କ ରାଜୁତି

ଏହି ବିଶ୍ୱକପ୍‌ରେ ବଦଳ ଖେଳାଳିଙ୍କ ଦ୍ୱାରା ହୋଇଥିବା ଗୋଲରେ ଅନେକ ମ୍ୟାଚ୍‌ର ଭାଗ୍ୟ ନିର୍ଦ୍ଧାରଣ କରାଯାଇଛି। ଏହି ବଦଳ ଖେଳାଳିମାନେ ଏଥର ୫୦ଟି ଗୋଲ ଦେଇଛନ୍ତି। ଜର୍ମାନୀର ଡେନିଜ୍ ଉନ୍ଦାଭ ଓ ସ୍ୱିଜରଲାଣ୍ଡର ଜୋହାନ ମାନଜାମ୍ବି ବ୍ୟକ୍ତିଗତ ଭାବେ ୩ଟି ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି। ଫାଇନାଲରେ ସ୍ପେନ୍‌ର ଫେରାନ ଟୋରେସ୍ ବଦଳ ଖେଳାଳିଭାବେ ଦେଇଥିବା ଗୋଲ୍‌ଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଗୋଲ୍ ବଳରେ ସ୍ପେନ୍ ଚାମ୍ପିଅନ ହୋଇଥିଲା।୨୦୧୪ରେ ସର୍ବାଧିକ ୩୦ଟି ଗୋଲ ବଦଳ ଖେଳାଳି ସ୍କୋର କରିଥିଲେ।

## ସ୍ୱଦେଶରେ ସ୍ପେନ୍‌କୁ ବିପୁଳ ସମ୍ବର୍ଦ୍ଧନା

ମାଦ୍ରିଦ୍/ବୁଏନସ ଆଇରିସ୍,୨୧।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ଫାଇନାଲ ପରେ ଚାମ୍ପିଅନ ସ୍ପେନ୍ ଓ ରନର୍ସ ଅପ୍ ଆର୍ଜେଣ୍ଟିନା ଦଳ ସ୍ୱଦେଶ ଫେରିବା ପରେ ସେମାନଙ୍କୁ ନିଜ ନିଜ ଦେଶରେ ବିପୁଳ ସ୍ୱାଗତ କରାଯାଇଛି। ମାଦ୍ରିଦ୍ ଏହି ସମ୍ବର୍ଦ୍ଧନାରେ ଉତ୍ସବ ମୁଖର ହୋଇଥିଲାବେଳେ ଆର୍ଜେଣ୍ଟିନାର ରାଜଧାନୀର ଲକ୍ଷ ଲକ୍ଷ ସମର୍ଥକ ନାଚି ନାଚି ସେମାନଙ୍କ ଖେଳାଳିଙ୍କୁ ସମର୍ଥନ ଜଣାଇଥିଲେ। ଚାମ୍ପିଅନ୍ ସ୍ପେନ୍ ଦଳ ମାଦ୍ରିଦ୍‌ରେ ପହଞ୍ଚିବା ପରେ ରାଜପରିବାର ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ଏକ ଖୋଲା ବସ୍‌ରେ ଖେଳାଳିମାନଙ୍କୁ ମାଦ୍ରିଦ୍ ସହର ମଧ୍ୟ ଦେଇ 'ଆମେ ଚାମ୍ପିଅନ୍' ବ୍ୟାନର ସହ ଏକ ପଡ଼ିଆକୁ ନିଆଯାଇଥିଲା। ସେଠାରେ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍ ଖେଳାଳିମାନଙ୍କୁ ସ୍ୱାଗତ କରି ତୁମମାନଙ୍କ ଲାଗି ଆମେ ଓ ଆମ ଦେଶ ଗର୍ବିତ ବୋଲି କହିଥିଲେ। ସେହିଭଳି ସ୍ପେନର ବିଶିଷ୍ଟ ଗାୟକମାନେ ଯଥା ଆଇତାନା, ଆନା ମେନା ଓ ଲୋଲା ଇଣ୍ଡିଗୋ ପ୍ରମୁଖ ଉପସ୍ଥିତ ଥିଲେ। ଫରୱାର୍ଡ ଖେଳାଳି ଇଗ୍ଲେସିଆସ୍ ଡିଜେ ବଜାଇଥିଲେ। ଏଠାରେ ଲକ୍ଷେ କୋଡିଏ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ଆଇକନ୍ ଖେଳାଳି ଲିଓନେଲ ମେସିଙ୍କ ବ୍ୟତୀତ ଲିଓନେଲ ସ୍କୋଲାନିଙ୍କ ସହ ଅନ୍ୟ ସମସ୍ତ ଖେଳାଳି ବୁଏନସ ଆଇରିସ୍ ବିମାନବନ୍ଦରରେ ପହଞ୍ଚିବା ପରେ ସମର୍ଥକମାନେ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ଆର୍ଜେଣ୍ଟିନା ରନର୍ସ ଅପ୍ ହୋଇଥିଲେ ମଧ୍ୟ ସମର୍ଥକମାନେ ଚାମ୍ପିଅନ ଭଳି ସ୍ୱାଗତ କରିଥିଲେ। ଯଦିଓ ସେମାନଙ୍କ ଲାଗି କୌଣସି ସଭାର ଆୟୋନ ହୋଇ ନ ଥିଲା, ତଥାପି ଏତେ ସଂଖ୍ୟକ ସମର୍ଥକଙ୍କ ଉପସ୍ଥିତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଭାବ ପ୍ରବଣ କରିଥିଲା। ୪ ବର୍ଷ ପୂର୍ବେ ଆର୍ଜେଣ୍ଟିନା ଚାମ୍ପିଅନ ହୋଇ ସ୍ୱଦେଶ ଫେରିବା ପରେ ସମର୍ଥକ ମାନେ ବିପୁଳ ସ୍ୱାଗତ କରିଥିଲେ।

## ଫିଫା ର୍‍ୟାଙ୍କିଙ୍ଗ; ଆର୍ଜେଣ୍ଟିନାକୁ ହଟାଇ ଶୀର୍ଷରେ ସ୍ପେନ୍

ଜୁରିଚ,୨୧।୭ (ଏଜେନ୍ସି): ଦ୍ୱିତୀୟଥର ଲାଗି ଫିଫା ବିଶ୍ୱକପ ଚାମ୍ପିଅନ ହୋଇଥିବା ସ୍ପେନ ବିଶ୍ୱ ର୍‍ୟାଙ୍କିଙ୍ଗରେ ମଧ୍ୟ ଏକ ନମ୍ବର ସ୍ଥାନ ହାସଲ କରିଛି। ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗରେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନାକୁ ହଟାଇ ସ୍ପେନ ଶୀର୍ଷକୁ ଉଠିଛି। ସେହିଭଳି ବିଶ୍ୱକପରେ କାଂସ୍ୟ ପଦକ ହାସଲ କରିଥିବା ଇଂଲଣ୍ଡ ପୂର୍ବଭଳି ୪ର୍ଥ ସ୍ଥାନରେ ସ୍ଥିର ରହିଛି। କାଂସ୍ୟ ପଦକ ଲଢ଼େଇ ମୁକାବିଲାରେ ପରାସ୍ତ ହୋଇଥିବା ଫ୍ରାନ୍ସ ମଧ୍ୟ ତୃତୀୟସ୍ଥାନରେ ଅପରିବର୍ତ୍ତିତ ରହିଛି। ସେହିଭଳି ୨୦୨୨ ବିଶ୍ୱକପ ସେମିଫାଇନାଲିଷ୍ଟ ମରୋକ୍କୋ ସପ୍ତମରୁ ୬ଷ୍ଠ ସ୍ଥାନକୁ ଉଠିଛି। ଯାହାକି ଫିଫା ଇତିହାସରେ ମରୋକ୍କୋର ସର୍ବୋଚ୍ଚ ମାନ୍ୟତା। ରେକର୍ଡ ପାଞ୍ଚଥରର ବିଜେତା ବ୍ରାଜିଲ ଗୋଟିଏ ପାହାଚ ଉପରକୁ ଉଠି ୫ମ ସ୍ଥାନ ଲାଭ କରିଛି। ତେବେ ସଦ୍ୟ ମାନ୍ୟତାରେ ନରୱେର ବଡ଼ ଉନ୍ନତୀ ଦେଖିବାକୁ ମିଳିଛି। ଏର୍ଲିଙ୍ଗ ହଲାଣ୍ଡଙ୍କ ନରୱେ ଦଳ ଏକାଥରକେ ୧୨ଟି ସ୍ଥାନ ଲମ୍ଫ ପ୍ରଦାନ କରି ୧୯ରେ ପହଞ୍ଚିଛି। ତେବେ ଚାରିଥରର ଚାମ୍ପିଅନ ଜର୍ମାନୀ ଟପ୍-୧୦ରୁ ବାଦ୍ ପଡ଼ିଛି। ରାଉଣ୍ଡ-୩୨ରେ ପାରାଗୁଲ ନିକଟରୁ ହାରିଥିବା ଜର୍ମାନୀ ଦୁଇଟି ପାହାଚ ତଳକୁ ଖସି ୧୨ତମ ସ୍ଥାନ ଲାଭ କରିଛି।

## ଲଢ଼େଇ ଏକପାଖିଆ ହେବନି: ରାଜା

ହରାରେ, ୨୧।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ଭାରତୀୟ କ୍ରିକେଟ୍ ଦଳ ମଧ୍ୟରେ ୩ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଗୁରୁବାରଠାରୁ ଆରମ୍ଭ ହେବାକୁଯାଉଛି। ଏହାପୂର୍ବରୁ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ବଡ଼ ବୟାନ ଦେଇଛନ୍ତି। ଭାରତକୁ ଚ୍ୟାଲେଞ୍ଜ କରି ରାଜା କହିଛନ୍ତି ଯେ ଉଭୟ ଦେଶ ଏହି ସିରିଜ୍ ଜିତିବା ପାଇଁ ସମାନ ସମ୍ଭାବନା ରଖିବେ। ମୁଁ ନିଶ୍ଚିତ ଯେ ଜିମ୍ବାୱେ ନିରନ୍ତର ବହୁତ ଭଲ କ୍ରିକେଟ୍ ଖେଳିଛି। ତେଣୁ ମୁଁ ନିଶ୍ଚିତ କହିପାରିବି ଯେ ଏହି ସିରିଜ୍ ଏକପାଖିଆ ହେବନାହିଁ। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ନିକଟରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ନିକଟରୁ ଟି-୨୦ ସିରିଜ ହାରିଥିବାରୁ ବେଶ୍ ଚାପରେ ରହିଛି।

## ବାସନ୍ଦ ହୋଇପାରନ୍ତି ଆର୍ଜେଣ୍ଟିନା ଖେଳାଳି

ନ୍ୟୁୟର୍କ,୨୧।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍‌ଠାରୁ ୧-୦ ଗୋଲରେ ହାରିଯିବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିଛନ୍ତି। ଯାହା ଫଳରେ କି ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ପେନ୍ ଖେଳାଳିମାନେ ତଳେ ପଡ଼ିଯାଇଥିଲେ। ବିଶେଷ କରି ଆର୍ଜେଣ୍ଟିନା। ଫୁଲ୍‌ବ୍ୟାକ୍ ନାହୁଏଲ ମୋଲିନା, ମିଡ୍‌ଫିଲ୍ଡର ଲିଆଣ୍ଡର ପାରାଡେସ୍ ଓ ଆସିଷ୍ଟାଣ୍ଟ ରେଫରୀ ଫାବିଆ ଆୟାଲାଙ୍କ ଆଚରଣ ଫିଫା ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଏହି ଘଟଣାର ତଦନ୍ତ କରିବାକୁ ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହି ଘଟଣାରେ ଖେଳାଳିମାନେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ସେମାନେ ଅତିକମ୍‌ରେ ୩ଟି ମ୍ୟାଚ୍‌ର ବାସନ୍ଦ ହେବେ। ଆର୍ଜେଣ୍ଟିନା ଖେଳାଳିଙ୍କ ଆଚରଣ ଉପରେ ଫିଫା ପକ୍ଷରୁ ଏହା ଦ୍ୱିତୀୟ ତଦନ୍ତ। ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ରେ ଆର୍ଜେଣ୍ଟିନାର କିଛି ଖେଳାଳି ଫାକ୍‌ଲାଣ୍ଡ ଆମର ଶୀର୍ଷକ ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଯାହାକି ଫିଫାର ଆଚରଣ ସଂହିତାକୁ ଉଲ୍ଲଙ୍ଘନ କରୁଛି। ଉଭୟ ଘଟଣାର ତଦନ୍ତ ଭିନ୍ନ ଭିନ୍ନ ଏଥିକ୍ସ ଅଫିସର କରୁଛନ୍ତି।

## ଫାଓକୁ ଏଆଇଏଫ୍‌ଏଫ୍‌ର ଶୀର୍ଷସ୍ତରୀୟ ମାନ୍ୟତା

ଭୁବନେଶ୍ୱର, ୨୧।୭ (ସମିସ): ଗତ ୩ ବର୍ଷର ସାମଗ୍ରିକ ପ୍ରଦର୍ଶନ ଆଧାରରେ ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଦେଶରେ ପ୍ରଥମ-ସ୍ତରୀୟ ରାଜ୍ୟ ସଂଘ ମଧ୍ୟରେ ସ୍ଥାନିତ ହୋଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଫାଓକୁ ଏହି ମାନ୍ୟତା ମିଳିଛି। ଏଆଇଏଫଏଫ'ର ଏହି ମାନ୍ୟତା ପ୍ରଶାସନ, ତୃଣମୂଳ ବିକାଶ, ପ୍ରଶିକ୍ଷକ ଏବଂ ରେଫରୀ ଶିକ୍ଷା, ମହିଳା ଫୁଟବଲ୍, ଯୁବ ବିକାଶ, ପ୍ରତିଯୋଗିତା ଏବଂ ପ୍ରଶାସନିକ ଉତ୍କର୍ଷତା ସମେତ ଫୁଟବଲର ବିକାଶରେ ଫାଓର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏଆଇଏଫ୍‌ଏଫ'ର ଶୀର୍ଷସ୍ତରୀୟ ଜାତୀୟ ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଦଳ ଯଥା ସିନିଅର ପୁରୁଷ, ସିନିଅର ମହିଳା, ଜୁନିଅର ବାଳକ ଓ ବାଳିକା, ସବ୍‌ଜୁନିଅର ବାଳକ ଓ ବାଳିକା ବର୍ଗରେ ସେମାନଙ୍କ ଶ୍ରେଷ୍ଠତ୍ୱ ଦେଇଆସୁଛି।

# ପରାଜୟର ଯନ୍ତ୍ରଣା ଗଭୀର, ଶୁଖିବାକୁ ସମୟ ଲାଗିବ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି)


ଫିଫା ବିଶ୍ୱକପର ଫାଇନାଲରେ ସ୍ପେନ ନିକଟରୁ ହାରିବା ପରେ ଆର୍ଜେଣ୍ଟିନାର କ୍ରମାଗତ ଟାଇଟଲ ଜିତିବା ସ୍ୱପ୍ନ ଧୂଳିସାତ୍ ହୋଇଥିଲା। ଏହି ପରାଜୟକୁ ନେଇ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ପ୍ରଥମଥର ମୁହଁ ଖୋଲିଛନ୍ତି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ମେସି ଉଲ୍ଲେଖ କରିଛନ୍ତି ଯେ 'ଏହି ଯନ୍ତ୍ରଣା ବହୁତ ଗଭୀର, ଏହି କ୍ଷତକୁ ଶୁଖିବାକୁ ସମୟ ଲାଗିବ। କିନ୍ତୁ ମୁଁ ସମସ୍ତ ଭଲ ଜିନିଷକୁ ମଧ୍ୟ ଆଦର କରେ... ଯେଉଁ ମ୍ୟାଚ୍‌ଗୁଡ଼ିକରେ ଆମେ ଆମର ସର୍ବସ୍ୱ ଦେଇଥିଲୁ ଏବଂ ମୋଡ଼ ବଦଳାଇ ଦେଇଥିଲୁ, ସେହି ମ୍ୟାଚ୍‌ଗୁଡ଼ିକ ସର୍ବଦା ସ୍ମୃତିରେ ଲିପିବଦ୍ଧ ହୋଇ ରହିବ। ସମଗ୍ର ଦେଶର ସମର୍ଥନ ଯାହା ଏହି ଦଳର କଠିନ ପରିଶ୍ରମ ଏବଂ ପ୍ରୟାସ ସହିତ ମିଶି ଆମକୁ ପୁଣିଥରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କ ମଧ୍ୟରେ ସାମିଲ ହେବାର ସୁଯୋଗ ଦେଇଛି। ଆଜି ଆମେ କ'ଣ ହାସଲ କରିଛୁ ତାହା ସମ୍ପୂର୍ଣ୍ଣ ଭାବରେ ବୁଝିବା କଷ୍ଟକର, କିନ୍ତୁ ଏହି ଦଳ ଲଗାତାର ଦୁଇଟି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ମେସି ଆହୁରି ମଧ୍ୟ କହିଛନ୍ତି, "ପ୍ରତ୍ୟେକ ଅଭିନନ୍ଦନ ଓ ବାର୍ତ୍ତା ପାଇଁ ମୁଁ ସମସ୍ତଙ୍କୁ ଆନ୍ତରିକର ସହ ଧନ୍ୟବାଦ ଜଣାଉଛି। ପୁଣିଥରେ, ଆମେ ଏକ ଦେଶ ପକ୍ଷରୁ ଏକତ୍ରିତ ହୋଇଛୁ ଓ ମିଳିତ ଭାବରେ ଆର୍ଜେଣ୍ଟିନାର ନାଗରିକ ହେବାରେ ଅପାର ଗର୍ବ ଅନୁଭବ କରିଛୁ। ଚାମ୍ପିଅନ ସ୍ପେନକୁ ମଧ୍ୟ ଅଭିନନ୍ଦନ ଜଣାଉଛି' ବୋଲି ମେସି କହିଛନ୍ତି।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ବଳାତ୍କାର ଅଭିଯୋଗ

# କ୍ରିକେଟର୍ ପୋରେଲଙ୍କୁ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୋଲକାତା, ୨୧।୭ (ଏଜେନ୍ସି): ବଳାତ୍କାର ମାମଲାରେ ପଶ୍ଚିମବଙ୍ଗ ତଥା ଦିଲ୍ଲୀ କ୍ୟାପିଟାଲ୍ସ କ୍ରିକେଟର୍ ଅଭିଷେକ ପୋରେଲ ବିବାଦରେ ଫସିଛନ୍ତି। ଅଭିଷେକ ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ କଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କର ଇଲେକ୍ଟ୍ରୋନିକ ଡିଭାଇସଗୁଡ଼ିକୁ ଜବତ କରିବାକୁ ମଧ୍ୟ କୋଲକାତା ପୋଲିସକୁ କୁହାଯାଇଛି। ଜଣେ ଡାକ୍ତରୀ ଛାତ୍ରୀଙ୍କ ଅଭିଯୋଗ ଉପରେ ଦାୟର ହୋଇଥିବା ଏକ ଫୌଜଦାରୀ ମାମଲାରେ ହାଇକୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅଭିଷେକଙ୍କ ବିରୋଧରେ ବଳାତ୍କାର ସମେତ ଅପରାଧିକ ଧମକ ଏବଂ ଅନ୍ୟାନ୍ୟ ଗୁରୁତର ଅଭିଯୋଗ ଲାଗିଛି। ଜୁନ୍ ମାସର ପ୍ରାରମ୍ଭରେ ଜଣେ ଯୁବତୀ ଅଭିଷେକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଥିଲେ। ଯୁବତୀ ଜଣଙ୍କ କହିଥିଲେ ଯେ ପୋରେଲ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ୩ ବର୍ଷ ହେବ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ମତଭେଦ ଯୋଗୁ ତାଙ୍କୁ ବିବାହ ନ କରି ଅନ୍ତରଙ୍ଗ ଫଟୋ ଏବଂ ଭିଡିଓ ଭାଇରାଲ କରିବାକୁ ପୋରେଲ ଧମକ ଦେଇଥିଲେ। ଅପରପକ୍ଷରେ ବର୍ତ୍ତମାନ ବେଙ୍ଗାଲୁରୁରେ ଥିବା ପୋରେଲ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛନ୍ତି। ଅଭିଷେକ ଏହା ମଧ୍ୟ କହିଛନ୍ତି ଯେ ପୋଲିସ ଏପର୍ଯ୍ୟନ୍ତ ତାଙ୍କ ସହିତ ଯୋଗାଯୋଗ କରିନାହିଁ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS